**କ୍ରେଡିଟ କାର୍ଡ ବ୍ୟବସ୍ଥା ପରିଚାଳନା ସମ୍ବନ୍ଧୀୟ ସର୍ତ୍ତ ଓ ନିୟମାବଳୀ**

ଉପରୋକ୍ତ ସର୍ତ୍ତ ଓ ନିୟମାବଳୀଗୁଡ଼ିକ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡଙ୍କ ଦ୍ୱାରା କ୍ରେଡିଟ କାର୍ଡ ସୁବିଧା ପାଇଁ ପ୍ରୟୋଗ କରାଯିବା ସହିତ କ୍ରେଡିଟ କାର୍ଡ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା ପାଇଁ ମଧ୍ୟ ଲାଗୁ କରାଯାଇଛି ।

**I. <u>ସଂଜ୍ଞା ତଥା ବ୍ୟାଖ୍ୟା</u>**

**''ଆଫିଲିଏଟ''** ଅର୍ଥ ଏବଂ ଏହା ଅନ୍ତର୍ଗତ :

– ଯେ କୌଣସି କମ୍ପାନି ଯେ କି ଆଇସିଆଇସିଆଇ ବ୍ୟାଙ୍କର (ହୋଲଡିଂ) ନିୟନ୍ତ୍ରକ କମ୍ପାନି କିମ୍ବା ସହାୟକ କମ୍ପାନି, କିମ୍ବା

– ଜଣେ ବ୍ୟକ୍ତି ଯେ କି ଆଇସିଆଇସିଆଇ ବ୍ୟାଙ୍କ ନିୟନ୍ତ୍ରଣାଧିନ କିମ୍ବା ସାଧାରଣ ନିୟନ୍ତ୍ରଣାଧିନ ହୋଇଥିବେ, କିମ୍ବା

– ଯେ କୌଣସି ବ୍ୟକ୍ତି ଭୋଟ ଦେବା ସିକ୍ୟୁରିଟିଜର 26% କିମ୍ବା ଅଧିକ ଯେଉଁଥିରେ ଆଇସିଆଇସିଆଇ ବ୍ୟାଙ୍କର ପ୍ରତ୍ୟକ୍ଷ କିମ୍ବା ଉପାଦେୟତା ଫାଇଦା କିମ୍ବା ନିୟନ୍ତ୍ରଣ ରହିଛି ।

ଆଫିଲିଏଟର ସଂଜ୍ଞା ଓ ବ୍ୟାଖ୍ୟା ଉଦ୍ଦେଶ୍ୟରେ, ''ନିୟନ୍ତ୍ରଣ'' (କଣ୍ଟ୍ରୋଲ) କୌଣସି ବ୍ୟକ୍ତି କ୍ଷେତ୍ରରେ ଯେତେବେଳେ ବ୍ୟବହାର କରାଯାଏ, ଏହାର ଅର୍ଥ ପ୍ରତ୍ୟକ୍ଷ ଭାବରେ କିମ୍ବା ପରୋକ୍ଷ ଭାବରେ, ଏପରି ବ୍ୟକ୍ତିଙ୍କର ଭୋଟ ଗ୍ରହଣ କରୁଥିବା ସିକ୍ୟୁରିଟିଜର ଅଂଶୀଦାରୀ ମାଧ୍ୟମରେ ହେଉ କିମ୍ବା ଚୁକ୍ତି ଦ୍ୱାରା କିମ୍ବା ଅନ୍ୟ ଉପାୟରେ ପରିଚାଳନା ସଂସ୍ଥାକୁ ନିର୍ଦ୍ଦେଶ ଦେବାର କ୍ଷମତା ତଥା କର୍ମଦକ୍ଷତା ବୁଝାଯାଏ ଏବଂ ''ବ୍ୟକ୍ତି'' ଅର୍ଥ ଯେ କୌଣସି ବ୍ୟକ୍ତି ବିଶେଷ କମ୍ପାନୀ, ବ୍ୟବସାୟ ସଂସ୍ଥା, କର୍ପୋରେସନ, କୌଣସି ପାର୍ଟନରସିପ, ଟ୍ରଷ୍ଟ କିମ୍ବା ଅନ୍ୟ କୌଣସି ସତ୍ତା କିମ୍ବା ସଂଗଠନ କିମ୍ବା ଅନ୍ୟ କୌଣସି ପ୍ରାକୃତିକ କିମ୍ବା ଆଇନ ସଙ୍ଗତ ବ୍ୟକ୍ତି ବିଶେଷ ।

**''ଆବେଦନକାରୀ''** ଅର୍ଥ ବ୍ୟକ୍ତି ବିଶେଷ (ଗଣ) ଯିଏ/ଯେଉଁମାନେ ଆଇସିଆଇସିଆଇ ବ୍ୟାଙ୍କକୁ କୌଣସି ଏକ କାର୍ଡ ପାଇଁ ଆବେଦନ କରିଛନ୍ତି । କର୍ପୋରେଟ କ୍ରେଡିଟ କାର୍ଡ କ୍ଷେତ୍ରରେ ଏହାର ଅର୍ଥ ବ୍ୟକ୍ତି ବିଶେଷ (ଗଣ) ଯାହାଙ୍କର/ଯେଉଁମାନଙ୍କର ନାମ କମ୍ପାନିଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ପତ୍ରରେ ସୂଚୀତ କରାଯାଇଛି ।

**''ପ୍ରାଧିକୃତ ଡିଲର''** ଅର୍ଥ ଜଣେ ପ୍ରାଧିକୃତ ଡିଲର, ଯାହାଙ୍କ ସମ୍ବନ୍ଧରେ ବିଦେଶୀ ମୁଦ୍ରା ବିନିମୟ ପରିଚାଳନା ଆଇନ, ୧୯୯୨ ଅନୁସାରେ ଏବଂ ସମୟ ସମୟରେ ଆଇନର ସଂଶୋଧନ ଅନୁସାରେ ବ୍ୟାଖ୍ୟା କରାଯାଇଛି ।

**''ବ୍ୟବସାୟ ଦିବସ''** ଅର୍ଥ ଆବେଦନ ପତ୍ରରେ ସୂଚିତ ଅର୍ଥ କୌଣସି ଏକ କାର୍ଯ୍ୟରତ ଦିନ ଯେଉଁଦିନ ସମ୍ପୃକ୍ତ ଆଇସିଆଇସିଆଇ ବ୍ୟାଙ୍କର ଅଫିସ ଖୋଲା ରହିଥିବ ଏବଂ ସାଧାରଣ ବ୍ୟାଙ୍କ ବ୍ୟବସାୟ କାରବାର ପରିଚାଳିତ କରାଯାଉଥିବ । ଆଇସିଆଇସିଆଇ ବ୍ୟାଙ୍କ ସେହି ଅଫିସ କିମ୍ବା ଅନ୍ୟ କୌଣସି ଅଫିସ ଯାହା ମାଧ୍ୟମରେ କାର୍ଡଧାରୀ ସଦସ୍ୟଙ୍କୁ ଆବେଦନ ତଥା କାର୍ଡ ଯୋଗାଇ ଦିଆଯାଇଛି, ସେ ସମ୍ବନ୍ଧରେ ବିଜ୍ଞପ୍ତି ପ୍ରକାଶ କରିଥାଆନ୍ତି ।

**''କାର୍ଡ''** କିମ୍ବା **''କ୍ରେଡିଟ କାର୍ଡ''** କିମ୍ବା **''ଇଏମଆଇ କାର୍ଡ''** କିମ୍ବା **''କର୍ପୋରେଟ କ୍ରେଡିଟ କାର୍ଡ''** କିମ୍ବା **''ଅନ ଲାଇନ କ୍ରେଡିଟ କାର୍ଡ''** କିମ୍ବା **''ବିଜନେସ କାର୍ଡ''** କିମ୍ବା **''ଭିସା ଏମ୍‌ଚେକ୍ କ୍ରେଡିଟ୍ କାର୍ଡ''** ଅର୍ଥ ଆଇସିଆଇସିଆଇ ଭିସା/ଆମେକ୍ସ/ମାଷ୍ଟର କାର୍ଡ କ୍ରେଡିଟ କାର୍ଡ କିମ୍ବା ଅନ୍ୟ କୌଣସି କ୍ରେଡିଟ କାର୍ଡ ଯାହା ଆବେଦନକାରୀଙ୍କ ଅନୁରୋଧ ଅନୁସାରେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ ।

**''ଆପିନ''** ଅର୍ଥ ବ୍ୟକ୍ତିଗତ ଚିହ୍ନଟକରଣ ସଂଖ୍ୟା, ଯାହା ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା କାର୍ଡଧାରୀ ସଦସ୍ୟଙ୍କୁ ବଣ୍ଟନ କରାଯାଇଥାଏ କିମ୍ବା ଆଇସିଆଇସିଆଇ ବ୍ୟାଙ୍କ/କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ସମୟ ସମୟରେ ମଧ୍ୟ ନିର୍ବାଚିତ କରାଯାଇଥାଏ, ଏହା କାର୍ଡ ସଂପର୍କିତ (ଭିସା ଏମ୍‌ଚେକ୍ କାର୍ଡ କ୍ଷେତ୍ରରେ ଉପଲବ୍ଧ ନାହିଁ) ।

**''କାର୍ଡ ଆକାଉଣ୍ଟ''** ଅର୍ଥ କାର୍ଡଧାରୀ ସଦସ୍ୟଙ୍କ ନାମରେ ଖୋଲାଯାଇଥିବା ଆକାଉଣ୍ଟ (ଖାତା) ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଏହି ଆକାଉଣ୍ଟ ଅନ୍ତର୍ଭୁକ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ କ୍ରେଡିଟ କାର୍ଡର ବ୍ୟବହାର ଓ ପରିଚାଳନା କରାଯାଇଥାଏ ।

**''ନଗଦ ରାଶି–ସୀମା''** ଅର୍ଥ କାର୍ଡଧାରୀ ସଦସ୍ୟ ତାଙ୍କ କ୍ରେଡିଟ କାର୍ଡ ଆକାଉଣ୍ଟରୁ ସର୍ବାଧିକ କେତେ ପରିମାଣ ନଗଦ ଅର୍ଥ କିମ୍ବା ସମତୁଲ୍ୟ ଅର୍ଥ ପରିମାଣ ଉଠାଇ ପାରିବେ, ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ତାହାର ତାହାର ବ୍ୟାଖ୍ୟା ଏବଂ ଅନୁମୋଦନ କରାଯାଇଥାଏ । କାର୍ଡଧାରୀ ସଦସ୍ୟଙ୍କ ନଗଦ ଅର୍ଥ–ସୀମା, କ୍ରେଡିଟ (ବାକି) ସୀମା/କ୍ରୟ ସୀମାର ଏକ ସହାୟକ ବ୍ୟବସ୍ଥା ସୃଷ୍ଟି କରିଥାଏ (ଭିସା ଏମ୍‌ଚେକ୍ କାର୍ଡ କ୍ଷେତ୍ରରେ ଉପଲବ୍ଧ ନାହିଁ) ।

**''ଚାର୍ଜେସ''** କିମ୍ବା **''ଚାର୍ଜେସ''** ଅର୍ଥ ସେ ପ୍ରକାର ଚାର୍ଜେସ (ଦାବି) ଯାହା ଖଣ୍ଡ IV ରେ ବର୍ଣ୍ଣିତ କରାଯାଇଛି କିମ୍ବା ଏହି ସର୍ତ୍ତ ଏବଂ ନିୟମାବଳୀରେ (ଟର୍ମସ ଆଣ୍ଡ କଣ୍ଡିସନସରେ) ସୂଚିତ କରାଯାଇଛି । ଏଥିରେ ଅନ୍ତର୍ଭୁକ୍ତ ଚାର୍ଜେସର ସମସ୍ତ ବିଶଦ ବିବରଣୀ, ଯାହା ସମୟାନୁକ୍ରମେ ସଂଶୋଧିତ କରାଯାଇଥାଏ ଏବଂ ଆବଶ୍ୟକ ଅନୁସାରେ କାର୍ଡଧାରୀ ସଦସ୍ୟଙ୍କୁ ନିର୍ଦ୍ଦିଷ୍ଟ ଭାବରେ ମଧ୍ୟ ଜଣାଇ ଦିଆଯାଇଥାଏ, ଏ ସମସ୍ତ ସୂଚନା ସରକାରଙ୍କ ବାଣିଜ୍ୟ ଶୁଳ୍କ ସଂଯୋଜନାରେ ପ୍ରଦାନ କରାଯିବ ।

**''କମ୍ପାନି''** ଅର୍ଥ ଏକ କମ୍ପାନି, ଯାହା କମ୍ପାନିଜ୍ ଆଇନ ୧୯୫୬ ଅନୁସାରେ ବ୍ୟାଖ୍ୟା କରାଯାଇଛି ଏବଂ ଏହା ସମୟାନୁକ୍ରମେ ସଂଶୋଧିତ କରାଯାଇଛି ଏବଂ କର୍ପୋରେଟ୍ କ୍ରେଡିଟ କାର୍ଡ୍‌ସ ପାଇବା ପାଇଁ ଜଣେ ଆବେଦନକାରୀଙ୍କ ଯୋଗ୍ୟତା ସମ୍ବନ୍ଧରେ ମଧ୍ୟ ସୂଚିତ କରାଯାଇଛି ।

**''ବାକି–ସୀମା/କ୍ରୟ ସୀମା''** ଅର୍ଥ କାର୍ଡଧାରୀ ସଦସ୍ୟ ତାଙ୍କର କ୍ରେଡିଟ କାର୍ଡ ଜରିଆରେ କେଉଁ ପରିମାଣ ଅର୍ଥ ଖର୍ଚ୍ଚ କରିବା ପାଇଁ ହକ୍‌ଦାର (ଯୋଗ୍ୟ) ।

**''ଉଚ୍ଚ ବିପଦଯୁକ୍ତ ଦେଶ (ଏଚ୍‌ଆରସି)''** ଅର୍ଥାତ୍ ସେହି ଦେଶଗୁଡ଼ିକ ଯେଉଁଠାରେ କି କାର୍ଡ ସମ୍ବନ୍ଧୀୟ ତଥ୍ୟ କ୍ଷେତ୍ରରେ ତ୍ରୁଟିବିଚ୍ୟୁତି ଦେଖିବାକୁ ମିଳୁଛି ଏବଂ ଏହି ଦେଶଗୁଡ଼ିକରେ କାରବାର ଜନିତ ବିବାଦ/ଠକେଇ ଇତ୍ୟାଦି ବାବଦରେ ବିଭିନ୍ନ ସମୟରେ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ରିପୋର୍ଟ କରାଯାଉଛି । ଏସବୁ ଦେଶଗୁଡ଼ିକୁ ଆଇସିଆଇସିଆଇ ବ୍ୟାଙ୍କ ହାଇରିସ୍କ ବା ଉଚ୍ଚ ବିପଦସଂପନ୍ନ ଦେଶ ଭାବରେ ନାମିତ କରିଛି ।

**''ଆଇସିଆଇସିଆଇ ଲିମିଟ୍''** ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ ହେଉଛନ୍ତି କ୍ରେଡିଟ କାର୍ଡର ମାଲିକ, ଏହାର ଉତ୍ତରାଧିକାରୀ ଏବଂ ଅନୁମୋଦିତ ଅଧିଷ୍ଠାପକ ଅଟନ୍ତି ।

**''ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟା ଗ୍ରାହକ ସେବା କେନ୍ଦ୍ର''** ଆଇସିଆଇସିଆଇ ବ୍ୟାଙ୍କ ଫୋନ ବ୍ୟାଙ୍କିଂ ସେବା, ଯାହା ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା କାର୍ଡଧାରୀ ସଦସ୍ୟଙ୍କୁ ପ୍ରଦାନ କରାଯାଇଥାଏ।

**''ଇନଫିନିଟି''** ଆଇସିଆଇସିଆଇ ବ୍ୟାଙ୍କର ଇଣ୍ଟରନେଟ ବ୍ୟାଙ୍କିଙ୍ଗ ସେବା/ଅଧିକୃତ ୱେବସାଇଟ ବାଣିଜ୍ୟ ନାମ ସହିତ ସମ୍ବନ୍ଧିତ। ଏହା ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସ୍ଥାପିତ ଏବଂ ପରିଚାଳିତ କରାଯାଇଥାଏ । ୱେବସାଇଟ, ୟୁଆରଏଲ www.icicibank.com (ଭିସା ଏମ୍‌ଚେକ୍ କାର୍ଡ କ୍ଷେତ୍ରରେ ଉପଲବ୍ଧ ନାହିଁ)।

**''ବୀମା କମ୍ପାନି''** ଅର୍ଥାତ୍ ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନି ଲିମିଟେଡ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସମୟ ସମୟରେ ସ୍ଥିରୀକୃତ ଅନ୍ୟ କୌଣସି ଇନ୍‌ସ୍ୟୁରାନ୍ସ କମ୍ପାନି।

**''ମେମ୍ବର''** କିମ୍ବା **''କାର୍ଡ ହୋଲଡର''** କିମ୍ବା **''କାର୍ଡ ମେମ୍ବର''** ଅର୍ଥ ଏକ ଆବେଦନକାରୀ, ଯାହାଙ୍କ ନାମରେ ଏକ କାର୍ଡ ପ୍ରଦାନ କରାଯାଇଛି ଏବଂ ଯେଉଁ ବ୍ୟକ୍ତି ସେହି କାର୍ଡ ଧାରଣ କରିଛନ୍ତି।

**''ମର୍ଚ୍ଚାଣ୍ଟ ଏଷ୍ଟାବ୍ଲିସମେଣ୍ଟ''** (ବାଣିଜ୍ୟ ସଂସ୍ଥା) ଅର୍ଥ ଏପରି ସଂସ୍ଥାମାନ ଯେଉଁଠାରେ ଅବସ୍ଥାପିତ ହୋଇଥିଲେ ମଧ୍ୟ କାର୍ଡକୁ ମହତ୍ୱ ପ୍ରଦାନ କରିବେ, ଏହି ବାଣିଜ୍ୟ ସଂସ୍ଥା ସହିତ ଅନ୍ୟାନ୍ୟ ଅନ୍ତର୍ଭୁକ୍ତ ସଂସ୍ଥାମାନଙ୍କ ମଧ୍ୟରେ ଷ୍ଟୋର୍ସ, ଦୋକାନ, ରେଷ୍ଟୁରାଣ୍ଟ୍ସ, ହୋଟେଲ୍ସ, ଏୟାରଲାଇନ୍ସ, କ୍ୟାସ ଆଡଭାନ୍ସ ପଏଣ୍ଟ୍ସ, ଏଟିଏମ୍‌ସକୁ ମଧ୍ୟ ସଂଯୋଜିତ କରାଯାଇଥାଏ ଏବଂ ମେଲ ଅର୍ଡର ଆଡ୍‌ଭରଟାଇଜର (ଏପରିକି ଖୁଚୁରା ବ୍ୟବସାୟୀ, ବିତରକ କିମ୍ବା ଉତ୍ପାଦକ)।

**''ମର୍ଚ୍ଚାଣ୍ଟ''** ଅର୍ଥ ଯେ କୌଣସି ବ୍ୟକ୍ତି ଯିଏ ଏକ ବାଣିଜ୍ୟ ପ୍ରତିଷ୍ଠାନ ବା ସଂସ୍ଥାର ମାଲିକ ଏବଂ ସଂସ୍ଥାର ପରିଚାଳକ, ଏହାର ଉତ୍ତରାଧିକାରୀ ଏବଂ ଅଧିଷ୍ଠାପକ ଅଟନ୍ତି ।

**''ସର୍ବନିମ୍ନ ଦେୟ ପରିମାଣ''** କିମ୍ବା ''ଏମଏଡି '' ଅର୍ଥ ବିବରଣୀରେ ସୂଚିତ ଅର୍ଥର ପରିମାଣ।

**''ସର୍ବମୋଟ ଦେୟ ପରିମାଣ''** ''ଟିଏଡ଼ି'' ଅର୍ଥାତ୍ ବିବରଣୀରେ ଯେଉଁଭଳି ଭାବରେ ସୂଚିତ କରାଯାଇଥିବା ଅର୍ଥ ପରିମାଣ।

**''ଅର୍ଥ ପୈଠ କରିବାର ନିର୍ଦ୍ଧାରିତ ତାରିଖ''** କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ବ୍ୟବହୃତ କାର୍ଡ ଜରିଆରେ ଲାଗୁ କରାଯାଉଥିବା ବିଭିନ୍ନ ଦେୟ ପାଇଁ ପ୍ରତି ମାସର ଏକ ନିର୍ଦ୍ଦିଷ୍ଟ ପୈଠ ତାରିଖରେ ବିବରଣୀ ମାଧ୍ୟମରେ କାର୍ଡଧାରୀ ସଦସ୍ୟଙ୍କୁ ଜଣାଇ ଦିଆଯାଇଥାଏ ।

**''ପ୍ରାଥମିକ କାର୍ଡଧାରୀ ସଦସ୍ୟ''** ହେଉଛନ୍ତି ଜଣେ ବ୍ୟକ୍ତି ଯାହାଙ୍କ ନାମରେ ବ୍ୟାଙ୍କରେ କାର୍ଡ ଆକାଉଣ୍ଟ ଖୋଲା ଯାଇଛି ଏବଂ ତାଙ୍କୁ କାର୍ଡ ପ୍ରଦାନ କରାଯାଇଛି ।

**''ଆରବିଆଇ''** ଅର୍ଥ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ।

**''ଷ୍ଟେଟ୍‌ମେଣ୍ଟ''** (ବିବରଣୀ) ଅର୍ଥ ଆକାଉଣ୍ଟର ମାସିକ ବିବରଣୀ ଯାହା ପ୍ରତିମାସ କାର୍ଡଧାରୀ ସଦସ୍ୟଙ୍କୁ ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ପ୍ରାରମ୍ଭିକ ଭାବରେ ଲାଗୁ କରାଯାଇଥିବା ଆର୍ଥିକ ବୋଝ ସମ୍ବନ୍ଧରେ ପ୍ରାଥମିକ କାର୍ଡଧାରୀ ସଦସ୍ୟ ଏବଂ ସହାୟକ କାର୍ଡଧାରୀ ସଦସ୍ୟଙ୍କୁ ସେମାନଙ୍କ କାର୍ଡ ଆକାଉଣ୍ଟ ଜରିଆରେ ଜଣାଇ ଦିଆଯାଇଥାଏ।

**''ସହାୟକ କାର୍ଡଧାରୀ ସଦସ୍ୟ''** ସେ ପ୍ରାଥମିକ କାର୍ଡଧାରୀ ସଦସ୍ୟଙ୍କ ପରିବାରର ସଭ୍ୟ ଅଟନ୍ତି ଏବଂ ସେ ପ୍ରାଥମିକ କାର୍ଡଧାରୀ ସଦସ୍ୟଙ୍କ ସହିତ ସମ୍ବନ୍ଧିତ ହୋଇଥିବା କାରଣରୁ ସହଜରେ କାର୍ଡଧାରୀ ସଦସ୍ୟ ମଧ୍ୟ ହୋଇ ପାରିଥାଆନ୍ତି (ସହାୟକ କାର୍ଡ ଏମ୍‌ଚେକ୍ ଉପରେ ଉପଲବ୍ଧ ନୁହେଁ)।

**''ବାଣିଜ୍ୟ ଶୁଳ୍କ ସଂଯୋଜନ''** ହେଉଛି ଏକ ସଂଯୋଜନ ଯାହା କାର୍ଡ ପାଇଁ ପ୍ରଦତ୍ତ ବିଭିନ୍ନ ସେବା ଉଦ୍ଦେଶ୍ୟରେ ଲାଗୁ କରାଯାଉଥିବା ଦେୟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବିଶଦ ଭାବରେ ପ୍ରଦାନ କରିଥାଏ। ଆଇସିଆଇସିଆଇ ଏହି ଦେୟଗୁଡ଼ିକରେ ସମୟ ସମୟରେ ପରିବର୍ତ୍ତନ କରାଯାଇଥାଏ, ଯାହା କେବଳ ଆଇସିଆଇସିଆଇ ବ୍ୟାଙ୍କର ଏକକ ସିଦ୍ଧାନ୍ତ । ତଥାପି ଦେୟରେ ସେ ପ୍ରକାର କୌଣସି ପ୍ରତ୍ୟାଶିତ ପରିବର୍ତ୍ତନ ଲାଗୁ କରାଯାଉଥିଲେ କାର୍ଡଧାରୀ ସଦସ୍ୟଙ୍କୁ 1ମାସ ପୂର୍ବରୁ ନୋଟିସ ଦିଆଯାଇଥାଏ।

**''କାରବାର ଅନୁଦେଶ''** ହେଉଛି କୌଣସି ପ୍ରକାରର ଅନୁଦେଶ, ଯାହା କାର୍ଡଧାରୀ ସଦସ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଆଇସିଆଇସିଆଇ ବ୍ୟାଙ୍କକୁ ଏବଂ/କିମ୍ବା ଆଇସିଆଇସିଆଇ 24 ଘଣ୍ଟା ଗ୍ରାହକ ସେବା କେନ୍ଦ୍ର ମାଧ୍ୟମରେ ଏବଂ/କିମ୍ବା ଇନଫିନିଟି ମାଧ୍ୟମରେ ପ୍ରଦାନ କରିବା ସହିତ କାରବାରକୁ କାର୍ଯ୍ୟକାରୀ କରିଥାଆନ୍ତି। କାରବାର ଅନୁଦେଶରେ ଏକ ନଗଦଅର୍ଥ ଆଡ୍‌ଭାନ୍ସ ସ୍ଲିପ କିମ୍ବା ମେଲ ଅର୍ଡର କୁପନ ଅନ୍ତର୍ଭୁକ୍ତ ଏବଂ ଏହା କେବଳ ଏକ ଚାର୍ଜ ସ୍ଲିପ ଭାବରେ ସୀମିତ ନୁହେଁ।

● ଏହି **''ନିୟମ ଓ ସର୍ତ୍ତାବଳୀ''** ଯାହା ଏଥିରେ ପ୍ରଦତ୍ତ ଏବଂ/କିମ୍ବା ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସମୟ ସମୟରେ ପ୍ରତିବଦ୍ଧ (ଚୁକ୍ତି) କରାଯିବା ସହିତ ସଂଶୋଧନ ମଧ୍ୟ କରାଯାଇଥାଏ।

ଉପରୋକ୍ତ **''ନିୟମ ଓ ସର୍ତ୍ତାବଳୀ''** ରେ କୌଣସି ପ୍ରକାରର ବିପରୀତ ଉଦ୍ଦେଶ୍ୟ ଦୃଷ୍ଟିଗୋଚର ନ କରାଗଲେ:

(କ) ଏହା ଏକ **''ସଂଶୋଧନ''** ବାବଦରେ ଯେଉଁଥିରେ ଏକ ଅଧିପତ୍ର ରହିଛି, ନବୀକରଣ, ପରିବର୍ତ୍ତନ, ସ୍ଥାନାନ୍ତରଣ କିମ୍ବା ପୁନଃ ପ୍ରଣୟନ ଏବଂ ''ସଂଶୋଧନ'' ଅନୁସାରେ ଏହା ଅନ୍ତର୍ଭୁକ୍ତ କରାଯାଇଥାଏ: ଏକ **''ପ୍ରାଧିକରଣ''** କିମ୍ବା **''ଅନୁମୋଦନ''** ଯେଉଁଥିରେ ଏକ ପ୍ରାଧିକରଣ, ସମ୍ମତି, ଅନୁମୋଦନ, ଅନୁମତି, ନିମସନ, ଲାଇସେନ୍ସ, ଛାଡ଼ ଦେବା, ପ୍ରସ୍ତାବ, ଦାଖଲ କରିବା ଏବଂ ପଞ୍ଜୀକରଣ ଇତ୍ୟାଦି ଅନ୍ତର୍ଭୁକ୍ତ: **''ଆଇନ''** ଅର୍ଥ କୌଣସି ସମ୍ବିଧାନ, ବିଧି ବିଧାନ, ଆଇନ, ନିୟମ, ବ୍ୟବସ୍ଥାପନ, ଅଧ୍ୟାଦେଶ, ରାୟ, ଆଦେଶ, ଅଦାଲତର ନିଷ୍ପତ୍ତି, ପ୍ରାଧିକରଣ କିମ୍ବା କୌଣସି ପ୍ରକାଶିତ ନିର୍ଦ୍ଦେଶନାମା, ମାର୍ଗଦର୍ଶନ, ଆବଶ୍ୟକତା କିମ୍ବା କୌଣସି ଶାସକୀୟ ନିର୍ଦ୍ଧାରଣ କିମ୍ବା ଯେ କୌଣସି ପୂର୍ବବର୍ତ୍ତୀ ସଭ୍ୟମାନଙ୍କର ବ୍ୟାଖ୍ୟା, କୌଣସି ବିଚାର ବିଭାଗୀୟ କର୍ତ୍ତୃପକ୍ଷ, ଯେପରି କି ଆବେଦନ ପତ୍ର ଦାଖଲ ଏବଂ ଦସ୍ତଖତ କରାଯାଇଥିବା ତାରିଖ କିମ୍ବା ପରବର୍ତ୍ତୀ ସମୟରେ ମଧ୍ୟ ସମୟ ସମୟରେ ପ୍ରତ୍ୟେକ ଶବ୍ଦର ବ୍ୟାଖ୍ୟାମାନ ସଂଶୋଧିତ କରାଯାଇଥାଏ।

(ଖ) ଏକ ବଚନରେ ବହୁବଚନ ସମ୍ମିଳିତ (ଏବଂ ବିପରୀତ):

(ଗ) ଉକ୍ତ ଚୁକ୍ତି ଏବଂ ସର୍ତ୍ତାବଳୀ ଅର୍ନ୍ତଗତ ଶିରୋନାମାଗୁଡ଼ିକ କେବଳ ପ୍ରସଙ୍ଗ ବା ସୂଚନା ସମ୍ବନ୍ଧୀୟ ସୁବିଧା ପାଇଁ ଦିଆଯାଇଛି ଏବଂ ସେଥିପାଇଁ ଏହି ସର୍ତ୍ତାବଳୀମାନଙ୍କର ବ୍ୟାଖ୍ୟା ଏବଂ ଅନୁମାନ ପ୍ରକ୍ରିୟାକୁ ଏଡ଼ାଇ ଦିଆଯାଇ ପାରେ।

(ଘ) **''ଅନ୍ତର୍ଗତ''** କିମ୍ବା **''ଅନ୍ତର୍ଗତ କରାଯାଇଥିବା''** ଏହି ଦୁଇଟି ଶବ୍ଦର ପ୍ରସଙ୍ଗ କୌଣସି ସୀମା ରେଖା ବ୍ୟତୀତ ମଧ୍ୟ ଅନୁମାନ (ଅନ୍ୱୟ) କରାଯାଇ ପାରିବ :

(ଙ) କୌଣସି ଲିଙ୍ଗ ଶବ୍ଦ ସମ୍ପର୍କରେ ଦିଆଯାଇଥିବା ସୂଚନାର ବ୍ୟାଖ୍ୟା ହେଲା ପୁରୁଷ, ସ୍ତ୍ରୀ କିମ୍ବା ଅଲିଙ୍ଗୀ:

(ଚ) ଯେ କୌଣସି ବିଷୟ ସମସ୍ତ ପ୍ରକାର ଅନୁମୋଦନ ଅନୁମତି, ସମ୍ମତି କିମ୍ବା ସ୍ୱୀକାର କରିବା ପାଇଁ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବରୁ ଲିଖିତ ସୁପାରିଶ, ଅନୁମତି, ସମ୍ମତି ନେବା ନିତାନ୍ତ ଜରୁରୀ ।

(ଛ) ଭିସା/ମାଷ୍ଟର କାର୍ଡ ନିୟମାବଳୀ ସୂଚନାର ଅର୍ଥ ହେଲା ଭିସା/ମାଷ୍ଟର କାର୍ଡ ଦ୍ୱାରା ଲାଗୁ କରାଯାଉଥିବା ନିୟମ କାନୁନ ସମ୍ବନ୍ଧରେ ଏହାର ନେଟ୍‌ୱାର୍କ ଅଧିନସ୍ଥ ସମସ୍ତ ସଦସ୍ୟ ବ୍ୟାଙ୍କମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବା।

(ଜ) କାର୍ଡଧାରୀ ସଦସ୍ୟ ଏବଂ ଆଇସିଆଇସିଆଇ ବ୍ୟାଙ୍କ ମଧ୍ୟରେ କୌଣସି ବିଷୟରେ ଏପରିକି କୌଣସି ଘଟଣା, ପରିସ୍ଥିତି, ପରିବର୍ତ୍ତନ, ଭାବି ଘଟଣା, ତଥ୍ୟ, ଜ୍ଞାତବ୍ୟ ସୂଚନା, ଦସ୍ତାବିଜ, ପ୍ରାଧିକରଣ, କାରବାର, ତ୍ରୁଟି, ଅଧିନିୟମ, ଦାବି (ଅଧିକାର), ବାକି ଅପରିଶୋଧ ଏବଂ ଅନ୍ୟ ସମସ୍ତ ବିଷୟରେ କୌଣସି ପ୍ରକାର ଅସହମତ କିମ୍ବା ବିବାଦ ସୃଷ୍ଟି ହୋଇଥିଲେ, ଆଇସିଆଇସିଆଇ ବ୍ୟାଙ୍କର ବିବେଚନାରେ ପୂର୍ବବର୍ତ୍ତୀ ସୂଚୀତ ଯେ କୌଣସି ବିଷୟରେ ବ୍ୟାଙ୍କର ସିଦ୍ଧାନ୍ତ କାର୍ଡଧାରୀ ସଦସ୍ୟଙ୍କ ପାଇଁ ଶେଷ ନିଷ୍ପତ୍ତି ଏବଂ ବାଧ୍ୟତାମୂଳକ ଅଟେ।

(ଝ) କାର୍ଡ ଉପରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଉଲ୍ଲିଖିତ ''ଆଇସିଆଇସିଆଇ କ୍ରେଡିଟ କାର୍ଡ ଏଗ୍ରିମେଣ୍ଟ'' ଶବ୍ଦମାନଙ୍କର ବ୍ୟବହାରର ଅର୍ଥ ଉପରୋକ୍ତ ନିୟମ ଓ ସର୍ତ୍ତାବଳୀ।

## (ii) କାର୍ଡ ସେବା

କାର୍ଡ ଆଇସିଆଇସିଆଇ ବ୍ୟାଙ୍କର ସମ୍ପତ୍ତି ଅଟେ। ଏଥି ସକାଶେ ଆଇସିଆଇସିଆଇ ବ୍ୟାଙ୍କର ସୁରକ୍ଷିତ ଅଧିକାରମାନ ହେଲା (1) କ୍ରେଡିଟ ବ୍ୟୁରୋ ରିପୋର୍ଟ କିମ୍ବା ସେହି ପ୍ରକାରର ଅନ୍ୟ ରିପୋର୍ଟ୍‌ସକୁ (ଯାହା ବ୍ୟାଙ୍କ ଜରୁରୀ ମନେ କରିବେ) ଆଧାର କରି ଦାବିଦାରଙ୍କ ଋଣ ନେବା ଯୋଗ୍ୟତାକୁ ନିଶ୍ଚିତ କରିବା ଏବଂ (2) ଯେ କୌଣସି ଆବେଦନକାରୀଙ୍କୁ କାର୍ଡ ପ୍ରଦାନ କରିବା ପାଇଁ ମନା କରିଦେବା ବ୍ୟାଙ୍କର ସମ୍ପୂର୍ଣ୍ଣ ଏକଚାଟିଆ (ନିଜସ୍ୱ) ଅଧିକାର । ଏହି କାର୍ଡ ହସ୍ତାନ୍ତରଣୀୟ ନୁହେଁ ଏବଂ ଏହାର ବ୍ୟବହାର ଏଥିରେ ସୂଚୀତ ଚୁକ୍ତିମାନଙ୍କର ବିଷୟାଧିନ ଅଟେ। ଏତଦ୍‌ବ୍ୟତୀତ ଅନ୍ୟ କୌଣସି ଅତିରିକ୍ତ ସର୍ତ୍ତ ଓ ଚୁକ୍ତିମାନ ଯାହା ସମୟ ସମୟରେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପ୍ରତିବନ୍ଧ କରାଯାଇଥାଏ। କାର୍ଡଧାରୀ ସଦସ୍ୟ କାର୍ଡ ଗ୍ରହଣ କରି ସାରିବା ପରେ ତୁରନ୍ତ କାର୍ଡର ପଛପଟେ ନିଜର ଦସ୍ତଖତ କରିବେ। ଆଇସିଆଇସିଆଇ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର ଏବଂ/କିମ୍ବା ଇନଫିନିଟି ସମସ୍ତ କାର୍ଡଧାରୀ ସଦସ୍ୟଙ୍କ ପାଇଁ ଉପଲବ୍ଧ ଅଟେ। କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର ଏବଂ/କିମ୍ବା ଇନଫିନିଟି ଜରିଆରେ ଉପଲବ୍ଧ କରୁଥିବା କୌଣସି ସେବା/ସୁବିଧା ଯାହା ଏହି ସେବାର ଅନ୍ତର୍ଗତ, କିନ୍ତୁ ସୀମିତ ନୁହେଁ, ବାକି ସୀମାର ବୃଦ୍ଧି, ବ୍ୟବସାୟ କାରବାର ସମ୍ବନ୍ଧୀୟ ଅନୁସନ୍ଧାନ, ସର୍ବମୋଟ ଦେୟ ଅର୍ଥ ପରିମାଣ, ବିଶଦ ବିବରଣୀ, ପଇସା ପୈଠ କରିବାର ନିର୍ଦ୍ଧାରିତ ଦେୟ ତାରିଖ ଇତ୍ୟାଦି ସର୍ବଦା ଆଇସିଆଇସିଆଇ ବ୍ୟାଙ୍କଙ୍କ ଦ୍ୱାରା ସ୍ଥିରୀକୃତ ସେବା/ସୁବିଧା ଚୁକ୍ତି ଓ ସର୍ତ୍ତାବଳୀ, (ଯାହା ସମୟ ସମୟରେ ସଂଶୋଧିତ କରାଯାଇଥାଏ) ଏହା କାର୍ଡଧାରୀ ସଦସ୍ୟଙ୍କ ପାଇଁ ଚୁକ୍ତିବଦ୍ଧ ଅଟେ।

## (iii) କାର୍ଡର ବ୍ୟବହାର :

(କ) ଅନ୍ତର୍ଜାତୀୟ ସ୍ତରରେ ବୈଧ (ଆଇନ ସଙ୍ଗତ) କାର୍ଡ କେବଳ ଖଣ୍ଡ II (g) ରେ ଯାହା ନିମ୍ନରେ ଦର୍ଶାଯାଇଛି ତାହା ବ୍ୟତୀତ ବିଶ୍ୱର ସମସ୍ତ ସ୍ଥାନରେ ବ୍ୟବହାର ନିମନ୍ତେ ବୈଧ ଅଟେ । ଅନ୍ୟାନ୍ୟ କାର୍ଡ୍‌ସମାନଙ୍କର ବ୍ୟବହାର କେବଳ ଭାରତ ଭିତରେ ବାଣିଜ୍ୟ ପ୍ରତିଷ୍ଠାନ ବା ସଂସ୍ଥାମାନଙ୍କ ମଧ୍ୟରେ ନିୟନ୍ତ୍ରିତ କରାଯାଇଛି, ଯେଉଁ ସଂସ୍ଥାମାନେ ଭାରତରେ ଭିସା/ଭିସା ଇଲେକ୍ଟ୍ରୋନ୍ କ୍ରେଡିଟ କାର୍ଡ୍‌ସ/ମାଷ୍ଟର କାର୍ଡ/ଆମେକ୍ସ ଇତ୍ୟାଦି ଗ୍ରହଣ କରିଥାଆନ୍ତି। କିନ୍ତୁ ସମ୍ପୃକ୍ତ ଆଇସିଆଇସିଆଇ ବ୍ୟାଙ୍କ ଏବଂ ବାଣିଜ୍ୟ ସଂସ୍ଥାମାନ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ସେହି ବାଣିଜ୍ୟ ସଂସ୍ଥାମାନଙ୍କର କ୍ରେଡିଟ କାର୍ଡ ବ୍ୟବହାର ବନ୍ଦ କରିଦେବା ସେମାନଙ୍କର ଅଧିକାର ଅଟେ। କ୍ରେଡିଟ କାର୍ଡର ବ୍ୟବହାର କେବଳ ଯଥାର୍ଥ ବ୍ୟକ୍ତି କିମ୍ବା କାର୍ଯ୍ୟାଳୟ ସମ୍ବନ୍ଧିତ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇପାରେ ଏବଂ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଏହାର କୌଣସି ପ୍ରକାରର ତ୍ରୁଟିପୂର୍ଣ୍ଣ ବ୍ୟବହାରକୁ ସ୍ୱୀକୃତ କରାଯାଇ ନଥାଏ। ଯଦି ଉପରୋକ୍ତ ବାଣିଜ୍ୟ ସଂସ୍ଥା କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା କ୍ରୟ କିମ୍ବା ଅନ୍ୟାନ୍ୟ ସୁବିଧା ପାଉଥିବା କାରଣରୁ ସେମାନଙ୍କ କାର୍ଡ ଉପରେ କୌଣସି ଚାର୍ଜେସ ଲାଗୁ କରାଯାଇଥାଏ ସେ ପ୍ରକାର ହିସାବନିକାସ (ଚୁକ୍ତି) କାର୍ଡଧାରୀ ସଦସ୍ୟ ଏବଂ ସମ୍ପୃକ୍ତ ବାଣିଜ୍ୟ ସଂସ୍ଥା ମଧ୍ୟରେ ସାବ୍ୟସ୍ତ କରାଯିବା ଉଚିତ ଏବଂ ଆଇସିଆଇସିଆଇ ବ୍ୟାଙ୍କ ଏ ସମ୍ବନ୍ଧରେ କୌଣସି ଦାୟିତ୍ୱ ବହନ କରିବେ ନାହିଁ। ବାଣିଜ୍ୟ ପ୍ରତିଷ୍ଠାନରେ କାର୍ଡର ବ୍ୟବହାର ପାଇଁ କାର୍ଡଧାରୀ ସଦସ୍ୟ ସ୍ଲିପ୍‌ରେ ଦସ୍ତଖତ କରିବା ସମୟରେ ଚାର୍ଜ ସ୍ଲିପ୍‌ର (କପି) ନକଲ ସଂଗ୍ରହ କରିବା ଉଚିତ। ଚାର୍ଜ ସ୍ଲିପ୍‌ରେ ଦସ୍ତଖତ ପାଇଁ କାର୍ଡଧାରୀ ସଦସ୍ୟ ଦାୟୀ ରହିବେ, ଯଦି କାର୍ଡଧାରୀ ସଦସ୍ୟ ଚାର୍ଜସ୍ଲିପ୍‌ରେ ଦସ୍ତଖତ କରି ନାହାନ୍ତି, ତେବେ ସେ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସାୟିକ କାରବାର ଏବଂ ଲାଗୁ କରାଯାଉଥିବା ଚାର୍ଜେସ ପାଇଁ ମଧ୍ୟ ଦାୟୀ ରହିବେ। ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କୁ ଚାର୍ଜ ସ୍ଲିପ୍‌ର ନକଲମାନ ଯୋଗାଇବେ ନାହିଁ କିନ୍ତୁ ଯଦି କାର୍ଡଧାରୀ ସଦସ୍ୟ ସେହି ପ୍ରକାରର କାରବାର କରାଯିବାର 45 ଦିନ ମଧ୍ୟରେ ଆବେଦନ କରନ୍ତି, ତେବେ ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ନିଜସ୍ୱ ଅଧିକାର ଜରିଆରେ ବାଣିଜ୍ୟ ଶୁଳ୍କ ସଂଯୋଜନରେ ସୂଚିତ ଚାର୍ଜେସ ଅନୁସାରେ ଚାର୍ଜସ୍ଲିପ୍‌ସର ନକଲମାନ କାର୍ଡଧାରୀ ସଦସ୍ୟଙ୍କୁ ପ୍ରଦାନ କରିପାରନ୍ତି। ସେହିପରି ଆଇସିଆଇସିଆଇ ବ୍ୟାଙ୍କ ନିଜସ୍ୱ ଅଧିକାର ଭାବରେ କାର୍ଡଧାରୀ ସଦସ୍ୟଙ୍କୁ ମେଲ ଅର୍ଡର କିମ୍ବା ଟେଲିଫୋନ ଅର୍ଡର କ୍ରୟ ସୁବିଧା କାର୍ଯ୍ୟକାରୀ କରାଇବା ପାଇଁ ସହମତ ହୋଇପାରନ୍ତି । ଅନ୍‌ଲାଇନ୍ କ୍ରେଡିଟ୍ କାର୍ଡର ବ୍ୟବହାର କେବଳ ଅନ୍‌ଲାଇନ୍ କାରବାର/ମେଲ ଅର୍ଡର୍ସ ପାଇଁ ସୀମାବଦ୍ଧ ରହିବ। ଏକ ଅନ୍‌ଲାଇନ୍ କ୍ରେଡିଟ କାର୍ଡ କେବଳ ଏକ ସହାୟକ କାର୍ଡ/ଆଡ୍‌-ଅନ୍ କାର୍ଡ ହିସାବରେ ପ୍ରଦାନ କରାଯାଇଥାଏ, ଏହା ଏକ ପ୍ରାଥମିକ

କାର୍ଡ଼ ନୁହେଁ ଏବଂ ସମୟ କ୍ରମେ ଆଇସିଆଇସିଆଇ ବ୍ୟାଙ୍କର ନିଜସ୍ୱ ଅଧିକାର ଭାବରେ କାର୍ଡ଼ଧାରୀ ସଦସ୍ୟଙ୍କୁ ଜଣାଇ ଦିଆଯାଇଥାଏ । କାର୍ଡଧାରୀ ସଦସ୍ୟ ଏକଥା ନିଶ୍ଚିତ ହେବା ଆବଶ୍ୟକ ଯେ ମେଲ ଅର୍ଡ଼ର ଏବଂ ଟେଲିଫୋନ ଅର୍ଡ଼ର କ୍ରୟ ସମୟରେ ଚାର୍ଜ ସ୍ଲିପ୍‌ରେ କାର୍ଡଧାରୀ ସଦସ୍ୟଙ୍କ ଦସ୍ତଖତ ରହିବ ନାହିଁ । ସେହିପରି ଯେ କୌଣସି କାରଣରୁ କୌଣସି କ୍ରୟ କିମ୍ବା ଚାର୍ଜ ସମ୍ବନ୍ଧରେ ସେ ପ୍ରକାର କ୍ରୟ ବୈଧତା କିମ୍ବା ପ୍ରାମାଣିକତା ସମ୍ବନ୍ଧରେ ଯଦି କୌଣସି ବିବାଦ ସୃଷ୍ଟି ହୁଏ, ତେବେ କାର୍ଡ଼ଧାରୀ ସଦସ୍ୟ ତାଙ୍କର ସମସ୍ତ ବକେୟା ଦେୟ ପରିମାଣ ଆଇସିଆଇସିଆଇ ବ୍ୟାଙ୍କକୁ ପୈଠ କରିବେ ।

(ଖ) ସମସ୍ତ ପ୍ରକାରର ବିବାଦ ଏବଂ ତା'ର ସମାଧାନ କାର୍ଡଧାରୀ ସଦସ୍ୟ ଏବଂ ସମ୍ପୃକ୍ତ ବାଣିଜ୍ୟ ପ୍ରତିଷ୍ଠାନ ମଧ୍ୟରେ ସମାଧାନ କରାଯିବ । ଆଇସିଆଇସିଆଇ ବ୍ୟାଙ୍କ ସେଥିପାଇଁ କୌଣସି ପ୍ରକାର ଦାୟିତ୍ୱ ବହନ କରିବେ ନାହିଁ ।

(ଗ) କାର୍ଡକୁ ଏହିପରି ଭାବରେ ବ୍ୟବହାର କରାଯାଇପାରେ (i) ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା କାର୍ଡଧାରୀ ସଦସ୍ୟଙ୍କୁ ସୂଚିତ କରାଯାଇଥିବା ବାକି-ସୀମା ମଧ୍ୟରେ ଏବଂ (ii) କାର୍ଡ ଉପରେ ଖୋଦିତ କରାଯାଇଥିବା ମାସର ଶେଷ ତାରିଖ ପରେ କାର୍ଡ ବ୍ୟବହାର କରାଯାଇ ପାରିବ ନାହିଁ ।

(ଘ) କାର୍ଡଧାରୀ ସଦସ୍ୟଙ୍କ କାର୍ଡ ବ୍ୟବହାର ଜନିତ ଅଧିକାର ସେହି ସମୟରେ ସ୍ଥିର କରାଯିବ (i) କାର୍ଡ ରଦ୍ଦ ହୋଇଯିବା କାରଣରୁ ଯାହା ଖଣ୍ଡ V ରେ ତଳେ ଦର୍ଶାଯାଇଛି କିମ୍ବା (ii) କାର୍ଡ଼ ହଜିଯିବା/ଚୋରି ହୋଇଯିବା କିମ୍ବା କୌଣସି ପ୍ରକାର ତ୍ରୁଟିପୂର୍ଣ୍ଣ ବ୍ୟବହାର କାରଣରୁ ।

(ଙ) କାର୍ଡର ବ୍ୟବହାର ପାଇଁ କାର୍ଡଧାରୀ ସଦସ୍ୟ ଏକ ସ୍ଥାୟୀ ଅନୁରୋଧ କରିଥିବା ଅନୁସାରେ ପ୍ରତ୍ୟେକ କାର୍ଡଧାରୀ ସଦସ୍ୟଙ୍କୁ ଦିଆଯାଇଥିବା କାର୍ଡର ନବୀକରଣ ସମୟକାଳ ଏବଂ/କିମ୍ବା କାର୍ଡର ପୁନଃସ୍ଥାପନ (ପରିବର୍ତ୍ତନ) ସେହି ସମୟକାଳ ପର୍ଯ୍ୟନ୍ତ କାଏମ ରହିଥାଏ, ଯାହା ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର/ଇନଫିନିଟିଙ୍କୁ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ମଧ୍ୟ ଜଣାଇ ଦିଆଯାଇଥାଏ ଏବଂ ସେ ପ୍ରକାର ନବୀକରଣ ଏବଂ/କିମ୍ବା ପୁନଃସ୍ଥାପନ ଆଇସିଆଇସିଆଇ ବ୍ୟାଙ୍କର ନିଜସ୍ୱ ଅଧିକାର ଅନ୍ତର୍ଗତ ।

(ଚ) କ୍ରେଡ଼ିଟ୍ କାର୍ଡ କାର୍ଯ୍ୟକ୍ରମ ରଦ୍ଦ ହେବା ସ୍ଥଳେ କିମ୍ବା କ୍ରେଡିଟ୍ କାର୍ଡ ନବୀକରଣ ସମୟରେ କାର୍ଡଧାରୀଙ୍କର ପ୍ରଚଳିତ କାର୍ଡଠାରୁ ଭିନ୍ନ ଏକ କାର୍ଡ ପ୍ରଦାନ କରିବାର ଅଧିକାର ଆଇସିଆଇସିଆଇ ବ୍ୟାଙ୍କର ସଂରକ୍ଷିତ ଅଧିକାର ହୋଇ ରହିବ । ଯେ କୌଣସି ସମୟରେ କୌଣସି କାର୍ଡ଼ର ବାକିର ସୀମା ଏବଂ ନଗଦ ରାଶିର ସୀମା ନିର୍ଦ୍ଧାରଣ କରିବା ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡର ଏକଚାଟିଆ ଅଧିକାର ।

(ଛ) ସର୍ବଦା କାର୍ଡଧାରୀ ସଦସ୍ୟ କାର୍ଡର ସମସ୍ତ ପ୍ରକାରର କାରବାର ପାଇଁ କାର୍ଡ ସମ୍ବନ୍ଧରେ ଏବଂ ଆଇସିଆଇସିଆଇ ବ୍ୟାଙ୍କ ସହିତ ବିଶ୍ୱସ୍ତତା ଆଚରଣ ପ୍ରଦର୍ଶନ କରିବେ ।

(ଜ) କାର୍ଡଧାରୀ ସଦସ୍ୟଙ୍କୁ ଦିଆଯାଇଥିବା ଆନ୍ତର୍ଜାତିକ ବୈଧ କାର୍ଡ ସମଗ୍ର ବିଶ୍ୱରେ ବୈଧ ଅଟେ । କେବଳ ନେପାଳ ଓ ଭୁଟାନରେ ବାଣିଜ୍ୟିକ ସଂସ୍ଥାମାନଙ୍କରେ ବିଦେଶୀ ମୁଦ୍ରା ବିନିମୟଜନିତ ପୈଠ ପାଇଁ ଏହା ବୈଧ ନୁହେଁ । ଯେଉଁ କାର୍ଡ଼ଗୁଡ଼ିକର ବ୍ୟବହାର କେବଳ ଭାରତ/ନେପାଳ/ଭୁଟାନ ମଧ୍ୟରେ ସୀମିତ ରଖାଯାଇଛି ତାହା ଭାରତ/ନେପାଳ/ଭୁଟାନ ବାହାରେ ବ୍ୟବହାର କରାଯିବା ''ବୈଦେଶିକ ମୁଦ୍ରା ବିନିମୟ ପରିଚାଳନା ଆଇନ'' (ଏଫଇଏମଏ) କିମ୍ବା ଅନ୍ୟ କୌଣସି ଅନୁରୂପ ଆଇନର ଉଲ୍ଲଙ୍ଘନ ହେବ । ଯଦି କାର୍ଡଧାରୀ ସଦସ୍ୟ ଉପରୋକ୍ତ ସର୍ତ୍ତମାନଙ୍କ ବିରୋଧାଚରଣ କରି ତାଙ୍କ କାର୍ଡର କୌଣସି ତ୍ରୁଟିପୂର୍ଣ୍ଣ ବ୍ୟବହାର କରନ୍ତି ତେବେ ସେଥିପାଇଁ ସେ ସମ୍ପୂର୍ଣ୍ଣ ଦାୟୀ ରହିବେ ଏବଂ ସେଥିପାଇଁ କୌଣସି ପ୍ରକାରର କ୍ଷତିପୂରଣ, ହାନି, ସୁଧ, ରୂପାନ୍ତରଣ, ଅନ୍ୟ କୌଣସି ପ୍ରକାରର ଦେୟ ଯାହା ଆଇସିଆଇସିଆଇ ବ୍ୟାଙ୍କ ପ୍ରତି ଲାଗୁ ହୋଇଥାଏ ଏବଂ/କିମ୍ବା କାର୍ଡମେମ୍ବରଙ୍କ ସର୍ତ୍ତ ଉଲ୍ଲଙ୍ଘନ କାରଣରୁ ବ୍ୟାଙ୍କକୁ କ୍ଷତିଗ୍ରସ୍ତ ହେବାକୁ ପଡିଥାଏ, ଏହି ସମସ୍ତ କ୍ଷତିପୂରଣ ପାଇଁ କାର୍ଡଧାରୀ ସଦସ୍ୟ ଗ୍ୟାରେଣ୍ଟି ପ୍ରଦାନ କରିବେ ଏବଂ ବ୍ୟାଙ୍କ ସହିତ ସହମତ ହେବେ ।

(ଝ) ଆନ୍ତର୍ଜାତୀୟ ବୈଧ କାର୍ଡ ଇଣ୍ଟରନେଟ ମାଧ୍ୟମରେ ଯେ କୌଣସି କ୍ରୟ ପାଇଁ ବ୍ୟବହାର କରାଯାଇ ପାରିବ, ଯେଉଁଥିରେ କି ଭାରତରେ ଏକ ପ୍ରାଧିକୃତ ଡିଲରଙ୍କଠାରୁ ମୁଦ୍ରା ବିନିମୟ କ୍ରୟ କରାଯାଇ ପାରିବ ।

(ଞ) ଅନ୍ତର୍ଜାତୀୟ ବୈଧ କାର୍ଡ କିମ୍ବା ଅନ୍ୟ ସମସ୍ତ କାର୍ଡ ଇଣ୍ଟରନେଟ ମାଧ୍ୟମରେ ବା ଅନ୍ୟଥା ନିଷିଦ୍ଧ କରାଯାଇଥିବା କେତେଗୁଡ଼ିଏ ଜିନିଷ କ୍ରୟ କରିବା ନିମିତ୍ତ ବ୍ୟବହାର କରାଯାଇ ପାରିବ ନାହିଁ । ନିଷିଦ୍ଧ କରାଯାଇଥିବା ଜିନିଷଗୁଡ଼ିକ ହେଲା-ଲଟେରୀ ଟିକେଟ, ନିଷେଧ ତଥା ଅବୈଧ ଘୋଷିତ ପତ୍ରିକା, ଜୁଆ ଖେଳରେ ଅଂଶଗ୍ରହଣ, କଲ୍‌ବେକ୍ ସେବା ପାଇଁ ପୈଠ କରାଯାଉଥିବା ଅର୍ଥ ଇତ୍ୟାଦି ।

(ଟ) ପ୍ରାଧିକୃତ ଡିଲରମାନେ ଭାରତ ବାହାରକୁ ରପ୍ତାନି ନିମନ୍ତେ କ୍ରେଡିଟ୍ କାର୍ଡରେ ଡେବିଟ୍ ମାଧ୍ୟମରେ ଅର୍ଥ ଗ୍ରହଣ କରିପାରିବେ, ଆମଦାନୀ କରୁଥିବା ଗ୍ରାହକ ଭାରତ ଆସିଥିବା ବା ନ ଆସିବା ଏ କ୍ଷେତ୍ରରେ ଗୁରୁତ୍ୱ ରଖେ ନାହିଁ । ତେଣୁ ଭାରତ ବାହାରକୁ ରପ୍ତାନି ନିମନ୍ତେ ଜଣେ ପ୍ରାଧିକୃତ ଡିଲର ଡେବିଟ୍ ମାଧ୍ୟମରେ ଆମଦାନୀକାରୀଙ୍କର କ୍ରେଡିଟ୍ କାର୍ଡରୁ ଦେୟ ପ୍ରାପ୍ତ କରିପାରିବେ, ଯେଉଁଠାରେ କାର୍ଡ ଇସ୍ୟୁ କରୁଥିବା ବ୍ୟାଙ୍କ/ସଂସ୍ଥା ବିଦେଶୀ ମୁଦ୍ରା ବିନିମୟ ପରିପୂରଣ ପ୍ରାପ୍ତ କରିବେ ।

(ଠ) କୌଣସି କାରଣ ନ ଦର୍ଶାଇ କାର୍ଡ ପ୍ରାଧିକରଣ ପାଇଁ ଅନୁରୋଧକୁ ସ୍ୱୀକୃତି ଦେବା କିମ୍ବା ପ୍ରତ୍ୟାଖ୍ୟାନ କରିବା ଆଇସିଆଇସିଆଇ ବ୍ୟାଙ୍କ ର ସମ୍ପୂର୍ଣ୍ଣ ସ୍ୱନିର୍ଣ୍ଣୟଗତ ଅଧିକାର ଏବଂ ସ୍ୱାଧୀନତା ଅଟେ । କେତେକ କ୍ଷେତ୍ରରେ ସ୍ୱନିର୍ଣ୍ଣୟଗତ ଅଧିକାର ବିଷୟାଧିନ ଭାବରେ ଆଇସିଆଇସିଆଇ କାର୍ଡଧାରୀଙ୍କୁ ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର ସହିତ ସମ୍ପର୍କ ସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି, ଯାହା ଦ୍ୱାରା କାର୍ଡ ଆକାଉଣ୍ଟକୁ ଚାର୍ଜ କରାଯିବା ଏବଂ ସ୍ୱୀକୃତି ଦେବା ପୂର୍ବରୁ ବ୍ୟବସାୟ ପରିଚାଳନା ପ୍ରମାଣିକୃତ କରାଯାଇ ପାରିବ ।

(ଡ ) କାର୍ଡଧାରୀ ସଦସ୍ୟ ଏ ସମ୍ବନ୍ଧରେ ରାଜି ହୋଇଥାଆନ୍ତି ଯେ, ସେ ତାଙ୍କର କାର୍ଡକୁ କୌଣସି ପ୍ରକାରର ବେଆଇନ/ବେଆଇନ ସଙ୍ଗତ କ୍ରୟ/ଅନ୍ୟ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବେ ନାହିଁ ।

**iv ବ୍ୟକ୍ତିଗତ ଚିହ୍ନଟକରଣ ସଂଖ୍ୟା**

ପ୍ରାରମ୍ଭିକ ପର୍ଯ୍ୟାୟରେ କାର୍ଡଧାରୀ ସଦସ୍ୟଙ୍କୁ ତାଙ୍କର କାର୍ଡ ସହଜରେ ବ୍ୟବହାର କରିବା ପାଇଁ ଏକ ବ୍ୟକ୍ତିଗତ ଚିହ୍ନଟକରଣ ସଂଖ୍ୟା (ଆପିନ) ପ୍ରଦାନ କରାଯିବ । 'ଆପିନ' କାର୍ଡଧାରୀଙ୍କ ଡାକ ଠିକଣାରେ ପଠାଇ ଦିଆଯିବ ଏବଂ ଯଦି କୌଣସି କାରଣରୁ ମୁଦ ଦିଆ ବନ୍ଦ ଲଫାପାରେ ନ ମିଳେ ତେବେ କାର୍ଡଧାରୀ ସଦସ୍ୟ

ଆଇସିଆଇସିଆଇ ଶାଖା କିମ୍ବା ଆଇସିଆଇସିଆଇ 24 ଘଣ୍ଟା ଗ୍ରାହକ ସେବା କେନ୍ଦ୍ର ସହିତ ଯୋଗାଯୋଗ କରିବେ। ପରବର୍ତ୍ତୀ ସମୟରେ କାର୍ଡଧାରୀ ସଦସ୍ୟ ତାଙ୍କର ନିଜ ଦାୟିତ୍ୱରେ କୌଣସି ଏକ ଏଟିଏମ କିମ୍ବା ଆଇସିଆଇସିଆଇ ବ୍ୟାଙ୍କ ଶାଖା କିମ୍ବା ଆଇସିଆଇସିଆଇ 24 ଘଣ୍ଟା ଗ୍ରାହକ ସେବା କେନ୍ଦ୍ରରେ ତାଙ୍କର ଆପିନ ବଦଳାଇ ଦେଇ ପାରିବେ। ଆପିନ ଜରିଆରେ କାର୍ଡ ଆକାଉଣ୍ଟରେ ପ୍ରବେଶ ସୁବିଧା ମିଳିଥାଏ ଏବଂ କାର୍ଡଧାରୀ ସଦସ୍ୟ ଆପିନ ବ୍ୟବହାର ପାଇଁ ନିଜସ୍ୱ ସମ୍ପୂର୍ଣ୍ଣ ଦାୟିତ୍ୱବହନ କରିଥାଆନ୍ତି ତତ୍ ସହିତ ଆପିନର ସୁରକ୍ଷା ଏବଂ ଗୋପନୀୟତା ଆପିନ ଜରିଆରେ ସମସ୍ତ ଆଦେଶ ଏବଂ ତଥ୍ୟର ପରିଦର୍ଶନ ଯାହା କାର୍ଡ ଆକାଉଣ୍ଟରେ ପ୍ରବେଶ କରାଯାଇଥାଏ ସେଥିପାଇଁ କାର୍ଡଧାରୀ ସଦସ୍ୟ ଦାୟୀ । କାର୍ଡଧାରୀ ସଦସ୍ୟ କଦାପି ତାଙ୍କର ଆପିନ କୌଣସି ପ୍ରକାରରେ ଉଲ୍ଲେଖ କରିବା ଅନୁଚିତ ଯାହାଦ୍ୱାରା ତୃତୀୟ ପକ୍ଷ ବ୍ୟକ୍ତିଙ୍କ ଦୃଷ୍ଟିଗୋଚର ହେବା ସହିତ ଗୋପନୀୟତା ପ୍ରକାଶ ହୋଇଯିବ। କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଆଇସିଆଇସିଆଇ ବ୍ୟାଙ୍କକୁ ପ୍ରାଧିକୃତ କରାଯାଇଛି ଯାହାଦ୍ୱାରା ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କ ସମସ୍ତ ପ୍ରକାରର କାରବାର ଏବଂ ଆଦେଶ ଯାହା ଆପିନ ଜରିଆରେ ସାବ୍ୟସ୍ତ କରାଯାଇଛି ଏବଂ ତାହା ରଦ୍ଦ କରାଯାଇ ପାରିବ ନାହିଁ। ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କର ଆପିନ ତନଖି କରିବା ବ୍ୟତୀତ କୌଣସି ପ୍ରକାରର କାରବାର ସମ୍ବନ୍ଧୀୟ ପ୍ରାମାଣିକତା କାର୍ଡଧାରୀ ସଦସ୍ୟଙ୍କର ଠାରୁ ପଠାଯାଇଥିବା ଆଦେଶ କିମ୍ବା ଏହାର ଅଭିପ୍ରାୟ ସମ୍ବନ୍ଧରେ ଆଇସିଆଇସିଆଇ ବ୍ୟାଙ୍କ କୌଣସି ପ୍ରକାରରେ ବାଧ୍ୟ ନୁହନ୍ତି। କାର୍ଡଧାରୀ ସଦସ୍ୟ ସବୁ ସମୟରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ, ଏପରିକି ଉପରେ ଉଲ୍ଲେଖିତ ସମସ୍ତ ସର୍ତ୍ତ ଏବଂ ଆପିନର ସୁରକ୍ଷା ମଧ୍ୟ (କ) ପରିଚାଳିତ) କରିବା ଉଚିତ। ଯଦି କାର୍ଡଧାରୀ ସଦସ୍ୟ ସୁରକ୍ଷାଜନିତ ଆବଶ୍ୟକତାକୁ ପାଳନ କରିବାକୁ ଅକ୍ଷମ ହୁଅନ୍ତି ତେବେ ସେ ଆଇସିଆଇସିଆଇ ବ୍ୟାଙ୍କ ପାଇଁ ବୋଝ (ଆର୍ଥିକ) ରୂପରେ ପରିଗଣିତ ହେବେ। ଆଇସିଆଇସିଆଇ ତାଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ଅଧିକାର ବଳରେ ବର୍ତ୍ତମାନର କାର୍ଡ ଉପରେ ଏକ ନୂତନ ଆପିନ ପ୍ରଦାନ କରି ପାରିବେ, ଏହା ଏଠାରେ ବର୍ଣ୍ଣିତ ବ୍ୟବସ୍ଥା ବିଷୟାଧିନ ଏବଂ ସମୟାନୁକ୍ରମେ ଯେଭଳି ଆଇସିଆଇସିଆଇ ବ୍ୟାଙ୍କ ନିର୍ଦ୍ଦିଷ୍ଟ ଭାବରେ ସୂଚିତ କରିବେ। କାର୍ଡଧାରୀ ସଦସ୍ୟ କୌଣସି କାରଣରୁ କାର୍ଡର କିମ୍ବା ଆପିନ ଅନୁଚିତ/ଠକାମି/ଅପ୍ରାଧିକୃତ/ଅନୁଲିପି/ତ୍ରୁଟିପୂର୍ଣ୍ଣ ବ୍ୟବହାର କରାଯାଉଥିଲେ, କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। କୌଣସି ତୃତୀୟ ପକ୍ଷ ବ୍ୟକ୍ତିଙ୍କ ହାତରେ କାର୍ଡ ମିଳିଥିଲେ କିମ୍ବା ଆପିନର ଗୋପନୀୟତା କୌଣସି ତୃତୀୟ ପକ୍ଷ ବ୍ୟକ୍ତିଙ୍କ ନଜରରେ ପ୍ରକାଶିତ ହୋଇଗଲେ, ଆଇସିଆଇସିଆଇ ବ୍ୟାଙ୍କ କାର୍ଡର ଏପ୍ରକାର ବ୍ୟବହାର/ତ୍ରୁଟିପୂର୍ଣ୍ଣ ବ୍ୟବହାର ହେଉଥିଲେ, ଆଇସିଆଇସିଆଇ ବ୍ୟାଙ୍କ ଏହାର ପରିଣାମ ପାଇଁ ମଧ୍ୟ ଦାୟୀ ରହିବେ ନାହିଁ। କୌଣସି ତୃତୀୟ ପକ୍ଷ କାର୍ଡ ସେବା କ୍ଷେତ୍ରରେ କାର୍ଡ ଆକାଉଣ୍ଟ ସହିତ ପ୍ରବେଶ କରିବାକୁ ସୁଯୋଗ ପାଇଥାଆନ୍ତି, କାର୍ଡଧାରୀ ସଦସ୍ୟ ଏଥିପାଇଁ ଦାୟୀ ରହିବେ ଏବଂ ସେମାନେ ଆଇସିଆଇସିଆଇ ବ୍ୟାଙ୍କ ପାଇଁ କୌଣସି ପ୍ରକାରର ଆର୍ଥିକ ବୋଝ, ଖର୍ଚ୍ଚ କିମ୍ବା କ୍ଷତି ଯାହା ତୃତୀୟ ପକ୍ଷ ବ୍ୟକ୍ତିଙ୍କ ଦ୍ୱାରା କାର୍ଡର ବ୍ୟବହାର/ଅପ-ବ୍ୟବହାର କିମ୍ବା ସେ ପ୍ରକାର ପ୍ରବେଶ କିମ୍ବା ବ୍ୟବହାର କାରଣରୁ ଘଟିଥାଏ, ତୃତୀୟ ପକ୍ଷ ବ୍ୟକ୍ତି ଆଇସିଆଇସିଆଇ ବ୍ୟାଙ୍କକୁ ସେଥିପାଇଁ ଗ୍ୟାରେଣ୍ଟି ପ୍ରଦାନ କରିବେ। ଭିସା ଏମ୍‌ଚେକ୍ କ୍ରେଡିଟ୍ କାର୍ଡଧାରୀମାନଙ୍କୁ ଆପିଲ ଜାରି କରାଯାଇ ନଥାଏ।

**V) ନିୟମ ଉଲ୍ଲଙ୍ଘନ ଏବଂ ସମାପନ/ଅପସାରଣ :**

**(କ) ଉଲ୍ଲଙ୍ଘନ :** କୌଣସି କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଉପରୋକ୍ତ କୌଣସି ଚୁକ୍ତି ଏବଂ ସର୍ତ୍ତମାନଙ୍କର ଉଲ୍ଲଙ୍ଘନ କରାଗଲେ:

(i) ଏହି ଚୁକ୍ତି ଓ ସର୍ତ୍ତାବଳୀ ଅନ୍ତର୍ଗତ ଅନ୍ୟ କୌଣସି ସୁବିଧା ପ୍ରଦାନ କରାଯାଇଥିବା ସତ୍ତ୍ୱେ କାର୍ଡଧାରୀ ସଦସ୍ୟ ଯଦି କୌଣସି ଚୁକ୍ତି ଓ ସର୍ତ୍ତର ଉଲ୍ଲଙ୍ଘନ କରନ୍ତି, ଏବଂ ସେହି କାରଣରୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କ୍ଷତି ଘଟେ ସେଥିପାଇଁ ସେ ସମ୍ପୂର୍ଣ୍ଣ ଦାୟୀ ରହିବେ, ଏବଂ (ii) ଆଇସିଆଇସିଆଇ ବ୍ୟାଙ୍କର ଦାବି ଅନୁସାରେ କାର୍ଡଧାରୀ ସଦସ୍ୟ ବକେୟା ଅର୍ଥ ପୈଠ କରିବାକୁ ବାଧ୍ୟ। ଏପରିକି ସେହି ନିର୍ଦ୍ଧାରିତ ତାରିଖରେ କାର୍ଡଧାରୀ ସଦସ୍ୟଙ୍କଠାରୁ ଦାବି କରାଯାଉଥିବା ଅର୍ଥ ପରିମାଣ ତାଙ୍କର ଦେୟ ଏବଂ ପରିଶୋଧନୀୟ ହୋଇଥାଉ କିମ୍ବା ନ ହୋଇଥାଉ।

**(ଖ) ସମାପନ/ଅପସାରଣ :**

ଯେ କୌଣସି କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କକୁ ଯେ କୌଣସି ସମୟରେ, ନୋଟିସ ଜରିଆରେ କିମ୍ବା ଲିଖିତ ଆକାରରେ ତାଙ୍କ କାର୍ଡ ଆକାଉଣ୍ଟକୁ ସମାପ୍ତ କରିବା ପାଇଁ ନିମ୍ନୋକ୍ତ ଠିକଣାରେ ଅନୁରୋଧ କରିପାରିବେ : ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ, ଆଇସିଆଇସିଆଇ ଫୋନ ବ୍ୟାଙ୍କିଙ୍ଗ ସେଣ୍ଟର, ଆଇସିଆଇସିଆଇ ବ୍ୟାଙ୍କ ଟାୱାର, ସର୍ଭେ ନମ୍ବର: 115/27, ପ୍ଲଟ ନମ୍ବର-12, ନାନକରମଗୁଡ଼ା, ସେରି ଲିଙ୍ଗମପଲ୍ଲୀ, ହାଇଦ୍ରାବାଦ-500032, ଭାରତ ।

(i)ଉପରୋକ୍ତ ନୋଟିସ କେବଳ ସେହି ସମୟରେ କାର୍ଯ୍ୟକାରୀ ହେବ, ଯେତେବେଳେ କାର୍ଡଧାରୀ ସଦସ୍ୟ ତାଙ୍କର କାର୍ଡର ଉପର ଡାହାଣ ପାର୍ଶ୍ୱ କୋଣକୁ କାଟି ବିରୂପିତ କରିବେ ଏବଂ ଉଭୟ ହଲୋଗ୍ରାମ ଏବଂ ଚୁମ୍ବକୀୟ ଫିତା ମଧ୍ୟ କଟାଯାଇଥିବା ନିଶ୍ଚିତ କରାଯାଇଥିବ (କେବଳ ଅନ୍‌ଲାଇନ୍ କ୍ରେଡିଟ କାର୍ଡ ଏବଂ ଭିସା ଏମ୍‌ଚେକ୍ କ୍ରେଡିଟ୍ କାର୍ଡ ବ୍ୟତୀତ) ଏବଂ ଏହି କାର୍ଡ ଯେପରି ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ପହଞ୍ଚି ସାରିଥିବ। ଉପରେ ବର୍ଣ୍ଣିତ ନିୟମ ବ୍ୟତୀତ, କାର୍ଡ ଆକାଉଣ୍ଟ କିମ୍ବା କୌଣସି କାର୍ଡ ରଦ୍ଦ କରାଯାଇ ପାରିବ ନାହିଁ।

(ii) କାର୍ଡଧାରୀ ସଦସ୍ୟ ତାଙ୍କର କାର୍ଡ ନଷ୍ଟ କରି ଦେଇଥିବା ସ୍ୱୀକାର କରିବା ପରେ ଯଦି କୌଣସି ପ୍ରକାରର ଚାର୍ଜେସ ଲାଗୁ କରାଯାଇଥାଏ, କିନ୍ତୁ ସେହି ସମୟ ପର୍ଯ୍ୟନ୍ତ ନଷ୍ଟ କରାଯାଇଥିବା କାର୍ଡ ଆଇସିଆଇସିଆଇ ବ୍ୟାଙ୍କ ପାଇପାରି ନାହାନ୍ତି, ତେବେ କାର୍ଡ ଉପରେ ଲାଗୁ କରାଯାଉଥିବା ସମସ୍ତ ଚାର୍ଜେସ ପାଇଁ କାର୍ଡଧାରୀ ସଦସ୍ୟ ସର୍ବୋତ ଭାବେ ଦାୟୀ ରହିବେ, ଏପରିକି ଏହି କାର୍ଡର ଅପବ୍ୟବହାର କାରଣରୁ ହୋଇଥାଉ କିମ୍ବା ନ ହୋଇଥାଉ କିମ୍ବା/ଏବଂ ଆଇସିଆଇସିଆଇ ବ୍ୟାଙ୍କକୁ କାର୍ଡ ନଷ୍ଟ କରାଯାଇଥିବା ସମ୍ବନ୍ଧରେ କାର୍ଡଧାରୀ ଜଣାଇଥାଆନ୍ତୁ କି ଜଣାଇ ନଥାନ୍ତୁ, କିନ୍ତୁ ଚାର୍ଜେସ ନିଶ୍ଚିତ ଭାବେ ଲାଗୁ କରାଯିବ।

(iii) ଆଇସିଆଇସିଆଇ ବ୍ୟାଙ୍କ ପରିସ୍ଥିତି ଅନୁଯାୟୀ ସମ୍ପୂର୍ଣ୍ଣରୂପେ ନିଜସ୍ୱ ବିଚାର ଅନୁସାରେ ଯେକୌଣସି ସମୟରେ, ବିନା ନୋଟିସ୍‌ରେ ଅଥବା ନୋଟିସ୍ ସହିତ କାର୍ଡ ଏକାଉଣ୍ଟ ଏବଂ କାର୍ଡ ରଦ୍ଦ କରିଦେଇପାରେ। କାର୍ଡଧାରୀ ସଦସ୍ୟ ସ୍ପଷ୍ଟ ଭାବେ ସ୍ୱୀକାର କରନ୍ତି ଏବଂ ଗ୍ରହଣ କରନ୍ତି ଯେ ଯଦି କାର୍ଡଧାରୀ ସଦସ୍ୟଙ୍କର ଆଇସିଆଇସିଆଇ ବ୍ୟାଙ୍କରେ ଦୁଇଟି ଅଥବା ତତୋଧିକ କାର୍ଡ ଆକାଉଣ୍ଟ ରହିଥାଏ, ଏବଂ ଏହି ସର୍ତ୍ତ ଓ ନିୟମାବଳୀ ଅଧୀନରେ ପରିଚାଳିତ ହେଉଥାଏ ଏବଂ କୌଣସି ଏକ କାର୍ଡରେ ଆଇସିଆଇସିଆଇ ବ୍ୟାଙ୍କର ଦେୟ ପ୍ରଦାନରେ ବାକିଦାର ରହିଥାଏ, ଆଇସିଆଇସିଆଇ ବ୍ୟାଙ୍କ୍ କାର୍ଡ ସଦସ୍ୟଙ୍କୁ ସମସ୍ତ ଆଇସିଆଇସିଆଇ ବ୍ୟାଙ୍କ୍ କାର୍ଡ ଏକାଉଣ୍ଟ ଅଧୀନରେ ମିଳୁଥିବା କ୍ରେଡିଟ୍ ଲିମିଟ୍ ଏବଂ ଅନ୍ୟାନ୍ୟ ଉଠାଣ ସୁବିଧା ସୁଯୋଗ/ସୁବିଧାମାନ ଯାହା ସେହି ସମସ୍ତ କାର୍ଡ ଏକାଉଣ୍ଟ ଅଧୀନରେ ଉପଲବ୍ଧ ତାହା କାର୍ଡ ସଦସ୍ୟଙ୍କ ଦ୍ୱାରା ଉପେକ୍ଷିତ କାର୍ଡ ଏକାଉଣ୍ଟ ନିୟମିତ ନହେବା ପର୍ଯ୍ୟନ୍ତ ବ୍ଲକ୍ କରିରଖିବାର କ୍ଷମତା ହାସଲ କରିଥାଏ। କାର୍ଡଧାରୀ ସଦସ୍ୟ ମଧ୍ୟ

ଏଥିରେ ଏକମତ ଏବଂ ସ୍ୱୀକାର କରନ୍ତି ଯେ ଆଇସିଆଇସିଆଇ ବ୍ୟାଙ୍କର ଉପରୋକ୍ତ ପ୍ରକ୍ରିୟା ନିମନ୍ତେ କୌଣସି ଅତିରିକ୍ତ ନୋଟିସ୍ ପ୍ରଦାନ କରିବା ଆବଶ୍ୟକତା ନାହିଁ।

(iv) କାର୍ଡ ଆକାଉଣ୍ଟ ରଦ୍ଦ ହୋଇଯିବା ପରେ ଏବଂ ଆଇସିଆଇସିଆଇ ବ୍ୟାଙ୍କ ଏବଂ କାର୍ଡଧାରୀ ସଦସ୍ୟଙ୍କ ମଧ୍ୟରେ ବିପରୀତ ଉଦ୍ଦେଶ୍ୟରେ କୌଣସି ପୂର୍ବବର୍ତ୍ତୀ ରାଜିନାମା କରାଯାଇଥିବା ସତ୍ତ୍ୱେ (କ) ସେହି ସମୟରେ ଦର୍ଶାଯାଇଥିବା ସର୍ବମୋଟ ବକେୟା ଅର୍ଥ ଏପରିକି ତାହା ବିବରଣୀରେ ଏଥି ପୂର୍ବରୁ ସୂଚିତ କରାଯାଇଥାଉ କିମ୍ବା ନ କରାଯାଇଥାଉ ଏବଂ (ଖ) କାର୍ଡର ସମାପ୍ତି ପରେ ଯଦି କୌଣସି ସ୍ୱେଚ୍ଛାକୃତ ଚାର୍ଜେସର ଅର୍ଥ ପରିମାଣ ଉତ୍ପନ୍ନ ହେଉଥାଏ (କାରବାର ସମ୍ବନ୍ଧୀୟ ସୁପାରିଶ ତାରିଖ ଠାରୁ ଏହା କାର୍ଯ୍ୟକାରୀ ହୋଇଥାଏ) ତେବେ ତୁରନ୍ତ ତାଙ୍କର ବାକି ଅର୍ଥ କାର୍ଡଧାରୀ ସଦସ୍ୟ ପୈଠ କରିବା ଆବଶ୍ୟକ ଯେପରି ଭାବରେ ଏହି ଚାର୍ଜେସମାନ ବିବରଣୀରେ ପ୍ରତିଫଳିତ ହୋଇଥିବ। ସେହି ଅନୁସାରେ ସେହି ଅର୍ଥ ପରିମାଣ ଉପରେ ମଧ୍ୟ ଉତ୍ପନ୍ନ ସୁଧ ବୃଦ୍ଧି ମଧ୍ୟ ଲାଗୁ କରାଯିବ। ସମୟାନୁକ୍ରମେ ନିର୍ଦ୍ଧାରିତ ତାରିଖରେ ଚାର୍ଜେସମାନଙ୍କ ଉପରେ ଉତ୍ପନ୍ନ ସୁଧ ଲାଗୁ କରାଯିବ।

(v) ଯେ କୌଣସି ସମୟରେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଆଇସିଆଇସିଆଇ ବ୍ୟାଙ୍କ ନିଜସ୍ୱ ବିଚାରବୁଦ୍ଧି ଏବଂ ଅଧିକାର ବଳରେ ଅସ୍ଥାୟୀ କିମ୍ବା ସ୍ଥାୟୀ ଭାବରେ କାର୍ଡ ଉପରେ ମିଳୁଥିବା ସୁବିଧାଗୁଡ଼ିକୁ ଅପସାରଣ କରି ପାରିବେ ଏବଂ/କିମ୍ବା କାର୍ଡ ମଧ୍ୟ ରଦ୍ଦ କରିପାରିବେ। ଯଦି ଅସ୍ଥାୟୀ ଭାବରେ ଅପସାରଣ କରାଯାଉଥାଏ, ଆଇସିଆଇସିଆଇଙ୍କର ନିଜସ୍ୱ ବିଚାର ଏବଂ ଅଧିକାର ବଳରେ କାର୍ଡଧାରୀ ସଦସ୍ୟଙ୍କ ସୁବିଧା ପୁନଃ ସ୍ଥାପିତ କରାଇ ଦେଇପାରିବେ। ଯଦି ସ୍ଥାୟୀ ଭାବରେ ଅପସାରଣ କରାଯାଇଥାଏ ତେବେ ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କୁ ସ୍ଥାୟୀ ଭାବରେ ତାଙ୍କର ସଦସ୍ୟ ପଦ ରଦ୍ଦ କରି ଦେବେ ଏବଂ ଏହା ବ୍ୟାଙ୍କର ଅଧିକାର ପରିସରଭୁକ୍ତ। କିନ୍ତୁ ଏହା ନିର୍ଦ୍ଦିଷ୍ଟଭାବରେ ସ୍ପଷ୍ଟ କରି ଦିଆଯାଇଛି ଯେ ଅପସାରଣ (ଅସ୍ଥାୟୀ କିମ୍ବା ସ୍ଥାୟୀ କାରଣରୁ ମଧ୍ୟ କାର୍ଡ ସଂଲଗ୍ନ ଆନୁସଙ୍ଗିକ ଉପାଦେୟତା, ସୁବିଧା ଏବଂ ସେବା ସ୍ୱତଃସର୍ତ୍ତ ଭାବରେ ଅପସାରିତ କରି ନିଆଯିବା ସେ ପ୍ରକାର ସ୍ଥାୟୀ କିମ୍ବା ଅସ୍ଥାୟୀ ଅପସାରଣ କାରଣରୁ କାର୍ଡଧାରୀ ସଦସ୍ୟ ସେ ପ୍ରକାର ଅପସାରଣ ପୂର୍ବରୁ କାର୍ଡ ଉପରେ ଲାଗୁ ହେଉଥିବା ସମସ୍ତ ଚାର୍ଜେସ ଏବଂ ତତ୍‌ସହିତ ଅନ୍ୟ କୌଣସି ଲାଗୁ ହେଉଥିବା ଚାର୍ଜେସ ମିଶାଇ ଚାର୍ଜେସ ପ୍ରଦାନ କରିବାକୁ ବାଧ୍ୟ ଅଟନ୍ତି ଯାହା ଆଇସିଆଇସିଆଇ ବ୍ୟାଙ୍କ ନିର୍ଦ୍ଦିଷ୍ଟ ଭାବରେ ସୂଚିତ କରିଥିବେ।

କାର୍ଡ ଉପରେ ଖୋଦିତ ହୋଇଥିବା ବୈଧତା ଅବଧି (ସମୟକାଳ) ସମ୍ବନ୍ଧରେ କୌଣସି ଉଲ୍ଲେଖ ନ କରାଯାଇ ଯେ କୌଣସି ସମୟରେ କାର୍ଡ ଅପସାରଣ କରାଯାଇ ପାରେ ଏବଂ କାର୍ଡ ଆକାଉଣ୍ଟକୁ ମଧ୍ୟ ବନ୍ଦ କରି ଦିଆଯାଇପାରେ। ଆଇସିଆଇସିଆଇ ବ୍ୟାଙ୍କ କିମ୍ବା ତାଙ୍କର ପ୍ରତିନିଧିମାନଙ୍କ ଅନୁରୋଧ କ୍ରମେ କାର୍ଡଧାରୀ ସଦସ୍ୟ ତାଙ୍କର କାର୍ଡକୁ ହସ୍ତାନ୍ତର କରିବାକୁ ରାଜି ହେବା ଆବଶ୍ୟକ। ଅପସାରଣ ନୋଟିସ ଦେବା ପରେ ଯଦି କାର୍ଡ ବ୍ୟବହାର କରାଯାଉଥାଏ ଏବଂ ସୁବିଧାମାନ ଉପଭୋଗ କରାଯାଉଥାଏ ତେବେ ଏହା ପ୍ରତାରଣା ପୂର୍ଣ୍ଣ ଅଟେ ଏବଂ ସେହି କାରଣରୁ କାର୍ଡଧାରୀ ସଦସ୍ୟ ଆଇନଗତ କାରବାରର ସମ୍ମୁଖୀନ ହୋଇଥାଆନ୍ତି।

## (vi) ଚାର୍ଜେସ ଏବଂ ଅର୍ଥ ପୈଠ

ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକ ବିଷୟ ଚାର୍ଜେସ ବା ଦେୟର ଅନ୍ତର୍ଭୁକ୍ତ:

(କ) ସ୍ୱେଚ୍ଛାକୃତ ଦେୟ ମଧ୍ୟରେ ରହିଛି: କାରବାର ସୁପାରିଶ ଦ୍ୱାରା କୌଣସି ପ୍ରକାର ଜିନିଷର କ୍ରୟ/କିମ୍ବା ସେବାର ଅର୍ଥ ପିରମାଣ: କାରବାର ସୁପାରିଶ ଅନୁଯାୟୀ ପ୍ରଦାନ କରାଯାଉଥିବା କୌଣସି ଅଗ୍ରିମ ନଗଦ ଟଙ୍କା ପରିମାଣ: କାରବାର ସୁପାରିଶ ମାଧ୍ୟମରେ କୌଣସି ଅର୍ଥ ପରିମାଣ ଯାହା କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କକୁ ତାଙ୍କ କାର୍ଡରୁ ଡେବିଟ କରିବା ପାଇଁ ଅନୁରୋଧ କରିଛନ୍ତି।

(ଖ) ଅନିଚ୍ଛାକୃତ ଚାର୍ଜେସର ଅନ୍ତର୍ଭୁକ୍ତ ବିଷୟମାନ ଯଥା : କାର୍ଡ କିମ୍ବା କାର୍ଡ ଆକାଉଣ୍ଟ ଉପରେ ଆଇସିଆଇସିଆଇଙ୍କ ଦ୍ୱାରା ଦାବି କରାଯାଉଥିବା କୌଣସି ଫିସ୍ ଯୋଗଦାନ ଫିସ୍, ବାର୍ଷିକ, ପୁନଃସ୍ଥାପନ, ନବୀକରଣ, ପରିଚାଳନା, ବିଳମ୍ବରେ ପୈଠ ଏବଂ ଅନ୍ୟ ଦେୟମାନ ଦାବି କରାଯାଇଥାଏ। ଆଇସିଆଇସିଆଇ ବ୍ୟାଙ୍କର ପ୍ରଚଳିତ ଫିସ୍ ହାରରେ ଜଏନିଂ (ଯୋଗଦାନ) ଏବଂ ବାର୍ଷିକ ଫିସ୍ କାର୍ଡ ଆକାଉଣ୍ଟକୁ ଡେବିଟ କରାଯାଇଥାଏ। ଏହି ଫିସ୍‌ମାନ ଫେରସ୍ତ ଦିଆଯାଇ ନଥାଏ। ସଦସ୍ୟପଦ ନବୀକରଣ ପାଇଁ ଦାବି କରାଯାଉଥିବା ବାର୍ଷିକ ଫିସ୍ କାର୍ଡଧାରୀ ସଦସ୍ୟ କାର୍ଡର ପ୍ରଥମ ବର୍ଷ ପୂର୍ତ୍ତି ପୂର୍ବରୁ ପୈଠ କରିବେ। କେତେକ ନିର୍ଦ୍ଦିଷ୍ଟ ପ୍ରକାରର କାରବାର ପାଇଁ ଆଇସିଆଇସିଆଇ ବ୍ୟାଙ୍କ ସମୟାନୁକ୍ରମେ ସର୍ଭିସ ଚାର୍ଜ ବା ସେବା ମୂଲ୍ୟ ଦାବି କରିଥାଆନ୍ତି। ଅନିଚ୍ଛାକୃତ ଚାର୍ଜେସର ହିସାବକରଣ ପଦ୍ଧତି ସମୟାନୁକ୍ରମେ ଆଇସିଆଇସିଆଇ ବିଜ୍ଞପିତ କରିବେ।

(ଗ) ଆଇସିଆଇସିଆଇ ବ୍ୟାଙ୍କ ରେକର୍ଡରେ ସୂଚିତ କୌଣସି ଚାର୍ଜେସ ପରିମାଣ ଯାହା ଉପରେ ଦର୍ଶାଯାଇଛି, କୌଣସି ସ୍ପଷ୍ଟ ତ୍ରୁଟି ନଥିଲେ ବ୍ୟାଙ୍କର ସିଦ୍ଧାନ୍ତ କାର୍ଡଧାରୀ ସଦସ୍ୟଙ୍କ ପାଇଁ ଶେଷ ଏବଂ ବାଧ୍ୟତାମୂଳକ ଅଟେ। ଇଚ୍ଛାକୃତ ଚାର୍ଜ ସମ୍ବନ୍ଧୀୟ ପୈଠ ନିଷ୍ପାଦନ କରିବା ପାଇଁ ଯଦି ଆଇସିଆଇସିଆଇ ବ୍ୟାଙ୍କ କାର୍ଯ୍ୟକାରୀ କରିଥାଆନ୍ତି ତେବେ ବ୍ୟାଙ୍କର ସିଦ୍ଧାନ୍ତ ସେଥିପାଇଁ ଅକାଟ୍ୟ ବା ନିଃସନ୍ଦିଗ୍ଧ ଅଟେ। ସମସ୍ତ ପ୍ରକାରର ଷ୍ଟାଚ୍ୟୁଟୋରୀ କର, ସେବାକର ଅନ୍ୟାନ୍ୟ ମାହାସୁଲ ଏବଂ ଶୁଳ୍କ (ଷ୍ଟାମ୍ପ ଶୁଳ୍କ ଏବଂ ଆବଶ୍ୟକୀୟ ରେଜିଷ୍ଟ୍ରେଶନ ଚାର୍ଜେସ ଇତ୍ୟାଦି ଯଦି କାର୍ଡ ସମ୍ବନ୍ଧରେ ସରକାରଙ୍କ ଦ୍ୱାରା କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପରୋକ୍ତ ଉପାୟରେ ସମସ୍ତ କରମାନ ଲାଗୁ କରାଯାଇଥାଏ।

(ଘ) ବିଳମ୍ବିତ କିମ୍ବା ସଂଶୋଧିତ ଚାର୍ଜେସ :

(ଅ) ଯେ କୌଣସି ବ୍ୟବସାୟୀ ବିଳମ୍ବିତ କିମ୍ବା ସଂଶୋଧିତ ଚାର୍ଜେସ ପ୍ରକ୍ରିୟା ଲାଗୁ କରିପାରନ୍ତି, ଯଦି କାର୍ଡଧାରୀ ସଦସ୍ୟ କୌଣସି ହୋଟେଲ, କାର ଭଡା ସମ୍ବନ୍ଧୀୟ କମ୍ପାନି କିମ୍ବା ସାମୁଦ୍ରିକ ଯାତ୍ରା ସମ୍ବନ୍ଧୀୟ କାରବାର କିମ୍ବା ଅନ୍ୟ କୌଣସି କାରବାର ପାଇଁ ବ୍ୟବସାୟୀଙ୍କ ସମ୍ମତି ପ୍ରକାଶ କରିଥିବେ।

(ଆ) ସମ୍ପୃକ୍ତ କାରବାର ତାରିଖର ୨୦ କ୍ୟାଲେଣ୍ଡର ଦିନ ମଧ୍ୟରେ ବିଳମ୍ବିତ କିମ୍ବା ସଂଶୋଧିତ ଚାର୍ଜେସ ପ୍ରକ୍ରିୟା କାର୍ଡ ଆକାଉଣ୍ଟରେ ଲାଗୁ କରାଯାଇଥାଏ :

(ଇ) ଏହି କାରବାରରେ ରୁମ୍, ଖାଦ୍ୟ ଏବଂ ପାନୀୟ ବାବଦରେ ଚାର୍ଜେସ, କର, ଇନ୍ଧନ, ବୀମା, ରେଣ୍ଟାଲ (ଭଡା) ଫିସ, ଭଡାରେ ଦିଆଯାଇଥିବ। ଯାନବାହାନର କ୍ଷତି ବାବଦରେ, ପାର୍କିଙ୍ଗ ଟିକେଟସ ଏବଂ ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଏବଂ ସାମୁଦ୍ରିକ ଯାତ୍ରା ନିମିତ୍ତ ଜାହାଜରେ କିଣି ଯାଉଥିବା ଜିନିଷମାନ ଏବଂ ପ୍ରାପ୍ତ ସେବା ଇତ୍ୟାଦି ଅନ୍ତର୍ଭୁକ୍ତ।

(ଙ) ବୈଦେଶିକ ମୁଦ୍ରା ଆକାରରେ ଚାର୍ଜେସ :

ଆନ୍ତର୍ଜାତୀୟ ବୈଧ କାର୍ଡ଼ସ୍ ବ୍ୟତୀତ ଅନ୍ୟ ସମସ୍ତ କାର୍ଡ଼ସ ପାଇଁ ଆଇସିଆଇସିଆଇ କୌଣସି ପ୍ରକାର ବିଚାରାଧିକାର ଗ୍ରହଣ କରିବେ ନାହିଁ ଏବଂ ବୈଦେଶିକ ମୁଦ୍ରାରେ ନେପାଳ ଏବଂ ଭୁଟାନ ବ୍ୟତୀତ ଅନ୍ୟ ରାଜ୍ୟ କ୍ଷେତ୍ରରେ ବ୍ୟବହାର କରାଯାଉଥିଲେ ସେଥିପାଇଁ ଦାୟୀ ରହିବେ ନାହିଁ। ଉପରୋକ୍ତ ବିଷୟ ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପୈଠ ସେ ପ୍ରକାର ଚାର୍ଜେସ କାର୍ଡ ମେମ୍ବରଙ୍କୁ ସାହାଯ୍ୟ କରିବା ପାଇଁ କରାଯାଇଥାଏ ଏବଂ ଏଥିପାଇଁ କାର୍ଡଧାରୀ ସଦସ୍ୟଙ୍କ ଆର୍ଥିକବୋଝର ଦାୟିତ୍ୱ (ଏହି ସମସ୍ତ ଚାର୍ଜେସ ଏବଂ ପୈଠ କରାଯାଉଥିବା ଅର୍ଥ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ମୁକ୍ତ କରିଦିଆଗଲା ବୋଲି ବିଚାର କରିବା ଅନୁଚିତ। କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା କରାଯାଉଥିବା ସେ ପ୍ରକାର ଅର୍ଥ ପୈଠ ଏବଂ ତଦ୍‌ଜନିତ ପରିଣାମ କାରଣରୁ ଆଇସିଆଇସିଆଇ ବ୍ୟାଙ୍କ ପାଇଁ କାର୍ଡଧାରୀ ସଦସ୍ୟ ସମ୍ପୂର୍ଣ୍ଣ ଭାବରେ ନିଜର ପ୍ରତିଶ୍ରୁତି ପାଳନ କରିବା ସହିତ ହାନୀକାରକ ନହେବା ଉଚିତ୍।

(ଚ) ରେଳବାଇ ସଂସ୍ଥା ସହିତ କାରବାର:

କ୍ରେଡିଟ କାର୍ଡ ସାହାଯ୍ୟରେ ଯଦି ରେଳ ଟିକଟ କିଣା ଯାଉଥାଏ ସେଥିପାଇଁ କାର୍ଡ ମେମ୍ବରଙ୍କୁ ଯଦି ପ୍ରଯୁଜ୍ୟ କେତେକ ଅତିରିକ୍ତ ଚାର୍ଜେସ (ଯାହା ଲାଗୁ କରାଯାଇଥାଏ) ପୈଠ କରିବାକୁ ପଡିବ । ପରବର୍ତ୍ତୀ ସମୟରେ କୌଣସି ଟିକେଟ ରଦ୍ଦ କରାଗଲେ ସେହି ଅର୍ଥ ପରିମାଣ ସେହି ସମୟରେ କାର୍ଡ ଆକାଉଣ୍ଟରେ ଜମା ହୋଇଥାଏ (ରଦ୍ଦ ଜନିତ ଚାର୍ଜେସକୁ ବାଦ୍ ଦେଇ) ଯାହା ସମୟକ୍ରମେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଗୃହୀତ ହୋଇଥାଏ। କିନ୍ତୁ ଯଦି କାର୍ଡଧାରୀ ସଦସ୍ୟ ରଦ୍ଦ ତାରିଖରୁ 150 ଦିନ ମଧ୍ୟରେ ଟିକେଟ କ୍ରୟର ନିଶ୍ଚିତ ତାରିଖ ସପକ୍ଷରେ ଏକ ପତ୍ର, କ୍ରୟ ତାରିଖ, ରଦ୍ଦ ତାରିଖ ଏବଂ ଏକ ବିବରଣୀ ସହିତ ଯେଉଁଥିରେ ଟିକେଟ କିଣା ବାବଦରେ ଡେବିଟ ସୂଚିତ କରାଯାଇଥାଏ, କାର୍ଡଧାରୀ ସଦସ୍ୟ ଉଚିତ ଭାବରେ ଚାର୍ଜ ସ୍ଲିପ୍ ଜମା କଲା ପରେ ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କ କାର୍ଡ ଆକାଉଣ୍ଟରେ ବାକି ପରିମାଣ ଜମା କରିବେ। ଏ ପ୍ରକାର କାରବାର ଜନିତ ଫିସ (ଯାହା ପ୍ରଯୁଜ୍ୟ) କାର୍ଡଧାରୀ ସଦସ୍ୟଙ୍କ ପ୍ରତି ଲାଗୁ କରାଯାଇଥାଏ।

(ଛ) ଇନ୍ଧନ ଷ୍ଟେସନରେ କାରବାର:

ଯେତେବେଳେ କାର୍ଡଧାରୀ ସଦସ୍ୟ ତାଙ୍କର ଇନ୍ଧନ ପାଇଁ କାର୍ଡ ମାଧ୍ୟମରେ ପୈଠ କରିବାକୁ ଚହୁଁଥାଆନ୍ତି, ବାଣିଜ୍ୟ ଶୁଳ୍କ ସଂଯୋଜନରେ ଉଲ୍ଲେଖିତ ଶୁଳ୍କ ଅନୁସାରେ ତାଙ୍କୁ କାରବାର ଫିସ୍ ପୈଠ କରିବାକୁ ପଡିବ।

(ଜ) କ୍ରେଡିଟ କାର୍ଡ ବ୍ୟବହାର କାରଣରୁ କାର୍ଡ ବ୍ୟବହାର ହେବା ମାତ୍ରେ ଚାର୍ଜେସମାନ ଉତ୍ପନ୍ନ ହେବ, ସେହି ସମୟରୁ କାର୍ଡଧାରୀ ସଦସ୍ୟଙ୍କୁ ସେ ସମସ୍ତ ଚାର୍ଜେସ ପୈଠ କରିବାକୁ ପଡିବ। ଯଦି ନିର୍ଦ୍ଧାରିତ ଦେୟ ତାରିଖରେ କୌଣସି ବକେୟା ଅର୍ଥ ପରିମାଣ (ଯାହା ବିଲ୍‌ସ ଆକାରରେ ସୂଚିତ କରାଯାଇଥାଉ କିମ୍ବା ନ କରାଯାଇଥାଉ) ପୈଠ କରାଯିବାକୁ ଥାଏ, ତେବେ ବାଣିଜ୍ୟ ଶୁଳ୍କ ସଂଯୋଜନରେ ନିର୍ଦ୍ଦେଶ କରାଯାଇଥିବା ଅନୁସାରେ ସେ ପ୍ରକାର ବକେୟା ଅର୍ଥ ପରିମାଣ ସହିତ ନିର୍ଦ୍ଧାରିତ ହାରରେ ଚାର୍ଜେସମାନ ଲାଗୁ କରାଯିବ। ହାରାହାରୀ ଦୈନିକ ବାଲାନ୍ସ ପଦ୍ଧତି ଅନୁସାରେ ଚାର୍ଜେସମାନ ସଂଗଣିତ କରାଯିବ ଏବଂ ନିମ୍ନୋକ୍ତ ତାରିଖମାନଙ୍କ ମଧ୍ୟରୁ ଚାର୍ଜେସ ଲାଗୁ କରାଯିବ: ଯେଉଁ କ୍ଷେତ୍ରରେ କୌଣସି ଜିନିଷ କ୍ରୟ କିମ୍ବା ସେବା ଉପଲବ୍ଧ କରାଯାଇଥିବ, ଆଇସିଆଇସିଆଇ ବ୍ୟାଙ୍କ ରେକର୍ଡସ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିବା ସେହି ତାରିଖରୁ ଚାର୍ଜେସ ଗଣନା କରାଯାଇଥାଏ। ନଗଦ ଅର୍ଥ ଅପସାରଣ କ୍ଷେତ୍ରରେ ଯଦି ଚାର୍ଜ ଲାଗୁ କରାଯାଇଥାଏ, ତେବେ ଅପସାରଣ ତାରିଖରୁ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପ୍ରାପ୍ତ କରାଯାଇଥିବା ପୈଠ ଅର୍ଥ ପରିମାଣ ତାରିଖ ମଧ୍ୟରେ ଚାର୍ଜେସ ଗଣନା କରାଯାଇଥାଏ।

(ଝ) କାର୍ଡଧାରୀ ସଦସ୍ୟଙ୍କ ଆର୍ଥିକ ଦାୟିତ୍ୱ ପ୍ରତି କୌଣସ ପ୍ରତିକୂଳ ପ୍ରଭାବ ନ ପକାଇ ସମସ୍ତ ଚାର୍ଜେସ ନିର୍ଦ୍ଦିଷ୍ଟ ତାରିଖ କିମ୍ବା ପୂର୍ବରୁ ଅବିଳମ୍ବେ ପୈଠ କରିବା ପାଇଁ ତାଙ୍କୁ ବିବରଣୀ ମାଧ୍ୟମରେ ତାଗିଦ କରାଯାଇଥିଲେ ମଧ୍ୟ ସେ ତାଙ୍କର ଦେୟ ଅର୍ଥ ପୈଠ କରିବାର ବିକଳ୍ପ ମଧ୍ୟ ଅନୁସରଣ କରି ପାରନ୍ତି ଯଥା ସେ କେବଳ ବିବରଣୀରେ ଉଲ୍ଲେଖିତ ସର୍ବନିମ୍ନ ଦେୟ ପରିମାଣ (ଏମଏଡି) ପୈଠ କରିପାରିବେ। ଏମଏଡି ହେଉଛି ସର୍ବମୋଟ ଦେୟ ପରିମାଣର 5% କିମ୍ବା ସମତୁଲ୍ୟ ପରିମାଣ ଯାହା ଆଇସିଆଇସିଆଇ ବ୍ୟାଙ୍କର ନିଜସ୍ୱ ଅଧିକାର ବଳରେ ସ୍ଥିରୀକୃତ କରାଯାଇ ଥାଏ। ଯଦି କୌଣସି ପୈଠ କରାଯାଇ ନ ଥିବା କିସ୍ତି ସର୍ବନିମ୍ନ ଦେୟ ପରିମାଣରେ ଯୋଗ କରାଯିବ। ଯଦି ପୂର୍ବ ବିବରଣୀରେ ସୂଚିତ କୌଣସି ଏମଏଡି ପୈଠ କରାଯାଇ ନ ଥାଏ ତେବେ ତାହା ସାଂପ୍ରତିକ ବିବରଣୀର ଏମ୍ଏଡ଼ିରେ ଯୋଗ କରାଯିବ। ଯଦି ସମୁଦାୟ ବକେୟା ଅର୍ଥର ପରିମାଣ ବାକି/ନଗଦ ରାଶି ସୀମାଠାରୁ ଅଧିକ ହୁଏ, ତେବେ ବାକି/ନଗଦ ରାଶି ସୀମାକୁ ଅତିକ୍ରମ କରୁଥିବା ଅର୍ଥ ପରିମାଣ ଏମଏଡିରେ ମଧ୍ୟ ସଂଯୋଜିତ କରାଯିବ। ଯଦି କାର୍ଡଧାରୀ ସଦସ୍ୟଙ୍କ ନଗଦ ଅର୍ଥ ଉଠାଣ ତାଙ୍କର ନଗଦ ଅର୍ଥ ସୀମାକୁ ଅତିକ୍ରମ କରିଥାଏ, ତେବେ ତାଙ୍କର ଏମଏଡି ସର୍ବମୋଟ ଦେୟ ପରିମାଣର 5% ହେବ କିମ୍ବା କାର୍ଡଧାରୀ ସଦସ୍ୟ ଯେଉଁ ଅର୍ଥ ପରିମାଣ ଦ୍ୱାରା ନଗଦ ଟଙ୍କା ସୀମା ଅତିକ୍ରମ କରିଛନ୍ତି ଉଭୟଙ୍କ ମଧ୍ୟରେ ଯାହା ସର୍ବାଧିକସେହି ପରିମାଣ ପୈଠ କରିବେ ।

କିସ୍ତି ମାଧ୍ୟମରେ ପରିଶୋଧ କ୍ଷେତ୍ରରେ, ବକେୟା କିସ୍ତିର ପରିମାଣ ସହିତ ବିବରଣୀ ଅବଧିରେ ସର୍ବନିମ୍ନ ଦେୟ ପରିମାଣ ସହିତ ଯୋଗ କରାଯିବ। ଯଦି ସମୁଦାୟ ବକେୟା ରାଶି ପରିମାଣ ବାକି କିମ୍ବା ନଗଦ ରାଶି ସୀମାଠାରୁ ଅଧିକ ହୁଏ ତେବେ ବାକି କିମ୍ବା ନଗଦ ରାଶି ସୀମାଠାରୁ ଅଧିକ ହୋଇଥିବା ପରିମାଣ ମଧ୍ୟ ଏମ୍ଏଡ଼ି ସହିତ ସଂଯୋଜିତ ହେବ। ସର୍ବନିମ୍ନ ଦେୟ ପରିମାଣ ମଧ୍ୟରେ ପୂର୍ବ ବିବରଣୀରେ ସୂଚିତ ପୈଠ କରାଯାଇ ନ ଥିବା ସର୍ବନିମ୍ନ ଦେୟ ପରିମାଣ, ଯଦି କିଛି ଥାଏ, ତାହା ମଧ୍ୟ ଅନ୍ତର୍ଭୁକ୍ତ ହେବ। କୌଣସି ସ୍ଥିତିରେ ଯଦି କେବଳ ଏମଏଡି ପୈଠ କରାଯାଇଛି ତେବେ କାରବାର କାର୍ଯ୍ୟକାରୀ କରାଯାଇଥିବା ତାରିଖରୁ ସର୍ବମୋଟ ଦେୟ ପରିମାଣର ଅବଶିଷ୍ଟ ପରିମାଣ ଉପରେ ସୁଧ ଚାର୍ଜ (ଦାବି) କରାଯିବ। ଯଦି କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା କେବଳ ଏମଏଡି ପୈଠ କରିବାର ବିକଳ୍ପ ସୁବିଧା ବ୍ୟବହାର କରାଯାଏ,ତେବେ ତାହା ନିମ୍ନୋକ୍ତ ଅତିରିକ୍ତ, ସ୍ୱତନ୍ତ୍ର ଚୁକ୍ତି ଓ ସର୍ତ୍ତାବଳୀର ବିଷୟାଧିନ ଭାବରେ ଅନ୍ତର୍ଭୁକ୍ତ ହେବ:

(ଅ) ବିବରଣୀ ପାଇବା ପରେ, କାର୍ଡଧାରୀ ସଦସ୍ୟ ନିମ୍ନୋକ୍ତ ଉପାୟରେ ତାଙ୍କର ଦେୟ ଅର୍ଥ ପୈଠ କରିପାରିବେ। କାର୍ଡଧାରୀ ବିବରଣୀରେ ସୂଚିତ ସର୍ବମୋଟ ଦେୟ ପରିମାଣ କିମ୍ବା ସମତୁଲ୍ୟ ଏକ ପରିମାଣ ଯାହା ଏମଏଡିଠାରୁ (ସର୍ବନିମ୍ନ ଦେୟ ପରିମାଣ) ଅଧିକ ଏକ ପରିମାଣ ନିର୍ଦ୍ଧାରିତ ଦେୟ ତାରିଖରେ ନଗଦ ଟଙ୍କା, ଚେକ୍, ଡ୍ରାଫ୍ଟ, ଇନଫିନିଟି କିମ୍ବା ପୈଠ ସୁପାରିଶ ମାଧ୍ୟମରେ ଆଇସିଆଇସିଆଇ ବ୍ୟାଙ୍କକୁ ପୈଠ କରି ପାରିବେ।

(ଆ) କାର୍ଡ ବ୍ୟବହାର କାରଣରୁ ଉତ୍ପନ୍ନ ହେଉଥିବା ସମସ୍ତ ଚାର୍ଜେସ (ଉପରୋକ୍ତ ଖଣ୍ଡ (ଜ) ଅନ୍ତର୍ଗତ ପଦ୍ଧତି ଅନୁସାରେ ଏହା ଲାଗୁ କରାଯିବ।) ଏକ ସେବା ଚାର୍ଜ ରୂପରେ ଲାଗୁ କରାଯିବ।

(ଇ) ଯଦି ଏମଏଡି ପାଇଁ କିମ୍ବା ସର୍ବମୋଟ ଦେୟ ପରିମାଣ ପାଇଁ ବକେୟା ଅର୍ଥଠାରୁ କୌଣସି ପରିମାଣରେ କମ୍ ରାଶି ପୈଠ କରାଯାଉଥାଏ, ତେବେସର୍ବମୋଟ ବକେୟା ପରିମାଣ ଉପରେ ସୁଧ ଏବଂ ସେବା ଶୁଳ୍କ କ୍ରୟ କରାଯାଇଥିବା ତାରିଖରୁ ଲାଗୁ କରାଯାଇଥାଏ । ସେହିପରି ପରେ ନୂତନ (ତାଜା) କ୍ରୟ ଉପରେ ସୁଧ ଓ ସେବା ଶୁଳ୍କ ପରବର୍ତ୍ତୀ ନିର୍ଦ୍ଧାରିତ ଦେୟ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯାଏ । ଉପରୋକ୍ତ ଉଲ୍ଲେଖିତ ଅନୁବନ୍ଧ ଚାର୍ଜେସ ସହିତ ଯଦି ନିର୍ଦ୍ଧାରିତ ପୈଠ ତାରିଖ ମଧ୍ୟରେ ଏମଏଡି ପୈଠ କରାଯାଇ ନଥାଏ, ତେବେ ସେଥିପାଇଁ ବିଳମ୍ବଜନିତ ପୈଠ ଚାର୍ଜ ଲାଗୁ କରାଯିବ । ଯଦି କୌଣସି ଏମଏଡି କିମ୍ବା ତା'ର ଅଂଶ ବିଶେଷ ନିର୍ଦ୍ଧାରିତ ପୈଠ ତାରିଖ ପରେ ପୈଠ କରାଯାଇସାରିଛି ଏବଂ ସେହି ପରିମାଣ କାର୍ଡଧାରୀ ସଦସ୍ୟଙ୍କଠାରୁ ଆଇସିଆଇସିଆଇ ବ୍ୟାଙ୍କ ଗ୍ରହଣ କରିସାରିଛନ୍ତି, ତେବେ ସେଥିପାଇଁ ସୁଧ ପ୍ରୟୋଗ କରାଯିବ ନାହିଁ ।

*ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ଅଧିକାର ବଳରେ ଯେ କୌଣସି ସମୟରେ ପୂର୍ବରୁ ନୋଟିସ ନ ଦେଇ ଯେ କୌଣସି କାର୍ଡଧାରୀ ସଦସ୍ୟଙ୍କର କେବଳ ଏମଏଡି ପୈଠ କରିବା ବିକଳ୍ପ ସୁବିଧା ମଧ୍ୟ ଅପସାରଣ କରିପାରିବେ, ଯାହା ପୂର୍ବବର୍ତ୍ତୀ ଖଣ୍ଡରେ ବର୍ଣ୍ଣନା କରାଯାଇଛି । ଆଇସିଆଇସିଆଇ ବ୍ୟାଙ୍କ ସମ୍ମତି ଅନୁସାରେ କାର୍ଡଧାରୀ ସଦସ୍ୟଙ୍କ ଠାରୁ କୌଣସି ଏକ ବିବରଣୀରେ ସୂଚିତ କରାଯାଇଥିବା ଅନୁସାରେ ଯଦି କୌଣସି ଦେୟ ନିର୍ଦ୍ଧାରିତ ଅର୍ଥ ପରିମାଣ ପ୍ରାପ୍ତ କରାଯାଇଥାଏ, ତେବେ ସେହି ପରିମାଣ ନିମ୍ନୋକ୍ତ ଧାରାରେ ବିନିୟୋଜିତ କରାଯାଇଥାଏ, ଏହା ଅକ୍ଟୋବର 20ତାରିଖ 2008 ମସିହାରୁ ଲାଗୁ ହେବ:

1. ସମସ୍ତ ପ୍ରକାରର କର, ସୁଧ, ମୂଲ୍ୟ, ଚାର୍ଜେସ ଓ ଖର୍ଚ୍ଚ :

2. କ୍ରେଡିଟ କାର୍ଡ ଜରିଆରେ ବ୍ୟକ୍ତିଗତ ଋଣ ବାବଦରେ ପୈଠ କରାଯାଉଥିବା ଅର୍ଥ ଏବଂ ବାଲାନ୍ସ ହସ୍ତାନ୍ତରଣ ସୁବିଧା ମାଧ୍ୟମରେ ପୈଠ କରାଯିବାକୁ ଥିବା କିସ୍ତି ପରିମାଣ:

3. ରିଟେଲ (ଖୁଚୁରା) କ୍ରୟ ସକାଶେ ପୈଠ କରାଯାଉଥିବା କିସ୍ତି ପରିମାଣ (ଯେଉଁ କ୍ଷେତ୍ରରେ ସମସ୍ତ ଖୁଚୁରା ଜିନିଷ କ୍ରୟ ବାବଦରେ ବିନିଯୋଗ ଧନ ରାଶିକୁ କିସ୍ତିରେ ପରିବର୍ତ୍ତିତ କରାଯାଇଥାଏ):

4. ନଗଦ ଅର୍ଥ ରାଶି ଉଠାଣଜନିତ ଏବଂ ଫୋନ ସୁବିଧା ଜରିଆରେ ଡ୍ରାଫ୍ଟ ସୁବିଧା ବାବଦକୁ ଦେୟ :

5. ଅନ୍ୟାନ୍ୟ ଭିନ୍ନ ପ୍ରକାରର ବାଲାନ୍ସ ହସ୍ତାନ୍ତରଣ ସୁବିଧା ବାବଦରେ ଦେୟ, ଯାହାକି କାର୍ଡଧାରୀ ସଦସ୍ୟ ପୂର୍ବରୁ ଉପଲବ୍ଧ କରିସାରିଥିବେ:

6. ଖୁଚୁରା କ୍ରୟ ନିମନ୍ତେ ଦେୟ ।

ଉପରୋକ୍ତ ଉଲ୍ଲେଖିତ ବିଷୟଗୁଡ଼ିକ ବ୍ୟତୀତ : (i) ଆଇସିଆଇସିଆଇ ବ୍ୟାଙ୍କ ନିଜସ୍ୱ ବିଜ୍ଞ ଅଧିକାର ବଳରେ ସମ୍ବନ୍ଧିତ ଡକ୍ୟୁମେଣ୍ଟସ୍‌ରେ ଦର୍ଶାଯାଇଥିବା ଧାରାରେ କିମ୍ବା ଅନ୍ୟ ଉପାୟରେ କାର୍ଡଧାରକଙ୍କ ଦ୍ୱାରା ଆଇସିଆଇସିଆଇ ବ୍ୟାଙ୍କ ନିକଟରୁ ପ୍ରାପ୍ତ କରାଯାଇଥିବା ଅନ୍ୟାନ୍ୟ ସୁବିଧା ବାବଦରେ ଯଦି କୌଣସି ଅର୍ଥ ପରିମାଣ ପୈଠ କରାଯିବାକୁ ଥାଏ, ସେ ପ୍ରକାର ଦେୟ ଅର୍ଥ ରାଶିକୁ, ପ୍ରାପ୍ୟ ଧନରାଶି ସହିତ ବିନିଯୋଗ କରିପାରିବେ । (ii) ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ନିଜସ୍ୱ ବିଜ୍ଞ ଅଧିକାର ବଳରେ ବିନିଯୋଗର ଧାରାରେ ପରିବର୍ତ୍ତନ କରିପାରିବେ ।

ସେ ପ୍ରକାର ବିନିଯୋଗ କରାଯିବା ପରେ ଯଦି କୌଣସି ଅତିରିକ୍ତ କିମ୍ବା ବଳକା ଅର୍ଥ ରାଶି ରହିଥାଏ, ଏବଂ ସେହି ପରିମାଣ ବଦଳରେ ବିନିଯୋଗ କରାଯାଇଥାଏ, ତେବେ ତାହା ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ତାହାର ପରବର୍ତ୍ତୀ ବିବରଣୀ (ମାନଙ୍କରେ) ସୂଚିତ କରାଯାଇଥାଏ । ଆଇସିଆଇସିଆଇ ବ୍ୟାଙ୍କ କାର୍ଡ ଆକାଉଣ୍ଟଧାରୀଙ୍କ ପାଇଁ ଏକ ବାକି-ସୀମା ନିର୍ଦ୍ଧାରଣ କରିଥାଆନ୍ତି, କୌଣସି ପରିସ୍ଥିତିରେ ଏହି ସୀମା ଅତିକ୍ରମ କରାନଯିବା ଉଚିତ୍ । କିନ୍ତୁ ଯଦି ସମୁଦାୟ ବକେୟା ରାଶିର ପରିମାଣ ନିର୍ଦ୍ଧାରିତ ବାକି ସୀମାଠାରୁ ଅଧିକ ହୁଏ ଉକ୍ତ ଅତିରିକ୍ତ ପରିମାଣ ଉପରେ ଅତିରିକ୍ତ ଚାର୍ଜ ଲାଗୁ ହେବ ।

କାର୍ଡଧାରୀ ସଦସ୍ୟ ଏଥିପାଇଁ ବାକି ସୀମା ଏବଂ/କିମ୍ବା ନଗଦ ରାଶି ସୀମା ପୁନଃ ଅନୁଧ୍ୟାନ/ବୃଦ୍ଧି/ହ୍ରାସ କରିବା ପାଇଁ ତାଙ୍କର ସଦସ୍ୟ ପଦ ପୂର୍ଣ୍ଣ ହେବାର 12 ମାସ ସମୟ ପରେ ଆବେଦନ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥାଆନ୍ତି (ଯଦି ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ) । ଏପରି ସମୀକ୍ଷା ପରେ, ବାକି/ନଗଦ ରାଶି ସୀମାରେ କୌଣସି ପରିବର୍ତ୍ତନ କରିବା ଆଇସିଆଇସିଆଇ ବ୍ୟାଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ଅଧିକାର ପରିସରଭୁକ୍ତ । ଆଇସିଆଇସିଆଇ ବ୍ୟାଙ୍କ ନିଜସ୍ୱ ଅଧିକାର ବଳରେ ନିର୍ଦ୍ଧାରିତ ବାକି ସୀମା ଏବଂ କିମ୍ବା ନଗଦ ରାଶି ସୀମାରେ ପରିବର୍ତ୍ତନ (ଉଭୟ ପରିବୃଦ୍ଧି ଓ ହ୍ରାସ) ସମ୍ବନ୍ଧରେ ଅନୁଧ୍ୟାନ କରିବା ପାଇଁ ଯୋଗ୍ୟ ଅଟନ୍ତି । କେବଳ କାର୍ଡଧାରୀ ସଦସ୍ୟଙ୍କ ସମ୍ମତି ଅନୁସାରେ ଆଇସିଆଇସିଆଇ ବ୍ୟାଙ୍କ କାର୍ଡ ଉପରେ ନିର୍ଦ୍ଧାରିତ କରାଯାଇଥିବା ବାକି ସୀମା ଏବଂ/କିମ୍ବା ନଗଦ ରାଶି ସୀମାରେ ପରିବୃଦ୍ଧିକୁ କାର୍ଯ୍ୟକାରୀ କରାଇପାରିବେ ।

ଦ୍ରଷ୍ଟବ୍ୟ : ଯଦି ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସର୍ବମୋଟ ଦେୟ ପରିମାଣ ନିର୍ଦ୍ଧାରିତ ପୈଠ ତାରିଖ କିମ୍ବା ପୂର୍ବରୁ ଗ୍ରହଣ କରାଯାଇଥାଏ, ସେଥିପାଇଁ ସେବା ଚାର୍ଜ ଲାଗୁ କରାଯିବ ନାହିଁ । କିନ୍ତୁ ସମସ୍ତ ପ୍ରକାର ନଗଦ ଟଙ୍କା ଏବଂ ଡ୍ରାଫ୍ଟ ମାଧ୍ୟମରେ କରାଯାଉଥିବା କାରବାର ଉପରେ, କାରବାର କରାଯାଇଥିବା ତାରିଖରୁ ପ୍ରଚଳିତ ହାରରେ ସର୍ବମୋଟ ଦେୟ ଅର୍ଥ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଇ ନଥିବା ପର୍ଯ୍ୟନ୍ତ, ସେବା ଚାର୍ଜ ଆଦାୟ କରାଯିବ ।

(ଞ) ଆଇସିଆଇସିଆଇ ବ୍ୟାଙ୍କରେ ଖୋଲା ଯାଇଥିବା କ୍ରେଡିଟ କାର୍ଡ କିମ୍ବା ସେ ପ୍ରକାରର ଅନ୍ୟ କୌଣସି ଆକାଉଣ୍ଟ ଉପରେ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଦିଆଯାଉଥିବା ପରାମର୍ଶ ଅନୁସାରେ ସଦସ୍ୟଙ୍କ କ୍ରେଡିଟ କାର୍ଡ ଦେୟ ପୈଠମାଧ୍ୟମରେ ତାଙ୍କର କାର୍ଡ ଆକାଉଣ୍ଟରେ ଏକ ସମାନ ପରିମାଣ ହିସାବର ଜମା ଓ ଖର୍ଚ୍ଚ ପାର୍ଶ୍ୱରେ ଲେଖିବା ସହିତ କ୍ରେଡିଟ କାର୍ଡକୁ କାର୍ଯ୍ୟକ୍ଷମ କରିବା, ଯାହା ଆଇସିଆଇସିଆଇ ବ୍ୟାଙ୍କର ଏକ ଦାୟିତ୍ୱ କିନ୍ତୁ ସେଥିପାଇଁ ବାଧ୍ୟ ନୁହଁନ୍ତି । କାର୍ଡ ଆକାଉଣ୍ଟର ସମସ୍ତ ବକେୟା ରାଶି ସହିତ କୌଣସି କାର୍ଡ କାରବାରର ବାକି ଅର୍ଥ ଯାହାକି ପ୍ରଯୁଜ୍ୟ କିନ୍ତୁ କାର୍ଡ ଆକାଉଣ୍ଟଧାରୀଙ୍କୁ ଏ ପର୍ଯ୍ୟନ୍ତ ଚାର୍ଜ କରାଯାଇ ନାହିଁ ସେସବୁ ତୁରନ୍ତ ସଂପୂର୍ଣ୍ଣ ରୂପେ ଆଇସିଆଇସିଆଇ ବ୍ୟାଙ୍କକୁ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା,ତାଙ୍କର ଉତ୍ତରାଧିକାରୀ, ମନୋନୀତ ବ୍ୟକ୍ତି, ତାଙ୍କର ମୃତ୍ୟୁ କ୍ଷେତ୍ରରେ ଆଇନସଙ୍ଗତ ଉତ୍ତରାଧିକାରୀଙ୍କ ଦ୍ୱାରା (କ୍ରେଡିଟ ସିଲ୍ଡ ସୁବିଧା ବ୍ୟବସ୍ଥା ଲାଗୁ ହେବା ପରେ)କିମ୍ବା ପୈଠ କରାଯିବା ଉଚିତ୍ କିମ୍ବା ଋଣ ପରିଶୋଧ ଅକ୍ଷମତା କିମ୍ବା କାର୍ଡଧାରୀ ସଦସ୍ୟଙ୍କ ବ୍ୟବସାୟ ବନ୍ଦ କରିଦିଆଯିବା କାରଣରୁ ମଧ୍ୟ କାର୍ଡଧାରୀ ଆଇସିଆଇସିଆଇ ବ୍ୟାଙ୍କକୁ ପ୍ରଦାନ କରିବାକୁ ବାଧ୍ୟ ।

*କ୍ରେଡିଟ ଶିଲ୍ଡ ସୁବିଧା ଉପରେ ବିଶଦ ବିବରଣୀ ପାଇଁ ବାଣିଜ୍ୟ ଶୁଳ୍କ ସଂଯୋଜନ ତଥ୍ୟ ପଢ଼ନ୍ତୁ ।

***ସବିଶେଷ ବିବରଣୀ ନିମନ୍ତେ ଭିଜିଟ୍ କରନ୍ତୁ icicibank.com***

(ଟ) କାର୍ଡଧାରୀ ସଦସ୍ୟ ସ୍ପଷ୍ଟଭାବରେ ଏହା ଗ୍ରହଣ କରିଥାଆନ୍ତି ଯେ, ସେ ଯଦି ତାଙ୍କ ଉପରେ ଥିବା କୌଣସି ବାକି ଅର୍ଥ ପରିମାଣ ପୈଠ ତାରିଖ ପୂର୍ବରୁ କରିବାରେ ଅସମର୍ଥ ହୁଅନ୍ତି, କିମ୍ବା ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ବାକି ଘୋଷିତ କରାଯାଇଥିବା ବାକି ଦେୟ ଅର୍ଥ ଏବଂ ପ୍ରକାରାନ୍ତରେ ତାଙ୍କ ଉପରେ ଏହି ବାକି ଦେୟ ପ୍ରକୃତରେ ତାଙ୍କର ପୈଠକରିବାକୁ ଅଛି କିମ୍ବା କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କ ସହିତ ରାଜିନାମା ସତ୍ତ୍ୱେ କୌଣସି ଖିଲାପି (ତ୍ରୁଟି) କରନ୍ତି ଯେଉଁ ରାଜିନାମା ଜରିଆରେ କାର୍ଡଧାରୀ ସଦସ୍ୟ କୌଣସି ଆର୍ଥିକ/ବାକି/ଅନ୍ୟାନ୍ୟ ସୁବିଧା ଉପଭୋଗ କରି ଆସୁଛନ୍ତି ତେବେ ଏହି ପରିସ୍ଥିତିରେ ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ନିଜସ୍ୱ ଅଧିକାର ବଳରେ କୌଣସି ପ୍ରତିକୂଳ ପ୍ରଭାବ ସୃଷ୍ଟି ନକରି ନିଜର ସମସ୍ତ କିମ୍ବା ଯେ କୌଣସି ଅଧିକାର ଏବଂ ଉପଲବ୍ଧ ପ୍ରତିକାର ଉପରୋକ୍ତ ଚୁକ୍ତି ଓ ସର୍ତ୍ତାବଳୀ ମାଧ୍ୟମରେ ଏବଂ/କିମ୍ବା ପ୍ରଯୁଜ୍ୟ ଆଇନ ମାଧ୍ୟମରେ ସାବ୍ୟସ୍ତ କରିପାରିବେ।

(ଠ) ନିମ୍ନୋକ୍ତ ଅନ୍ୟାନ୍ୟ ଅଧିକାର ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ କୌଣସି କାରଣରୁ କାର୍ଡଧାରୀ ସଦସ୍ୟ ତାଙ୍କର ଦେୟ ପୈଠ କରିବାରେ ବିଳମ୍ବ କଲେ, ଆଇସିଆଇସିଆଇ ବ୍ୟାଙ୍କ ବାଣିଜ୍ୟ ସଂସ୍ଥା କ୍ରେଡିଟ କାର୍ଡକୁ ସ୍ୱୀକାର ନ କରିବା ପାଇଁ ପରାମର୍ଶ ଦେବା ସହିତ କ୍ରେଡିଟ କାର୍ଡ ସୁବିଧାମାନ ଅପସାରିତ କରି ନେବେ। କାର୍ଡଧାରୀ ସଦସ୍ୟ ଏହା ସ୍ୱୀକାର କରନ୍ତି ଯେ ଆଇସିଆଇସିଆଇ ବ୍ୟାଙ୍କ କିମ୍ବା ତାଙ୍କ ଦ୍ୱାରା ନିଯୁକ୍ତ ପ୍ରତିନିଧି/ଏଜେଣ୍ଟସ ବ୍ୟାଙ୍କର ନିଜସ୍ୱ ଅଧିକାର ବଳରେ ଯେ କୌଣସି ସମୟରେ କାର୍ଡଧାରୀ ସଦସ୍ୟଙ୍କଦ୍ୱାରା ତାଙ୍କ କାର୍ଡରେ ପୂର୍ବରୁ ଉତ୍ପନ୍ନ ପୈଠ କରାଯିବାକୁ ଥିବା ଚାର୍ଜେସ ପୈଠ କରିବାକୁ ବ୍ୟାଙ୍କ ତାଙ୍କୁ ବାଧ କରିପାରିବେ। କାର୍ଡଧାରୀ ସଦସ୍ୟ ମଧ୍ୟ ସମସ୍ତ ଖର୍ଚ୍ଚ ବହନ କରିବାକୁ ସହମତ ହୋଇଥାଆନ୍ତି। (ଆଇନଗତ କାର୍ଯ୍ୟାନୁଷ୍ଠାନ ବାବଦରେ କରାଯାଉଥିବା ଖର୍ଚ୍ଚ ସହିତ) ସମସ୍ତ ଦେୟ ଅର୍ଥର ସଂଗ୍ରହ ପାଇଁ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସମ୍ପୃକ୍ତ ବିଷୟ ପାଇଁ ଉତ୍ପନ୍ନ ସମସ୍ତ ଚାର୍ଜେସ, କାର୍ଡ ନବୀକରଣ/ପୁନଃସ୍ଥାପନ ପାଇଁ ଚାର୍ଜେସ, ନକଲ ବିବରଣୀ/ଚାର୍ଜ ସ୍ଲିପ କାରବାର, ଅଗ୍ରିମ ନଗଦ ଟଙ୍କା ବାବଦରେ ଫିସ, ବାହାରୁ ଆସୁଥିବା ଚେକ୍‌ସ ବାବଦରେ ସଂଗ୍ରହ ଫିସ, ଅର୍ଥ ପ୍ରଦାନରେ ଅକ୍ଷମତାଜନିତ ଫେରସ୍ତ କାରଣରୁ ପୈଠ କାରଣରୁ ଦଣ୍ଡ ଫିସ ଏବଂ ସେହି ପ୍ରକାରର ଅନ୍ୟ ଖର୍ଚ୍ଚମାନ ଏବଂ ଆଇନସଙ୍ଗତ କାରବାର ଆରମ୍ଭ କରାଯାଇଥିଲେ ସମସ୍ତ ଆଇନ ସଙ୍ଗତ ଖର୍ଚ୍ଚ ଏବଂ ଅଦାଲତ ନିଷ୍ପତ୍ତି ବାବଦରେ ଖର୍ଚ୍ଚ ସହିତ ସୁଧ ପରିମାଣ କାର୍ଡଧାରୀ ସଦସ୍ୟ ବହନ କରିବେ।

ସମସ୍ତ ଚାର୍ଜେସ ସମ୍ବନ୍ଧୀୟ ବିଶଦ ବିବରଣୀ ପାଇଁ ବାଣିଜ୍ୟ ଶୁଳ୍କ ସଂଯୋଜନ ଅନୁଧ୍ୟାନ କରନ୍ତୁ।

(ଡ)ଯଦି କାର୍ଡଧାରୀ ନିର୍ଦ୍ଧାରିତ ପୈଠ ତାରିଖ ମଧ୍ୟରେ ବକେୟା ଅର୍ଥ ପରିଶୋଧ ନ କରନ୍ତି ଆଇସିଆଇସିଆଇ ବ୍ୟାଙ୍କ ତାହାର ବିଭିନ୍ନ ଅଧିକାର ଏବଂ ପ୍ରତିକାର ଅନୁଯାୟୀ ନିୟମ ଅନୁସାରେ କାର୍ଡ ଧାରକଙ୍କର/କାର୍ଡଧାରୀ ସଦସ୍ୟଙ୍କର ନିଯୁକ୍ତି ପ୍ରଦାନକାରୀଙ୍କ ସହିତ ଆବଶ୍ୟକସ୍ଥଳେ ଯୋଗାଯୋଗ କରି ସଂପୃକ୍ତ କାର୍ଡଧାରୀ/କାର୍ଡଧାରୀ ସଦସ୍ୟଙ୍କର ଦୈନିକ ପାରିଶ୍ରମିକ/କିମ୍ବା ଦରମାରୁ ଅର୍ଥ କାଟି ତାଙ୍କର ସମସ୍ତ ଦେୟ ପରିଶୋଧ ହେବା ପର୍ଯ୍ୟନ୍ତ ତାହାକୁ ଆଇସିଆଇସିଆଇ ବ୍ୟାଙ୍କରେ ଜମା କରିବା ପାଇଁ ଅନୁରୋଧ କରିପାରିବେ। କେଉଁ ପରିମାଣର କିପରି ଭାବରେ ଅର୍ଥ କାଟ୍ କରାଯିବ ସେ ବାବଦରେ କାର୍ଡଧାରୀ/କାର୍ଡଧାରୀ ସଦସ୍ୟଙ୍କର ନିଯୁକ୍ତି ଦାତାଙ୍କୁ ଜଣାଇ(ନିର୍ଦ୍ଦେଶ) ଦିଆଯିବ। କାର୍ଡଧାରୀ/କାର୍ଡଧାରୀ ସଦସ୍ୟ ଏପରି ଅର୍ଥକାଟ୍‌କୁ ବିରୋଧ କରିପାରିବେ ନାହିଁ। କାର୍ଡଧାରୀ/କାର୍ଡଧାରୀ ସଦସ୍ୟ ଏବଂ/କିମ୍ବା କାର୍ଡଧାରୀ/କାର୍ଡଧାରୀ ସଦସ୍ୟଙ୍କର ନିଯୁକ୍ତିଦାତାଙ୍କୁ କୌଣସି ପ୍ରକାରରେ କୌଣସି ନିୟମ କିମ୍ବା କୌଣସି ଚୁକ୍ତି ଆଇସିଆଇସିଆଇ ବ୍ୟାଙ୍କକୁ ଏହିପରି ଭାବରେ କାର୍ଡଧାରୀ/କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ପରିଶୋଧ କରିବାକୁ ଥିବା ଆବଶ୍ୟକ ଅର୍ଥକାଟ୍ କରି କାର୍ଡଧାରୀ/କାର୍ଡଧାରୀ ସଦସ୍ୟଙ୍କର ନିଯୁକ୍ତିଦାତାଙ୍କୁ ଆଇସିଆଇସିଆଇ ବ୍ୟାଙ୍କକୁ ପ୍ରଦାନ କରିବାକୁ ବିରୋଧ/ପ୍ରତିହତ କରେ ନାହିଁ।

## (vii) ନଗଦ ଅର୍ଥ ଅପସାରଣ :

ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସ୍ଥିରୀକୃତ ଏକ ନିୟମିତ ସମୟ ବ୍ୟବଧାନ ମଧ୍ୟରେ କାର୍ଡଧାରୀ ସଦସ୍ୟ ତାଙ୍କର କାର୍ଡ ଜରିଆରେ ଆଇସିଆଇସିଆଇ ବ୍ୟାଙ୍କ ଶାଖା ଟେଲର ଆକାଉଣ୍ଟରୁ କୌଣସି ନିର୍ବାଚିତ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଅବସ୍ଥାପିତ ଅଟୋମେଟେଡ ଟେଲର ମେସିନରୁ କିମ୍ବା ଅନୁରୂପ ବ୍ୟାଙ୍କସ/ଅନ୍ୟ ଅବସ୍ଥିତିରୁ କାର୍ଡଧାରୀ ସଦସ୍ୟ ତାଙ୍କର କାର୍ଡର ବ୍ୟବହାର ଜରିଆରେ ଜରୁରୀକାଳିନ ସ୍ଥିତିରେ ନଗଦ ଅର୍ଥ ଉଠାଇ ପାରିବେ। ଯେ କୌଣସି ସମୟ କାଳରେ ଏହି ସୁବିଧା ଅନୁସାରେ ଉଠାଯାଇ ପାରୁଥିବା ସର୍ବମୋଟ ପରିମାଣ, ଯାହା ପ୍ରତ୍ୟେକ କାର୍ଡଧାରୀ ସଦସ୍ୟଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ନିର୍ଦ୍ଦେଶିତ କରାଯାଇଥାଏ, ସେହି ଉପଲବ୍ଧ ନିର୍ଦ୍ଧାରିତ ନଗଦ ଅର୍ଥ ସୀମାକୁ ଅତିକ୍ରମ କରିବା ଅନୁଚିତ । କାର୍ଡଧାରୀ ସଦସ୍ୟ ତାଙ୍କର ସମସ୍ତ କାରବାରର ହିସାବ,ଏଟିଏମ୍‌ରୁ ସଂଗୃହୀତ କାରବାର ସ୍ଲିପ୍ ନିଜ ପାଖରେ ଯତ୍ନରେ ରଖିବା ଉଚିତ, ସମସ୍ତ ଚାର୍ଜେସ ଉପରେ କାରବାର ଫିସ୍ ଆଦାୟ କରାଯିବା ସହିତ ବିଲ ପ୍ରସ୍ତୁତ କରାଯାଇ ବିବରଣୀରେ ତାହା ସୂଚିତ କରାଯାଇ କାର୍ଡଧାରୀ ସଦସ୍ୟଙ୍କ ନିକଟକୁ ପଠାଇ ଦିଆଯାଏ। ଏହା ବ୍ୟତୀତ, ସମସ୍ତ ନଗଦ ଅର୍ଥ ଅପସାରଣ ପାଇଁ ସେବା ଚାର୍ଜ ଆଦାୟ କରାଯାଇଥାଏ। ସେ ପ୍ରକାର ଅପସାରଣ ତାରିଖରୁ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଦେୟ ଅର୍ଥ ଗ୍ରହଣ କରିବା ପର୍ଯ୍ୟନ୍ତ ଏକ ହାରାହାରୀ ଦୈନନ୍ଦିନ ବକେୟା ବାକି ଜମା ପଦ୍ଧତି ଅନୁସରଣ କରି ସର୍ଭିସ ଚାର୍ଜର ଗଣନା କରାଯାଇଥାଏ। ସର୍ଭିସ ଚାର୍ଜ କାର୍ଡ ଆକାଉଣ୍ଟକୁ ଡେବିଟ କରାଯାଇଥାଏ।

ଉପରେ ବର୍ଣ୍ଣନା କରାଯାଇଥିବା କାରବାରଜନିତ ଫିସ୍ ଏବଂ ସର୍ଭିସ ଚାର୍ଜେସ ଫେରସ୍ତ ମିଳେ ନାହିଁ। ଆଇସିଆଇସିଆଇ ବ୍ୟାଙ୍କର ନିର୍ଦ୍ଧାରିତ ନିୟମ ଅନୁସାରେ, କେତେକ ବିଶେଷ ପ୍ରକାରର କାର୍ଡ ଜାରି ହେବାର ଶହେ ଅଶି (180) ଦିନ ମଧ୍ୟରେ ନଗଦ ରାଶି ସୀମା ଶୂନ୍ୟ ରଖାଯାଇପାରେ। ଏହି ପ୍ରଥମ ଶହେ ଅଶି ଦିନର 180 ଅବଧି ଶେଷ ହେଲା ପରେ ଆଇସିଆଇସିଆଇ ବ୍ୟାଙ୍କର ନିଜସ୍ୱ ଅଧିକାର ମାଧ୍ୟମରେ କାର୍ଡଧାରୀ ସଦସ୍ୟଙ୍କୁ ଏହି ନଗଦ ରାଶି ସୀମା ଉପଲବ୍ଧ ହୋଇପାରେ। ଏହିପରି ଅନ୍ୟାନ୍ୟ ସର୍ତ୍ତ ବାବଦରେ ବିଭିନ୍ନ ସମୟରେ ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀଙ୍କୁ ଜଣାଇଦେବେ।

## (viii) ଫୋନ ମାଧ୍ୟମରେ ଡ୍ରାଫ୍‌ଟ :

ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର ଦ୍ୱାରା ଟେଲିଫୋନ ମାଧ୍ୟମରେ ଅନୁରୋଧ କରାଯାଇ ଡ୍ରାଫ୍‌ଟ ପ୍ରସ୍ତୁତ କରାଯାଇ ପାରିବ ଏବଂ କାର୍ଡଧାରୀ ସଦସ୍ୟଙ୍କୁ ପଠାଇ ଦିଆଯାଇ ପାରିବ। ପ୍ରସ୍ତୁତ କରାଯାଉଥିବା ସମସ୍ତ ଡ୍ରାଫ୍ଟସ୍‌ର ପରିମାଣ ଯେପରି କେବଳ ଉପଲବ୍ଧ ନଗଦ ଟଙ୍କାର ସୀମା ମଧ୍ୟରେ ରହୁଥିବ ଏବଂ ସମସ୍ତ ଡ୍ରାଫ୍ଟସ୍ ଉପରେ କାରବାର ଫିସ୍ ଆଦାୟ କରାଯିବ ଏବଂ ବିଲ ପ୍ରସ୍ତୁତ କରାଯିବା ସହିତ ବିବରଣୀ ମାଧ୍ୟମରେ କାର୍ଡଧାରୀ ସଦସ୍ୟଙ୍କ ନିକଟକୁ ପଠାଇ ଦିଆଯିବ। କାରବାର ଜନିତ ଫିସ୍ ସହିତ ସମସ୍ତ ଡ୍ରାଫ୍ଟସ ପାଇଁ ସର୍ଭିସ ଚାର୍ଜ ଆଦାୟ କରାଯିବ। ଏ କ୍ଷେତ୍ରରେ କାର୍ଡଧାରୀ ସଦସ୍ୟଙ୍କୁ ଡ୍ରାଫ୍ଟ ପ୍ରଦାନ କରାଯିବା ତାରିଖରୁ ପରିଶୋଧ କରାଯାଉଥିବା ତାରିଖ ପର୍ଯ୍ୟନ୍ତ ସମୟକାଳ ପାଇଁ ସର୍ଭିସ ଚାର୍ଜ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଲାଗୁ କରାଯିବ। ଆଇସିଆଇସିଆଇ ବ୍ୟାଙ୍କ ପ୍ରଚଳିତ ହାରରେ ସର୍ଭିସ ଚାର୍ଜେସ କାର୍ଡ ଆକାଉଣ୍ଟରୁ ଡେବିଟ କରାଯିବ। ଉପରୋକ୍ତ କାରବାର ଜନିତ ଫିସ୍ ଏବଂ ସର୍ଭିସ ଫେରସ୍ତ ଦିଆଯାଇ ନଥାଏ।

କାର୍ଡଧାରୀ ସଦସ୍ୟଙ୍କ ପାଇଁ କୌଣସି ଅସୁବିଧା ନ କରାଇ ବା କୌଣସି ନୋଟିସ୍ ନଦେଇ, ଯେ କୌଣସି ସମୟରେ, ଆଇସିଆଇସିଆଇ ବ୍ୟାଙ୍କର ଏହି ସୁବିଧାକୁ ବନ୍ଦ କରିଦେବାର ଅଧିକାର ରହିଛି। ଆଇସିଆଇସିଆଇ ବ୍ୟାଙ୍କ ରେକର୍ଡସ୍‌ରେ ଶେଷ ରେକର୍ଡ କରାଯାଇଥିବା କାର୍ଡଧାରୀ ସଦସ୍ୟଙ୍କ ଡାକ ଠିକଣାରେ ଡ୍ରାଫ୍ଟ ତିଆରି ହୋଇଯିବା ମାତ୍ରେ ଡାକରେ କିମ୍ବା କୋରିଅର ସେବା ମାଧ୍ୟମରେ ପଠାଇ ଦିଆଯିବ। କାର୍ଡଧାରୀ ସଦସ୍ୟଙ୍କ ଅନୁରୋଧ ଗ୍ରହଣ କରିବା ଦିନରୁ 4ଟି କାର୍ଯ୍ୟ ଦିବସ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର ଦ୍ୱାରା ଡ୍ରାଫ୍ଟ ହସ୍ତାନ୍ତର କରାଯିବା ପାଇଁ ସମସ୍ତ ପ୍ରଚେଷ୍ଟା କରାଯିବ, ଏଥିପାଇଁ କୌଣସି ଦୃଢ଼ ପ୍ରତିଶ୍ରୁତି ଦିଆଯାଇ ପାରିବ ନାହିଁ। ଡ୍ରାଫ୍ଟସ୍‌ର ହସ୍ତାନ୍ତର କିମ୍ବା ହସ୍ତାନ୍ତର ଜନିତ ବିଳମ୍ବ କିମ୍ବା ଡ୍ରାଫ୍ଟ ନ ମିଳିବା କାରଣ ପାଇଁ ଆଇସିଆଇସିଆଇ ବ୍ୟାଙ୍କ ଦାୟୀ ରହିବେ ନାହିଁ। ଯଦି କୌଣସି ଡ୍ରାଫ୍ଟ ହଜିଯାଇଥାଏ କିମ୍ବା ରଦ୍ଦ କରାଯିବା ଆବଶ୍ୟକ, ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ରକୁ ତୁରନ୍ତ ଜଣାଇବା ଆବଶ୍ୟକ। ଯଥୋଚିତ ଭାବରେ ପୂରଣ କରାଯାଇଥିବା ଏକ ଇନ ଡେମନିଟୀ କିମ୍ବା କ୍ଷତିପୂରଣ ଦାବି ପତ୍ର (ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଗ୍ରହଣୀୟ ଫର୍ମ ମାଧ୍ୟମରେ) କାର୍ଡଧାରୀ ସଦସ୍ୟଙ୍କଠାରୁ ପାଇବା ପରେ ଆଇସିଆଇସିଆଇ ବ୍ୟାଙ୍କ ଡ୍ରାଫ୍ଟର ମୂଳଧନ କେବଳ କ୍ରେଡିଟ ଆକାଉଣ୍ଟରେ କ୍ରେଡିଟ କରାଇ ଫେରସ୍ତ ଦେବେ। ରଦ୍ଦ କରାଯିବାକୁ ଥିବା ଡ୍ରାଫ୍ଟ ଫେରସ୍ତ କରି ଦିଆଯିବା ଆବଶ୍ୟକ ଏବଂ ସେଥିପାଇଁ ରଦ୍ଦଜନିତ ଚାର୍ଜ ଲାଗୁ କରାଯିବ। ଯଦି କୌଣସି ଡ୍ରାଫ୍ଟ ହଜିଯାଏ କିମ୍ବା ଚୋରି ହୋଇଯାଏ, ଆଇସିଆଇସିଆଇ ବ୍ୟାଙ୍କ ପୁନଃସ୍ଥାପନ କିମ୍ବା କ୍ଷତି ପୂରଣ ପାଇଁ ଦାୟୀ ରହିବେ ନାହିଁ।

## (ix) ବୀମାର ଉପାଦେୟତା

ବୀମା କମ୍ପାନିଙ୍କ ସହିତ ଆପୋଷ ରାଜିନାମା ଜରିଆରେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସମୟ ସମୟରେ କାର୍ଡଧାରୀ ସଦସ୍ୟଙ୍କୁ ବିଭିନ୍ନ ପ୍ରକାରର ସୁବିଧା ପ୍ରଦାନ କରାଯାଇଥାଏ। ସମସ୍ତ ପ୍ରକାର ଅର୍ଥ ଦାବି କ୍ଷେତ୍ରରେ, କେବଳ ବୀମା କମ୍ପାନି ସମସ୍ତ ଅର୍ଥ ଦାବିର ସମାଧାନ କରିବା ପାଇଁ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବେ ଏବଂ କାର୍ଡଧାରୀ ସଦସ୍ୟ ସେଥିପାଇଁ କ୍ଷତିପୂରଣ, କ୍ଷତିପୂରଣର ଆଦାୟ, ଅର୍ଥଦାବି ସମ୍ବନ୍ଧୀୟ କାରବାର କିମ୍ବା ଅନ୍ୟ କାରଣ ପାଇଁ ଆଇସିଆଇସିଆଇ ବ୍ୟାଙ୍କ ଦାୟୀ ରହିବେ ନାହିଁ। ନିମ୍ନରେ ସୂଚିତ ଚୁକ୍ତି ଅନୁସାରେ ବୀମା କମ୍ପାନି କାର୍ଡଧାରୀ ସଦସ୍ୟଙ୍କ ମନୋନୀତ ବ୍ୟକ୍ତିଙ୍କ ନାମରେ ପ୍ରଯୁଜ୍ୟ ଦାବି ରାଶି ପ୍ରଦାନ କରିପାରିବେ, ଯାହାଙ୍କର ନାମ ଏବଂ ଦସ୍ତଖତ ଉପଯୁକ୍ତ ସାକ୍ଷୀମାନଙ୍କ ଦ୍ୱାରା ସ୍ୱୀକୃତ କରାଯାଇ ବୀମା ନୋମିନେସନ୍ ଫର୍ମକୁ ଆଇସିଆଇସିଆଇ ବ୍ୟାଙ୍କ ଜରିଆରେ ପ୍ରତ୍ୟକ୍ଷ ଭାବରେ ବୀମା କମ୍ପାନିଙ୍କ ନିକଟକୁ ପଠାଇବା ଆବଶ୍ୟକ, ଯାହାଦ୍ୱାରା ବୀମା କମ୍ପାନି କ୍ଷତିପୂରଣ ଦାୟିତ୍ୱରୁ ମୁକ୍ତ ହେବା ସହିତ କାର୍ଡଧାରୀ ସଦସ୍ୟଙ୍କ ମନୋନୀତ ବ୍ୟକ୍ତିଙ୍କୁ ତାଙ୍କର ପ୍ରାପ୍ୟ ଦାବି ଅର୍ଥ ପରିମାଣ ପୈଠ କରିପାରିବେ। ମନୋନୟନରେ କୌଣସି ପରିବର୍ତ୍ତନ କରାଯାଉଥିଲେ କାର୍ଡଧାରୀ ସଦସ୍ୟ ଲିଖିତ ଆକାରରେ ଆଇସିଆଇସିଆଇ ବ୍ୟାଙ୍କକୁ ଜଣାଇଦେବା ଉଚିତ। ଏହା ସହିତ କାର୍ଡଧାରୀ ଏହା ସ୍ୱୀକାର କରିବା ଉଚିତ ଯେ କାର୍ଡଧାରୀ ସଦସ୍ୟଙ୍କୁ ବୀମା ସୁବିଧା ଏହି ସର୍ତ୍ତରେ ମିଳିବ, ଯେଉଁ ସମୟ ପର୍ଯ୍ୟନ୍ତ ସେ ଆଇସିଆଇସିଆଇ ବ୍ୟାଙ୍କ ସହିତ ସଦସ୍ୟ ହୋଇଥିବେ ଏବଂ ତାଙ୍କର ସଦସ୍ୟପଦ କାଏମ ରଖିଥିବେ ଏପରିକି ତାଙ୍କର କାର୍ଡ ଆକାଉଣ୍ଟର ସଠିକତା ଏବଂ ନିୟମିତତା ରକ୍ଷା କରାଯିବା ସହିତ ସେ ଯେପରି ଦେୟ ପ୍ରଦାନରେ ଖିଲାପି କରିନଥିବେ । କାର୍ଡଧାରୀ ସଦସ୍ୟ ଏଥି ସହିତ ସହମତ ହୋଇଥାଆନ୍ତି ଯେ, ବୀମା କ୍ଲେମ୍‌ର ଆୟ (ଅର୍ଥ ଲାଭ) ଆଇସିଆଇସିଆଇ ବ୍ୟାଙ୍କର ନିର୍ଦ୍ଦେଶ ଅନୁସାରେ ବୀମା କମ୍ପାନି ସେ ପର୍ଯ୍ୟନ୍ତ ବିଚାରାଧୀନ ହିସାବରେ ଅଟକାଇ ରଖିବା ଆବଶ୍ୟକ, ଯେଉଁ ପର୍ଯ୍ୟନ୍ତ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା କାର୍ଡ ଉପରେ ସୂଚିତ ସମସ୍ତ ବକେୟା ଅର୍ଥ ପରିମାଣ ସନ୍ତୋଷଜନକ ଭାବରେ ପରିଶୋଧ କରାଯାଇ ନାହିଁ। ଯଦି କୌଣସି କାରଣରୁ କାର୍ଡ ସୁବିଧା ରଦ୍ଦ କରି ଦିଆଯାଏ, ସଦସ୍ୟପଦ ସମାପ୍ତି ହେବା ତାରିଖରୁ ମଧ୍ୟ ଉପଲବ୍ଧ ସମସ୍ତ ପ୍ରକାର ବୀମା ସୁବିଧା ମଧ୍ୟ ଆପେଆପେ (ସ୍ୱତଃସ୍ଫୁର୍ତ୍ତ) ଭାବରେ ବନ୍ଦ ହୋଇଯିବ। ଆଇସିଆଇସିଆଇ ବ୍ୟାଙ୍କ ଯେ କୌଣସି ସମୟରେ ତାଙ୍କର ନିଜସ୍ୱ ଅଧିକାର ବଳରେ ପୂର୍ବରୁ କୌଣସି ନୋଟିସ ନ ଦେଇ ଉପରୋକ୍ତ ବୀମା ସୁବିଧାକୁ ପରିବର୍ତ୍ତନ, ନିଲମ୍ବିତ, ଅପସାରଣ କିମ୍ବା ରଦ୍ଦ କରିଦେଇ ପାରିବେ ଏବଂ ଆଇସିଆଇସିଆଇ ବ୍ୟାଙ୍କ ପାଇଁ ଏହି ସୁବିଧାଗୁଡ଼ିକର ପୁନଃ ପ୍ରଚଳନ ବାଧ୍ୟତାମୂଳକ ନୁହେଁ ଏବଂ ଏହି ସୁବିଧା ଜାରି ରଖିବା ପାଇଁ ଆଇସିଆଇସିଆଇ ବ୍ୟାଙ୍କ କୌଣସି ପ୍ରକାରରେ ଅନୁବନ୍ଧିତ ନୁହେଁ।

## (x) କ୍ରେଡିଟ କାର୍ଡ୍‌ସ ହଜିଯିବା, ଚୋରି ହୋଇଯିବା କିମ୍ବା ତ୍ରୁଟିପୂର୍ଣ୍ଣ ବ୍ୟବହାର

ଯଦି କୌଣସି କାରଣରୁ କାର୍ଡ ହଜି ଯାଇଥାଏ କିମ୍ବା ଚୋରି ହୋଇଯାଇଥାଏ ସେହି ହଜିଯିବା କିମ୍ବା ଚୋରି ସମ୍ବନ୍ଧରେ କାର୍ଡଧାରୀ ସଦସ୍ୟ 24 ଘଣ୍ଟା ସମୟ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ରକୁ ଜଣାଇବା ଆବଶ୍ୟକ। କିନ୍ତୁ ଯଦି ଚୋରି କାରଣରୁ କାର୍ଡ ହରାଇ ଥାଆନ୍ତି କାର୍ଡଧାରୀ ସଦସ୍ୟ ମଧ୍ୟ ଆଞ୍ଚଳିକ ପୋଲିସ କେନ୍ଦ୍ରରେ ଅବିଳମ୍ବେ ଏକ ରିପୋର୍ଟ ଦାଏର କରିବା ଅତ୍ୟନ୍ତ ଜରୁରୀ ଏବଂ ଆଇସିଆଇସିଆଇ ବ୍ୟାଙ୍କ ଅନୁରୋଧ କ୍ରମେ ସେହି ରିପୋର୍ଟର ଏକକିତା ନକଲ ବ୍ୟାଙ୍କକୁ ପ୍ରଦାନ କରିବା ପାଇଁ କାର୍ଡଧାରୀ ସଦସ୍ୟ ବାଧ୍ୟ । ଆଇସିଆଇସିଆଇ ବ୍ୟାଙ୍କ ସେହି ରିପୋର୍ଟକୁ ଉପଯୁକ୍ତ ଭାବରେ ଯାଞ୍ଚ କରିବା ପରେ କାର୍ଡ ଆକାଉଣ୍ଟକୁ ନିଲମ୍ବିତ କରିବା ସହିତ କାର୍ଡଧାରୀଙ୍କୁ ମିଳୁଥିବା କାର୍ଡ ସମ୍ବନ୍ଧୀୟ ସମସ୍ତ ସୁବିଧାଗୁଡ଼ିକ ମଧ୍ୟ ରଦ୍ଦ କରିଦେବେ ଏବଂ ଏହି କାରଣରୁ କାର୍ଡଧାରୀ ସଦସ୍ୟ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ଆଇସିଆଇସିଆଇ ବ୍ୟାଙ୍କ ଦାୟୀ ରହିବେ ନାହିଁ।

କାର୍ଡଧାରୀ ସଦସ୍ୟ ଏ ପ୍ରକାର ବିଚାରଶୀଳ ହେବା ଉଚିତ ଯେ, ଯଦି ଗୋଟିଏ ଥର କାର୍ଡ ହଜି ଯାଇଥିବାର ରିପୋର୍ଟ ମିଳେ କିମ୍ବା ଚୋରି ହୋଇଯାଇଥାଏ, କିମ୍ବା କାର୍ଡର କ୍ଷତି ଘଟିଥାଏ ସେହି କାର୍ଡ ମିଳିଯିବା ପରେ ମଧ୍ୟ ପୁନର୍ବାର ବ୍ୟବହାର କରାଯାଇ ପାରିବ ନାହିଁ। କାର୍ଡଧାରୀ ସଦସ୍ୟ ଏହା ଘୋଷଣା କରିଥାଆନ୍ତି ଯେ ଯଦି କୌଣସି କାର୍ଡ ଚୋରି, କ୍ଷତିଗ୍ରସ୍ତ କିମ୍ବା ହଜିଯାଇଥାଏ ଏହାକୁ ପୁଣି ଥରେ ବ୍ୟବହାର କରାଯିବ ନାହିଁ ଏପରିକି ହଜିଯାଇଥିବା କାର୍ଡ ମିଳିଗଲା ପରେ କିମ୍ବା କ୍ଷତିଗ୍ରସ୍ତ ନ ହୋଇଥିବାର ଘୋଷଣା ପରେ ଏହା ବ୍ୟବହାର କରାଯାଇପାରିବ ନାହିଁ। ସେଭଳି ସ୍ଥିତିରେ କାର୍ଡଧାରୀ ସଦସ୍ୟ ତୁରନ୍ତ କାର୍ଡକୁ 4 ଖଣ୍ଡ କରି କାଟି ଦେବା ସହିତ ଆଇସିଆଇସିଆଇ ବ୍ୟାଙ୍କକୁ କାର୍ଡ ରଦ୍ଦ କରିବାକୁ ଫେରସ୍ତ ଦେବା ଉଚିତ। କାର୍ଡର ସୁରକ୍ଷା ପାଇଁ କାର୍ଡଧାରୀ ସଦସ୍ୟ ଦାୟୀ ଏବଂ ଯେପରି କାର୍ଡର କୌଣସି ଅପବ୍ୟବହାର ନ ହେବ, ସେଥିପାଇଁ ସେ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଯଦି କୌଣସି ପରିସ୍ଥିତିରେ ଆଇସିଆଇସିଆଇ ବ୍ୟାଙ୍କ ନିଶ୍ଚିତ ଭାବରେ ଜାଣିବାକୁ ପାଇଲେ ଯେ ଉପରୋକ୍ତ ପଦକ୍ଷେପ (ସତର୍କତା) ଗ୍ରହଣ କରିବାରେ କାର୍ଡଧାରୀ ସଦସ୍ୟ ଅସଫଳ ହୋଇଛନ୍ତି ନିର୍ଦ୍ଦିଷ୍ଟ ଭାବରେ କାର୍ଡ ହଜାଇଦେବା/ଚୋରି/ନଷ୍ଟ କରିଦେବା କ୍ଷେତ୍ରରେ କାର୍ଡଧାରୀ ସଦସ୍ୟଙ୍କୁ ସନ୍ଦେହାତ୍ମକ ବୋଲି ଗ୍ରହଣ କରାଯିବ ଏବଂ ଚୋରି/ହଜିଯିବା/ନଷ୍ଟ କାରଣ ପାଇଁ କାର୍ଡଧାରୀ ସଦସ୍ୟ ଦାୟୀ ରହିବେ ଏବଂ ପରବର୍ତ୍ତୀ ସମୟରେ ଏଥିପାଇଁ କାର୍ଡ ଆକାଉଣ୍ଟ ରଦ୍ଦ କରି ଦିଆଯାଇପାରେ।

କାର୍ଡ ହଜିଯିବା/ଚୋରି ହୋଇଯିବା/ନଷ୍ଟ ହୋଇଯିବା ସମ୍ବନ୍ଧରେ ଆଇସିଆଇସିଆଇ ବ୍ୟାଙ୍କକୁ ରିପୋର୍ଟ କରାଯିବା ପରେ ଏବଂ ସେହି ଅନୁସାରେ କାର୍ଡ ଆକାଉଣ୍ଟକୁ

ବ୍ୟାଙ୍କ ଦ୍ୱାରା ନିଲମ୍ବିତ କରାଯିବା ପରେ କ୍ରେଡିଟ କାର୍ଡ ଉପରେ କରାଯାଇଥିବା ଯେ କୌଣସି ଅପ୍ରାଧିକୃତ କାରବାର ପାଇଁ କାର୍ଡଧାରୀ ସଦସ୍ୟଙ୍କୁ କୌଣସି ପ୍ରକାରରେ ଦାୟୀ କରାଯିବ ନାହିଁ। କାର୍ଡ ହଜିଯିବା/ଚୋରି/କ୍ଷତି ସମ୍ବନ୍ଧିୟ ରିପୋର୍ଟ ପ୍ରଦାନ କରାଯିବା ପରବର୍ତ୍ତୀ ସମୟରେ କାର୍ଡ ଉପରେ କରାଯାଇଥିବା ସମସ୍ତ କାରବାରର ଦାୟିତ୍ୱ ବ୍ୟାଙ୍କ ବହନ କରିବେ। କିନ୍ତୁ ରିପୋର୍ଟିଙ୍ଗ କରାଯାଇଥିବା ସମୟ ସମ୍ବନ୍ଧରେ ଯଦି କୌଣସି ବିବାଦ ଉପୁଜିଥାଏ, ଏବଂ/କିମ୍ବା କାର୍ଡ ଉପରେ କରାଯାଇଥିବା କାରବାର ସମ୍ବନ୍ଧୀୟ ବିବାଦ, କିମ୍ବା ରିପୋର୍ଟ କରାଯିବା ପରବର୍ତ୍ତୀ ସମୟରେ ଯଦି ସେହି କାର୍ଡ ହଜିଯାଏ/ଚୋରି ହୋଇଯାଇଥାଏ/ଅପବ୍ୟବହାର କରାଯାଇଥାଏ ସେହି ପରିସ୍ଥିତିରେ ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ନିଜସ୍ୱ କ୍ଷମତା ବଳରେ ସେହି ସମୟକୁ ସୁନିଶ୍ଚିତ କରିବା ତଥା ବିବାଦୀୟ କାରବାରର ସତ୍ୟତା ପ୍ରମାଣିତ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବେ।

ଆଇସିଆଇସିଆଇ ବ୍ୟାଙ୍କ ଅବିରତ ଉଚ୍ଚ ବିପଦସଂପନ୍ନ ଦେଶରେ କାର୍ଡ ବ୍ୟବହାରର ବିପତ୍ତିର ଆଶଙ୍କାକୁ ଯାଞ୍ଚ କରୁଛନ୍ତି। ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କୁ କଲ୍ କରି ସେମାନଙ୍କୁ ସମ୍ଭାବ୍ୟ ଠକେଇ ବିପତ୍ତି ବାବଦରେ ସୂଚନା ଦେବାକୁ ଉଦ୍ୟମ କରିପାରେ ଯାହାକି ଉଚ୍ଚ ବିପତ୍ତିସଂପନ୍ନ ଦେଶମାନଙ୍କରେ ଏହିପରି କାର୍ଡର ବ୍ୟବହାରରୁ ସୃଷ୍ଟି ହୋଇଥାଏ ଏବଂ କାର୍ଡଧାରୀ ସଦସ୍ୟଙ୍କର ସମ୍ମତିକ୍ରମେ ଏହି କାର୍ଡର ପରବର୍ତ୍ତୀ ବ୍ୟବହାରକୁ ପ୍ରତିହତ କରିଥାଆନ୍ତି। ଏ କ୍ଷେତ୍ରରେ ଯଦି ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସମ୍ଭାବ୍ୟ ଠକେଇର ସୂଚନା ପ୍ରାପ୍ତ କଲା ପରେ କାର୍ଡଧାରୀ ସଦସ୍ୟ କାର୍ଡ ବ୍ୟବହାର ପ୍ରତିହତ ନ କରିବାକୁ ଚାହାନ୍ତି, ତେବେ ଆଇସିଆଇସିଆଇ ବ୍ୟାଙ୍କ ପରବର୍ତ୍ତୀ ସମୟରେ ରିପୋର୍ଟ କରାଯାଇଥିବା କୌଣସି ପ୍ରକାରରେ କାର୍ଡ ମାଧ୍ୟମରେ ଠକେଇ କିମ୍ବା ଅନ୍ୟାନ୍ୟ କାରବାର ପାଇଁ ଦାୟୀ ବା ପ୍ରତିବଦ୍ଧ ରହିବେ ନାହିଁ।

## (xi) ଦାୟିତ୍ୱର ବହିଷ୍କରଣ

ନିରପେକ୍ଷ ଭାବରେ ଆଇସିଆଇସିଆଇ ବ୍ୟାଙ୍କକୁ ଉପଲବ୍ଧ ହେଉଥିବା ପ୍ରତିକାର ଏବଂ ଉପରୋକ୍ତ ସର୍ତ୍ତାବଳୀ ଅନୁସାରେ ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କ କାର୍ଡ ହଜିଯିବା, କ୍ଷତିଗ୍ରସ୍ତ ହେବା କାରଣରୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୌଣସି ପ୍ରକାରର ଦାୟିତ୍ୱ ବହନ କରିବେ ନାହିଁ।

(କ) କୌଣସି ଜିନିଷପତ୍ର କିମ୍ବା ସେବା ଯୋଗାଣରେ ଯଦି କୌଣସି ପ୍ରକାରର ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୋଇଥାଏ

(ଖ) କୌଣସି ବ୍ୟକ୍ତିବିଶେଷ/ବାଣିଜ୍ୟ ସଂସ୍ଥା ଦ୍ୱାରା କାର୍ଡ ଗ୍ରହଣ ନ କରିବା କିମ୍ବା ମନା କରିଦେବା:

(ଗ) କମ୍ପ୍ୟୁଟର ଟର୍ମିନାଲର କୌଣସି ପ୍ରକାରରେ ଠିକ୍‌ରେ କାମ କରୁନଥିବା ସ୍ଥିତି:

(ଘ) କାର୍ଡଧାରୀ ସଦସ୍ୟଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା କାରବାର ସଂପର୍କିତ ନିର୍ଦ୍ଦେଶ ପ୍ରଦାନ କରାଯିବା:

(ଙ) ଆଇସିଆଇସିଆଇ ବ୍ୟାଙ୍କ କିମ୍ବା ଏହାର ପ୍ରତିନିଧିମାନଙ୍କ ବ୍ୟତୀତ କାର୍ଡଧାରୀ ସଦସ୍ୟଙ୍କର ତାଙ୍କର କାର୍ଡ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତରଣ କରିବା:

(ଚ) କାର୍ଡର ପୃଷ୍ଠ ଭାଗରେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପ୍ରକାଶିତ ପୂର୍ବବର୍ତ୍ତୀ ଶେଷ ତାରିଖ ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କ କାର୍ଡର ସଂଗ୍ରହ (ହସ୍ତଗତ) କରିବା ପାଇଁ କାର୍ଡ ଦାବି କରିବା ଏବଂ କାର୍ଡଧାରୀଙ୍କ କାର୍ଡ ସମର୍ପଣ କରିବା ପାଇଁ ବାଧ୍ୟ କରିବା ଇତ୍ୟାଦି ବିଷୟରେ ବ୍ୟାଙ୍କ ନିଜର ଅଧିକାର ସାବ୍ୟସ୍ତ କରିପାରିବେ।

(ଛ) ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଯେ କୌଣସି କାର୍ଡ ଏବଂ କାର୍ଡ ଆକାଉଣ୍ଟ ରଦ୍ଦ କରିବାର ଅଧିକାର ସାବ୍ୟସ୍ତ କରିବା ପ୍ରକ୍ରିୟା

(ଜ) ପୁନର୍ବାର ଅଧିକୃତ କରାଯାଇଥିବା କାର୍ଡ କାରଣରୁ କାର୍ଡଧାରୀ ସଦସ୍ୟଙ୍କ ଯଶହାନି କିମ୍ବା ତାଙ୍କର ବାକି ନେବା ଯୋଗ୍ୟତାର କ୍ଷତି ଏବଂ/କିମ୍ବା କାର୍ଡ ଫେରସ୍ତ ସମ୍ବନ୍ଧରେ କୌଣସି ଅନୁରୋଧ କିମ୍ବା କୌଣସି ବାଣିଜ୍ୟ ସଂସ୍ଥା ଦ୍ୱାରା ଅସ୍ୱୀକାର/ମେଲ ଅର୍ଡର ସଂସ୍ଥା ଦ୍ୱାରା କାର୍ଡ ଗ୍ରହଣ କରିବାକୁ ମନା କରିବା ଏବଂ ସ୍ୱୀକୃତି ନ ଦେବା ଇତ୍ୟାଦି:

(ଝ) କୌଣସି ତ୍ରୁଟିପୂର୍ଣ୍ଣ ବିବରଣୀ, ମିଥ୍ୟା ବର୍ଣ୍ଣନା, ତ୍ରୁଟି କିମ୍ବା ଅବହେଳା କିମ୍ବା କୌଣସି ବିଶଦ ବର୍ଣ୍ଣନା ଯାହା ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା କିମ୍ବା ଆଇସିଆଇସିଆଇ ବ୍ୟାଙ୍କର ପ୍ରତିନିଧିତ୍ୱ କରୁଥିବା କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରକାଶ କରାଯାଇଛି, କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା କୌଣସି ଏକ ଦାବି ବା ଦାବିଜନିତ ମୀମାଂସା ପାଇଁ ଆଇସିଆଇସିଆଇ ବ୍ୟାଙ୍କ କିମ୍ବା ଆଇସିଆଇସିଆଇ ବ୍ୟାଙ୍କକୁ ପ୍ରତିନିଧିତ୍ୱ କରୁଥିବା କୌଣସି ବ୍ୟକ୍ତି ଦାବି କରନ୍ତି ତେବେ ସେ କ୍ଷେତ୍ରରେ କାର୍ଡଧାରୀ ସଦସ୍ୟ ସମ୍ମତି ପ୍ରଦାନ କରନ୍ତି ଏବଂ ଗ୍ରହଣ କରନ୍ତି ସେହି ଦାବିକୁ କୌଣସି ପ୍ରକାରେ ଏକ ଯଶ ହାନୀକାରକ କାର୍ଯ୍ୟ ବା ପ୍ରତିକୂଳ ପ୍ରଭାବକାରୀ କାର୍ଯ୍ୟ ଭାବରେ ଗ୍ରହଣ କରାଯିବ ନାହିଁ ବା ତାହା କାର୍ଡଧାରୀ ବ୍ୟକ୍ତିଙ୍କର ଚରିତ୍ର ଉପରେ ପ୍ରଭାବ ପକାଇବ ନାହିଁ।

କାର୍ଡଧାରକ ସ୍ୱୀକାର କରନ୍ତି ଯେ, କ୍ରେଡିଟ୍ କାର୍ଡ ସୁବିଧା ଗ୍ରହଣ ଆବେଦନ କରିବା ସମୟରେ ଆଲର୍ଟ ଗ୍ରହଣକରିବା ବ୍ୟବସ୍ଥା ନିମନ୍ତେ କାର୍ଡଧାରକ ଦ୍ୱାରା ପ୍ରଦାନ କରାଯାଇଥିବା ମୋବାଇଲ୍ ଫୋନ୍ ନମ୍ବର ଅଥବା ଇ–ମେଲ୍ ବ୍ୟବସ୍ଥା ଆଇସିଆଇସିଆଇ ବ୍ୟାଙ୍କ୍ ଅଥବା ଅନ୍ୟଥା ଦ୍ୱାରା ନିଯୁକ୍ତ ସେବାପ୍ରଦାନକାରୀଙ୍କ ଯୋଜନା ବା କାର୍ଯ୍ୟର ଆଧାର ଭାବରେ ଥିବା ସଂସ୍ଥାନ, ସଂଯୋଜନା ଏବଂ ସେବା ଉପରେ ନିର୍ଭରକରେ। କାର୍ଡଧାରକ ଗ୍ରହଣ କରନ୍ତି ଯେ ସମୟାନୁବର୍ତ୍ତନ, ସଠିକତା ଏବଂ ଆଇସିଆଇସିଆଇ ବ୍ୟାଙ୍କ୍ ଦ୍ୱାରା ପ୍ରଦାନ କରାଯାଉଥିବା ପଠନଯୋଗ୍ୟ ଚେତାବନୀ (ଆଲର୍ଟ) ପ୍ରେରଣ ଆଇସିଆଇସିଆଇ ବ୍ୟାଙ୍କ୍ କିମ୍ବା ଅନ୍ୟଥା ଦ୍ୱାରା ନିଯୁକ୍ତ ଅନ୍ୟାନ୍ୟ ସେବାପ୍ରଦାନକାରୀଙ୍କ ପ୍ରଭାବିତ କାରକ ଉପରେ ନିର୍ଭର କରେ। ଆଇସିଆଇସିଆଇ ବ୍ୟାଙ୍କ୍ ଆଲର୍ଟ ଡେଲିଭରୀ ନହେବା ଅଥବା ଡେଲିଭରୀରେ ବିଳମ୍ବ ହେବା, ତ୍ରୁଟି, କ୍ଷତି କିମ୍ବା କାର୍ଡଧାରକଙ୍କ ନିକଟରେ ପହଞ୍ଚୁଥିବା ଟ୍ରାନ୍ସମିସନ୍‌ର ବିକୃତି ପାଇଁ ଉତ୍ତରଦାୟୀ ରହିବ ନାହିଁ।

## (xii) ବାଲାନ୍ସ ହସ୍ତାନ୍ତରଣ ସୁବିଧା

**''ଫେସିଲିଟୀ''** (ସୁବିଧା) ଅର୍ଥ ହସ୍ତାନ୍ତରଣ ଯାହା ଆଇସିଆଇସିଆଇ ବ୍ୟାଙ୍କ ର ନିଜସ୍ୱ ବିଜ୍ଞ ଅଧିକାର ଅଟେ, ଯଦି ଆଇସିଆଇସିଆଇ ବ୍ୟାଙ୍କ ଏବଂ କାର୍ଡଧାରୀ ସଦସ୍ୟଙ୍କ ମଧ୍ୟରେ ସମ୍ମତି ଏବଂ ବୁଝାମଣା ହୋଇଥାଏ,ଏହା ଦ୍ୱାରା କାର୍ଡଧାରକଙ୍କ ଦ୍ୱାରା ଅନ୍ୟ ବ୍ୟାଙ୍କସ ଦ୍ୱାରା ପ୍ରଦତ୍ତ କ୍ରେଡିଟ କାର୍ଡ୍‌ସ ଜରିଆରେ କୌଣସି ବକେୟା ବାଲାନ୍ସ ପରିମାଣ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ କ୍ରେଡିଟ କାର୍ଡ୍‌ସକୁ ସ୍ଥାନାନ୍ତରିତ କରାଯାଇ ପାରିବ, କିନ୍ତୁ ସେହି ପରିମାଣ ଉପଲବ୍ଧ ବାକି ସୀମା ମଧ୍ୟରେ ସୀମିତ ରହିବ।

**''ଇଜି ବିଟି''** (ସହଜ ବାଲାନ୍ସ ହସ୍ତାନ୍ତରଣ) ଅର୍ଥ ଏହି ସୁବିଧା ଅନୁସାରେ କାର୍ଡଧାରୀ  ତାଙ୍କର ପରିଶୋଧ ବ୍ୟବସ୍ଥାକୁ ସମାନୁପାତିକ ମାସିକ କିସ୍ତିରେ ରୂପାନ୍ତରିତ କରିପାରିବେ।

**''ଇଏମଆଇ''** କିମ୍ବା **''ଇକ୍ୱେଟେଡ ମଂଥ୍ଲି ଇନ୍‌ଷ୍ଟଲମେଣ୍ଟ''** ଅର୍ଥ ହେଉଛି, ଏହି ସୁବିଧା ଅନୁସାରେ କାର୍ଡଧାରୀ ଆଇସିଆଇସିଆଇ ବ୍ୟାଙ୍କକୁ ତାଙ୍କର ମୂଳଧନ ରାଶି ଏବଂ ସେହି ଧନରାଶି ଉପରେ ଲାଗୁ ହେଉଥିବା ସୁଧ ମିଶାଇ ଆନୁପାତିକ ମାସିକ କିସ୍ତି ହାରରେ ପୈଠ କରିବାକୁ ବାଧ ଅଟନ୍ତି।

**''ସୁଧମୁକ୍ତ ବାଲାନ୍ସ ସ୍ଥାନାନ୍ତରଣ''**ଇଣ୍ଟ୍ରେଷ୍ଟ ଫ୍ରି ବାଲାନ୍ସ ଟ୍ରାନ୍ସଫର ବା ସୁଧମୁକ୍ତ ବାଲାନ୍ସ ସ୍ଥାନାନ୍ତରଣର ଅର୍ଥ କାର୍ଡଧାରୀ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ 0% ସୁଧ ହାରରେ ଏହି ବ୍ୟବସ୍ଥା ଉପଲବ୍ଧ କରିଥାନ୍ତି।

**''ଏଲ୍‌ଟିବିଟି''** (ଆଜୀବନ ବାଲାନ୍ସ ସ୍ଥାନାନ୍ତରଣ) ଏହାର ଅର୍ଥ କାର୍ଡଧାରୀ ଏହି ସୁବିଧା ଅସୀମିତ ସମୟ ପର୍ଯ୍ୟନ୍ତ ସେହି ସମୟରେ ଆଇସିଆଇସିଆଇ ଦ୍ୱାରା ନିର୍ଦ୍ଧାରିତ ହାରରେ ପ୍ରାପ୍ତ କରିଥାଆନ୍ତି।

**ସୁବିଧାର ବ୍ୟବହାର ପଦ୍ଧତି:**

ଏହି ସୁବିଧା ଅନୁସାରେ, ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ନିଜସ୍ୱ ଅଧିକାର ବଳରେ କାର୍ଡଧାରୀ ସଦସ୍ୟଙ୍କ ଅନ୍ୟାନ୍ୟ ବ୍ୟାଙ୍କ୍ସ/ସତ୍ତାମାନଙ୍କ ଦ୍ୱାରା ପ୍ରଦତ୍ତ କ୍ରେଡିଟ କାର୍ଡ୍ସରେ ଗଚ୍ଛିତ ସମସ୍ତ କିମ୍ବା ଆଂଶିକ ବକେୟା ବାଲାନ୍ସ ଧନରାଶିକୁ ଆଇସିଆଇସିଆଇ ବ୍ୟାଙ୍କର  କାର୍ଡ ଆକାଉଣ୍ଟକୁ ହସ୍ତାନ୍ତରିତ କରିବା ପାଇଁ ଅନୁମତି ଦେଇପାରିବ। ସେ ପ୍ରକାର ହସ୍ତାନ୍ତରଣ କାର୍ଡଧାରକଙ୍କ ଡାକ ଠିକଣାରେ ଏକ ଡିମାଣ୍ଡ ଡ୍ରାଫ୍ଟ ପଠାଇ କାର୍ଯ୍ୟକାରୀ କରାଯାଇଥାଏ ଏବଂ ଏହି ଡାକ ଠିକଣା ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କରେ ରେଜିଷ୍ଟ୍ରିଭୁକ୍ତ କରାଯାଇଥାଏ। ଅନ୍ୟାନ୍ୟ ବ୍ୟାଙ୍କ୍ସ ଏବଂ ସତ୍ତାମାନଙ୍କ ଦ୍ୱାରା ପ୍ରଦତ୍ତ କ୍ରେଡିଟ କାର୍ଡ୍ସ ଜରିଆରେ କାର୍ଡଧାରକ କାର୍ଡ ଆକାଉଣ୍ଟରେ ସେହି ଡ୍ରାଫ୍ଟ ଅର୍ଥ ପରିମାଣ କ୍ରେଡିଟ କରାଯାଇଥାଏ ଏବଂ ସେହି ବ୍ୟାଙ୍କ୍ସ ତଥା ସତ୍ତାମାନଙ୍କ ଦ୍ୱାରା ଡ୍ରାଫ୍ଟ ଅର୍ଥ ପରିମାଣ ମଧ୍ୟ ସ୍ୱୀକୃତ କରାଯାଇଥାଏ।

ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସୁବିଧା ପ୍ରଦାନ କରାଯାଇଥିବା କିମ୍ବା କରାଯିବାକୁ ଥିବା ସୁବିଧା ଅନୁସାରେ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଅନ୍ୟାନ୍ୟ କ୍ରେଡିଟ କାର୍ଡ ପୋଷ୍ଟ ସୁବିଧା ଜରିଆରେ ତାଙ୍କୁ ଯଦି ଅଧିକ ଦେୟ ପରିମାଣ କିମ୍ବା ସର୍ଭିସ ଚାର୍ଜେସ ପୈଠ କରାଯିବାକୁ ଥାଏ, ସେଥିପାଇଁ ଆଇସିଆଇସିଆଇ ବ୍ୟାଙ୍କ କୌଣସି ପ୍ରକାରେ ଦାୟିତ୍ୱ ଗ୍ରହଣ କରିବେ ନାହିଁ। ଅନ୍ୟ କ୍ରେଡିଟ କାର୍ଡ ପ୍ରଦାନ କରିଥିବା ବ୍ୟାଙ୍କ୍ସ/ସତ୍ତାମାନେ ଏହି ସୁବିଧା ଅନ୍ତର୍ଗତ ହସ୍ତାନ୍ତରିତ କରା ଯାଇଥିବା ପରିମାଣ ପ୍ରାପ୍ତ ନ କରିଥିବା ପର୍ଯ୍ୟନ୍ତ, କାର୍ଡଧାରି ସେହି କ୍ରେଡିଟ କାର୍ଡ ପ୍ରଦାନ କରିଥିବା ବ୍ୟାଙ୍କ୍ସ/ସତ୍ତାଙ୍କୁ ଅର୍ଥ ପୈଠଚାଲୁ ରଖିବା ପାଇଁ ବାଧ ଅଟନ୍ତି। ଅଧିକନ୍ତୁ, ଏକ ଭବିଷ୍ୟତ ବିବରଣୀରେ କାର୍ଡଧାରୀଙ୍କୁ ଏ ସମ୍ବନ୍ଧୀୟ ଅନୁମୋଦନ (ସ୍ଥାୟୀକରଣ) ଜଣାଇ ଦିଆଯିବ। ତାଙ୍କର କାର୍ଡ ଆକାଉଣ୍ଟ, ଯାହା ଅନ୍ୟ ବ୍ୟାଙ୍କସ ଏବଂ ସତ୍ତାଦ୍ୱାରା ତାଙ୍କୁ ପ୍ରଦାନ କରାଯାଇଛି, ସେହି ଆକାଉଣ୍ଟରେ କ୍ରେଡିଟ କରାଯାଇଥିବା ସୂଚନା ମଧ୍ୟ ତାଙ୍କୁ ଜଣାଇ ଦିଆଯିବ। ଏହି ସୁବିଧା ଉଭୟ ପ୍ରାଥମିକ ତଥା ସହାୟକ କାର୍ଡଧାରୀ ସଦସ୍ୟଙ୍କୁ ଉପଲବ୍ଧ ହୋଇପାରିବ। ଏହି ସୁବିଧା କେବଳ କାର୍ଡଧାରୀଙ୍କ ଅନୁରୋଧ କ୍ରମେ ମିଳିବ, ତଥା ଉପଲବ୍ଧ ନଗଦ ଅର୍ଥ–ସୀମା ଏବଂ/ କିମ୍ବା କ୍ରେଡିଟ (ବାକି) ସୀମା ବିଷୟାଧୀନ ଅଟେ।

କାର୍ଡଧାରୀଙ୍କୁ ଅନୁମୋଦିତ କରାଯାଇଥିବା ଏହି ସୁବିଧା ଅନୁସାରେ କାର୍ଡ ଉପରେ ମିଳୁଥିବା ନଗଦ ଅର୍ଥ ସୀମା ଏବଂ/କିମ୍ବା ବାକି–ସୀମା ଅର୍ଥ ପରିମାଣ ଅବରୋଧ କରି ରଖାଯିବ। ବାଣିଜ୍ୟ ଶୁଳ୍କ ସଂଯୋଜନରେ ଉଲ୍ଲେଖିତ ଶୁଳ୍କର ପ୍ରତିଶତ ହାର ଅନୁସାରେ କାର୍ଡଧାରୀ ଏକ ଅଣ–ଫେରସ୍ତ ପ୍ରୋସେସିଙ୍ଗ ଫିସ ଆଇସିଆଇସିଆଇ ବ୍ୟାଙ୍କକୁ ପୈଠ କରିବା ଆବଶ୍ୟକ। ପ୍ରୋସେସିଙ୍ଗ (କାର୍ଯ୍ୟ ପ୍ରକ୍ରିୟା) ଉପରେ ସେବାକର ଏବଂ ସୁଧ ପରିମାଣ ଆଇସିଆଇସିଆଇ ବ୍ୟାଙ୍କର ପ୍ରଚଳିତ ହାରରେ ଲାଗୁ କରାଯିବ। ସେହି ନିର୍ଦ୍ଦିଷ୍ଟ ମାସରେ ପ୍ରସ୍ତୁତ ବିବରଣୀରେ ସେହି ଅର୍ଥ ପରିମାଣ ମଧ୍ୟ ସୂଚିତ କରାଯିବ ।

କାର୍ଡଧାରୀ ସଦସ୍ୟଙ୍କ ପାଇଁ ଆଇସିଆଇସିଆଇ ବ୍ୟାଙ୍କକୁ ଏହି ସୁବିଧା ପାଇଁ ଆବେଦନ କଲାବେଳେ ଆଇସିଆଇସିଆଇ ବ୍ୟାଙ୍କ ଯେଉଁ ବ୍ୟାଙ୍କ ପାଇଁ ଏହି ବ୍ୟବସ୍ଥା ଉପଲବ୍ଧ କରାଯିବ ତାହା ସହିତ 10ଟଙ୍କାର ଏକ ସାଙ୍କେତିକ ପ୍ରାଧିକରଣ  ବା ଡମି ଅଥରାଇଜେସନ ସଂପାଦିତ କରିବେ। ଯଦି ଏହି ଅଥରାଇଜେସନ ସଫଳ ହୁଏ ତେବେ ଆଇସିଆଇସିଆଇ ବ୍ୟାଙ୍କର ଅନ୍ୟାନ୍ୟ ସର୍ତ୍ତ ଓ ନିୟମାବଳୀ ଅନୁସାରେ ବାଲାନ୍ସ ସ୍ଥାନାନ୍ତରଣ କାରବାର କାର୍ଯ୍ୟକାରୀ ହେବ।

**ପରିଶୋଧ :**

ଯଦି କାର୍ଡଧାରୀ ଇଜି ବିଟି ସୁବିଧା ଉପଲବ୍ଧ କରୁଥାଆନ୍ତି, ସେଥି ପାଇଁ ତାଙ୍କୁ ଏହି ସୁବିଧା ଏବଂ ସେଥି ପାଇଁ ଲାଗୁ ହେଉଥିବା ସୁଧ ପରିମାଣ ତାଙ୍କର ଇଏମଆଇ ଜରିଆରେ ପରିଶୋଧ କରିବା ଆବଶ୍ୟକ। ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀଙ୍କୁ ଏହି ସୁବିଧାଜନିତ ଅଫର୍ ପ୍ରଦାନ କରୁଥିବା ସମୟରେ ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ସୂଚିତ କରାଯାଇଥିବା ଅନୁସାରେ ସୁଧ ହାରର ସ୍ଥିତିକରଣ ମଧ୍ୟ ଜଣାଇ ଦିଆଯାଇଥାଏ। କାର୍ଡଧାରୀଙ୍କ ଅନୁରୋଧ କ୍ରମେ ଇଜି ବିଟି ସୁନିଶ୍ଚିତ କରାଯିବା ପରେ ସେହି ସମୟରୁ ସୁଧହାର ଗଣନା କରାଯାଇଥାଏ। ଇଏମଆଇ'ର ପରିମାଣ ସହିତ ଏହି ସୁବିଧା ସମ୍ବନ୍ଧୀୟ ଅନ୍ୟାନ୍ୟ ବିଶଦ ବିବରଣୀ (ସୁଧହାର ସହିତ) କାର୍ଡଧାରୀ ସଦସ୍ୟଙ୍କ (ସ୍ତ୍ରୀ/ପୁରୁଷ)  ଡାକ ଠିକଣାରେ ପଠାଇ ଦିଆଯିବ।

କୌଣସି ଏକ ନିର୍ଦ୍ଦିଷ୍ଟ ମାସର ଇଏମଆଇ ଦେୟ ପରିମାଣ ସେହି ନିର୍ଦ୍ଦିଷ୍ଟ ମାସରେ ପ୍ରସ୍ତୁତ କରାଯାଉଥିବା ବିବରଣୀରେ ପ୍ରତିଫଳିତ ହୋଇଥାଏ। ବିବରଣୀ ମାଧ୍ୟମରେ କାର୍ଡଧାରୀ ସଦସ୍ୟଙ୍କୁ ସୂଚିତ କରାଯିବା ଅନୁସାରେ, ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରଙ୍କ ଦ୍ୱାରା ପ୍ରାଧିକୃତ ଭାବରେ କାର୍ଡଧାରୀଙ୍କ କାର୍ଡ ଆକାଉଣ୍ଟକୁ ମାସିକ ଭିତ୍ତିରେ ଇଏମଆଇ ଦେୟ ପରିମାଣ (ସେହି ନିର୍ଦ୍ଦିଷ୍ଟ ମାସ ପାଇଁ) ଡେବିଟ କରିପାରିବେ। କାର୍ଡଧାରୀଙ୍କ ପରିଶୋଧ  ଉପରେ ନଗଦ ଅର୍ଥ ସୀମା/ବାକି ସୀମା କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ପୁନଃସ୍ଥାପିତ କରାଯାଇ ପାରିବ।

ପୈଠ କରାଯିବାକୁ ଥିବା କୌଣସି ଏକ ନିର୍ଦ୍ଦିଷ୍ଟମାସରେ ତାରିଖରେ ଇଏମଆଇ'ର ସମ୍ପୂର୍ଣ୍ଣ ଅର୍ଥ ପରିମାଣ କାର୍ଡଧାରୀଙ୍କ ଦ୍ୱାରା ପୈଠ କରାଯିବା ଆବଶ୍ୟକ, ଯାହା ବିବରଣୀରେ ସୂଚିତ କରାଯାଇଥାଏ, ଯେହେତୁ ସେହି ଦେୟ ପରିମାଣ ଆଗାମୀ ମାସକୁ  ବାକି ଭାବରେ ସ୍ଥାନାନ୍ତର କରାଯାଇ ପାରିବନାହିଁ କିମ୍ବା ପରବର୍ତ୍ତୀ ବିବରଣୀରେ ଅନ୍ତର୍ଭୁକ୍ତ କରାଯିବ ନାହିଁ। ଯଦି କୌଣସି କାରଣରୁ ପୈଠକରାଯିବାକୁ ଥିବା ନିର୍ଦ୍ଧାରିତ ତାରିଖରେ ଯଦି ପୈଠ ନ କରାଯାଏ, ଏଥିପାଇଁ କାର୍ଡଧାରକଙ୍କୁ ଏକ ତ୍ରୁଟିକାରକ କିମ୍ବା ବାକିଦାୟ ହିସାବରେ ବିବେଚିତ କରାଯିବ ଏବଂ କାର୍ଡଧାରୀ ସଦସ୍ୟଙ୍କୁ ସେଥିସକାଶେ ଏହି ସୁବିଧା ବାବଦରେ ତାଙ୍କର ଦେୟ ଅର୍ଥ

ପରିମାଣ ଏବଂ ସେହି ପରିମାଣ ଉପରେ ସୁଧ ଏବଂ ବିଳମ୍ବ ଜନିତ ଚାର୍ଜେସ ମଧ୍ୟ ଲାଗୁ କରାଯିବ, ଏହା ବାଣିଜ୍ୟ ଶୁଳ୍କ ସଂଯୋଜନରେ ନିର୍ଦ୍ଦିଷ୍ଟ ଭାବରେ ସୂଚିତ କରାଯାଇଛି।

ଇଜି ବିଟି ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହି ସୁବିଧା ଜନିତ ଅର୍ଥ ପରିମାଣ ହେଉଛି ସର୍ବମୋଟ ଦେୟ ପରିମାଣ ଏବଂ/କିମ୍ବା ଇଏମଆଇ ଦେୟ ପରିମାଣର ଅଂଶ ଏବଂ ଖଣ୍ଡ ଯଥାକ୍ରମେ VI ଏବଂ xxxiv ରେ ସୂଚନା ଅନୁସାରେ ପରିଶୋଧ କରାଯିବା ଆବଶ୍ୟକ।

ଯଦି କାର୍ଡଧାରୀ ସଦସ୍ୟ ସୁଧମୁକ୍ତ ବାଲାନ୍ସ ସ୍ଥାନାନ୍ତରଣ ସୁବିଧା ବ୍ୟବହାର କରୁଥାଆନ୍ତି ତେବେ ଏକ ନିର୍ଦ୍ଧାରିତ ଅବଧି ପର୍ଯ୍ୟନ୍ତ କେବଳ ମୂଳ ବାଲାନ୍ସ ସ୍ଥାନାନ୍ତରଣ ପରିମାଣ ସୁଧମୁକ୍ତ ରହିବ। ଯଦି କାର୍ଡଧାରୀ ସଦସ୍ୟ ଏହି ବ୍ୟବସ୍ଥା ଅଧିନରେ ସମୁଦାୟ ଦେୟ ରାଶିର ଆଂଶିକ ଦେୟ ପୈଠ କରନ୍ତି ତେବେ କାର୍ଡଧାରୀଙ୍କ ଦ୍ୱାରା ପ୍ରଦତ୍ତ ରାଶି ଗ୍ରହଣୀୟ ହେବ ଏବଂ ଉପରେ ବର୍ଣ୍ଣିତ ଖଣ୍ଡ VI (I) ସର୍ତ୍ତ ଓ ନିୟମାବଳୀ ଅନୁସାରେ ସେବା କର ଏବଂ ସୁଧ ହାର ଲାଗୁ ହେବ।

ଯଦି କାର୍ଡଧାରୀ ସଦସ୍ୟ ଏଲ୍‌ଟିବିଟି ସୁବିଧା ଉପଲବ୍ଧ କରୁଥାଆନ୍ତି ତେବେ କେବଳ ସ୍ଥାନାନ୍ତରିତ ମୂଳ ବାଲାନ୍ସ ପରିମାଣ ଉପରେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ହାର ଲାଗୁ ହୋଇଥାଏ। ଏ କ୍ଷେତ୍ରରେ ଯଦି କାର୍ଡଧାରୀ ସଦସ୍ୟ ଏହି ବ୍ୟବସ୍ଥା ଅଧିନରେ ସମୁଦାୟ ଦେୟ ରାଶିର ଆଂଶିକ ଦେୟ ପୈଠ କରନ୍ତି ତେବେ କାର୍ଡଧାରୀଙ୍କ ଦ୍ୱାରା ପ୍ରଦତ୍ତ ରାଶି ଗ୍ରହଣୀୟ ହେବ ଏବଂ ଉପରେ ବର୍ଣ୍ଣିତ ଖଣ୍ଡ VI (I) (C) ସର୍ତ୍ତ ଓ ନିୟମାବଳୀ ଅନୁସାରେ ସେବା କର ଏବଂ ସୁଧ ହାର ଲାଗୁ ହେବ। ସର୍ବନିମ୍ନ ଦେୟ ରାଶି ହିସାବ କରାଗଲାବେଳେ ମୂଳ ସ୍ଥାନାନ୍ତରିତ ରାଶିର 5%କୁ ବିଚାରକୁ ନିଆଯିବ।

**ଅବଧି ପୂର୍ବରୁ ସୁବିଧା ବନ୍ଦ କରିବାର ବ୍ୟବସ୍ଥା:**

ଯଦି ଏହି ସୁବିଧା ଇଜି ବିଟି ପାଇଁ ଉପଲବ୍ଧ କରାଯାଉଥାଏ ଏବଂ କୌଣସି କାରଣରୁ ପରିଶୋଧ ସୁବିଧାର କାର୍ଯ୍ୟକାଳ ପୂର୍ବରୁ ଏହି ସୁବିଧା ବନ୍ଦ କରିଦିଆଯାଏ/ସମାପ୍ତ କରିଦିଆଯାଏ, ତେବେ ସୁବିଧାର ବନ୍ଦ/ସମାପ୍ତି ସମୟରେ ଏହି ସୁବିଧାଜନିତ ବକେୟା ଅର୍ଥ ପରିମାଣ ଏବଂ ତତ୍‌ସହିତ ଲାଗୁ ହେଉଥିବା ସୁଧ ପରିମାଣ ଏବଂ ଅନ୍ୟାନ୍ୟ ଅର୍ଥ ପରିମାଣ (ଯାହା ଏହି ସୁବିଧା ପାଇଁ ପ୍ରଯୁଜ୍ୟ ହୋଇଥାଏ) କାର୍ଡଧାରୀଙ୍କୁ ତତ୍‌କ୍ଷଣାତ୍ ପରିଶୋଧ କରିବାକୁ ପଡିବ।

କାର୍ଡଧାରୀ ସଦସ୍ୟ ଏହି ସୁବିଧାର ବନ୍ଦ କରିବା ବ୍ୟବସ୍ଥା ଉପଲବ୍ଧ କରିବା ପାଇଁ ଆଇସିଆଇସିଆଇ ବ୍ୟାଙ୍କର 24ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ରକୁ ଯେ କୌଣସି ସମୟରେ ସମ୍ପର୍କ କରିବା ସହିତ ଏହି ସୁବିଧା ବନ୍ଦ କରିପାରିବେ। ଏହି ସୁବିଧା ଅନୁମୋଦିତ କରାଯାଇଥିବା ସମୟରେ ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା କାର୍ଡଧାରୀଙ୍କୁ ପଠାଯାଇଥିବା ସୂଚନା ଅନୁସାରେ କାର୍ଡଧାରୀଙ୍କୁ ସୁବିଧା ବନ୍ଦ କରିବା ବ୍ୟବସ୍ଥା ନିମନ୍ତେ ଧାର୍ଯ୍ୟ (ଫୋର କ୍ଳୋଜର୍) ଚାର୍ଜେସ ପୈଠ କରିବାକୁ ପଡିବ।

ସମସ୍ତ ଅଧିକାର (କ୍ଷମତା) ଏବଂ ପ୍ରତିକାର ସମ୍ବନ୍ଧୀୟ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ନ କରାଇ, ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀଙ୍କୁ ଡକାଇ ତତ୍‌କ୍ଷଣାତ୍ ଏହି ସୁବିଧା ଜନିତ ପରିଶୋଧ କରାଇବା ପାଇଁ ତାଗିଦ କରିବାର ଅଧିକାର ରହିଛି। ତତ୍‌ସହିତ ଏହି ପରିଶୋଧ ପରିମାଣ ଉପରେ ଲାଗୁ ହେଉଥିବା ସୁଧ ପରିମାଣ ଏବଂ ଏହି ସୁବିଧାଜନିତ ଅନ୍ୟ କୌଣସି ଅର୍ଥ ପରିମାଣ କାର୍ଡଧାରୀଙ୍କୁ ଦେବାକୁ ପଡ଼ିବ, ବିଶେଷ କରି ଯଦି ସେ ତାଙ୍କର ଇଏମଆଇ କ୍ରମାଗତ ଦୁଇ ମାସ ପାଇଁ ପୈଠ ପରିମାଣ ଜମା କରିବାରେ ଅବହେଳା କରିଥାଆନ୍ତି। ତେବେ ସେଥି ପାଇଁ କାର୍ଡଧାରୀ ସଦସ୍ୟ ସେ ଅର୍ଥ ପରିମାଣ ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା ଦାବି କରାଯିବା ଅନୁସାରେ ପୈଠ କରିବାକୁ ବାଧ୍ୟ ଅଟନ୍ତି।

**ସୁବିଧାର ରଦ୍ଦକରଣ :**

ଏହି ସୁବିଧା ଅନୁମୋଦିତ କରାଯିବାର 15 ଦିନ ସମୟ ମଧ୍ୟରେ କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ରକୁ ଜଣାଇବା ସହିତ ସୁବିଧାର ରଦ୍ଦକରଣ କରିପାରିବେ। ଏ ପ୍ରକାର ରଦ୍ଦକରଣ ପ୍ରକ୍ରିୟା ଅନୁସାରେ, କ୍ରେଡିଟ କାର୍ଡ ଅପରେସନ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ, କ୍ରେଡିଟ କାର୍ଡ ଅପରେସନ, ଇଲେକ୍ଟ୍ରୋନିକ୍ ସଦନ-4 (ଇଏସ୍-4) ଏମ୍‌ଆଇଡିସି, ଟିଟିସି ଇଣ୍ଡଷ୍ଟ୍ରିଆଲ ଏରିଆ, ମାହାପେ, ମାହାପେ ସର୍କଲ ପାଖ, ନବି ମୁମ୍ବାଇ-400710 ଠିକଣାରେ କାର୍ଡଧାରୀ ତାଙ୍କ ଡିମାଣ୍ଡ ଡ୍ରାଫ୍ଟ ଫେରସ୍ତ କରିଦେବେ, କିନ୍ତୁ ଏହି ଡ୍ରାଫ୍ଟ କାର୍ଡଧାରୀ କିମ୍ବା ତାଙ୍କର ଦାନ ଗ୍ରହିତାଙ୍କ ଦ୍ୱାରା ଭଙ୍ଗାଯାଇ ପାରିବ ନାହିଁ।

## (xiii) ସହାୟକ କାର୍ଡ

ପ୍ରାଥମିକ କାର୍ଡଧାରୀ ସଦସ୍ୟଙ୍କ ଅନୁରୋଧ କ୍ରମେ ତାଙ୍କର ପରିବାର ସଦସ୍ୟ(ମାନ)ଙ୍କ ନାମରେ ଏକ ଆଡ୍-ଅନ୍ କାର୍ଡ ପ୍ରଚଳନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରିବା ପରେ, ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ନିଜସ୍ୱ କ୍ଷମତା ବଳରେ ପ୍ରାଥମିକ କାର୍ଡଧାରୀ ସଦସ୍ୟଙ୍କ ପରିବାରର ସଦସ୍ୟ(ମାନ)ଙ୍କ ନାମରେ ସପ୍ଲିମେଣ୍ଟାରୀ କାର୍ଡ ସମୟାନୁକ୍ରମେ ଜାରି କରିବାର ସିଦ୍ଧାନ୍ତ ଗ୍ରହଣ କରିବେ, ଯାହା ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସ୍ଥିରୀକୃତ ସମସ୍ତ ସର୍ତ୍ତ ଓ ନିୟମାବଳୀ ଉପରେ ଆଧାରିତ ହୋଇଥାଏ।

ସପ୍ଲିମେଣ୍ଟାରୀ କାର୍ଡ୍‌ସର ବ୍ୟବହାର ଅନୁସାରେ ଏହା ସୁନିଶ୍ଚିତ ହୋଇଥାଏ ଯେ କାର୍ଡଧାରୀ ସଦସ୍ୟ କାର୍ଡ ସମ୍ବନ୍ଧୀୟ ସମସ୍ତ ସର୍ତ୍ତ ଓ ନିୟମାବଳୀଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସ୍ୱୀକାର କରି ନେଇଛନ୍ତି। କୌଣସି ସପ୍ଲିମେଣ୍ଟାରୀ କାର୍ଡଧାରକ ଏବଂ ପ୍ରାଥମିକ କାର୍ଡଧାରୀ ସଦସ୍ୟ ଯେଉଁମାନଙ୍କ ନାମରେ ପ୍ରାଧିକୃତ ଭାବରେ କାର୍ଡ୍‌ସ ଜାରି କରାଯାଇଛି, ଯୁଗ୍ମ ଭାବରେ କିମ୍ବା ଅନ୍ୟ ପ୍ରକାରରେ ଏହି ସର୍ତ୍ତ ଓ ନିୟମାବଳୀ ଅନୁସାରେ ବାଧ୍ୟ ଏବଂ ଚୁକ୍ତିବଦ୍ଧ ଅଟନ୍ତି। ସେହି ଅନୁସାରେ ସେମାନଙ୍କ ଦ୍ୱାରା କରାଯାଉଥିବା ପୈଠଅର୍ଥ ପରିମାଣ ପାଇଁ ସେମାନେ ଦାୟୀ ଅଟନ୍ତି, କିନ୍ତୁ ଏହି କାରଣରୁ ପ୍ରାଥମିକ କାର୍ଡଧାରୀ ସଦସ୍ୟଙ୍କ ଦାୟିତ୍ୱ ଅଧିକ ଯଥା: ସପ୍ଲିମେଣ୍ଟାରୀ କାର୍ଡ ଅନ୍ତର୍ଭୁକ୍ତ ସମସ୍ତ ପୈଠ କରାଯିବାକୁ ଥିବା ଅର୍ଥ ପରିମାଣ ସମସ୍ତ ବକେୟା ଚାର୍ଜେସ ପରିମାଣ ଠିକ୍ ସମୟରେ ପୈଠ କରାଇବାର ସୁନିଶ୍ଚିତତା ପାଇଁ ପ୍ରାଥମିକ କାର୍ଡଧାରୀ ସଦସ୍ୟ ଦାୟିତ୍ୱ ବହନ କରିବେ। ସପ୍ଲିମେଣ୍ଟାରୀ କାର୍ଡର ସୁବିଧାଗୁଡ଼ିକ ହେଉଛି ସ୍ୱତନ୍ତ୍ର ସୁବିଧାଗୁଡ଼ିକ,ଯେଉଁଥି ପାଇଁ ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା ସମୟାନୁକ୍ରମେ ଏହି ସୁବିଧା ବାବଦରେ/ଫିସ/ସୁଧ ହାର ଲାଗୁ କରାଯାଇଥାଏ। ସପ୍ଲିମେଣ୍ଟାରୀ କାର୍ଡଧାରୀ ସଦସ୍ୟଙ୍କ ସଦସ୍ୟପଦର କ୍ରମାନୁଗତ ବୃଦ୍ଧି, ପ୍ରାଥମିକ କାର୍ଡଧାରୀ ସଦସ୍ୟଙ୍କ ସଦସ୍ୟପଦ ଜାରି ରହିବା ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିଥାଏ।

## (xiv) ବିଲ ପ୍ରସ୍ତୁତି କ୍ରିୟା :

ସମସ୍ତ କାର୍ଡଧାରୀ ସଦସ୍ୟଙ୍କ ପାଇଁ କାର୍ଡ ଆକାଉଣ୍ଟ ପାଇଁ ଲାଗୁ ହେଉଥିବା ସମସ୍ତ ଚାର୍ଜେସ ଏବଂ କାର୍ଡ ବ୍ୟବହାରଜନିତ ସମସ୍ତ ଚାର୍ଜେସ ନିମନ୍ତେ ମାସିକ ଭିତ୍ତିରେ

ଏକ  ବିଲ ପ୍ରସ୍ତୁତି କରାଯାଇଥାଏ । ଆଇସିଆଇସିଆଇ ସର୍ବଦା (ଯତ୍ନ) ଚେଷ୍ଟା କରିବେ ଯେପରି କାର୍ଡଧାରୀ ସଦସ୍ୟଙ୍କୁ ବିବରଣୀ ପଠାଇବାରେ ବିଳମ୍ବ ଘଟିବ ନାହିଁ। କିନ୍ତୁ ପୂର୍ବବର୍ତ୍ତୀ ମାସରେ  ଯେତେବେଳେ କାର୍ଡ ଆକାଉଣ୍ଟ ଉପରେ କୌଣସି ପ୍ରକାର ବକେୟା ଦେୟ ଅର୍ଥ ରହିବ ନାହିଁ କିମ୍ବା କୌଣସି ପ୍ରକାରର କାରବାର କରାଯାଇ ନଥିବ, ସେହି ସମୟ କାଳ ପାଇଁ କୌଣସି ବିବରଣୀ ବା ବିଲ୍ ପ୍ରସ୍ତୁତ ହେବ ନାହିଁ।

ଆଇସିଆଇସିଆଇ ବ୍ୟାଙ୍କ ଯଥୋଚିତ ସୁରକ୍ଷା ସହିତ ଅନ୍‌ଲାଇନ୍ ବିବରଣୀ ପ୍ରଦାନ କରିବା ପାଇଁ ଚେଷ୍ଟା କରିବେ ଯାହାଦ୍ୱାରା ବିବରଣୀରେ କେବଳ କାର୍ଡଧାରୀ ସଦସ୍ୟଙ୍କ ଅଭିଗମ୍ୟତାକୁ ନିଶ୍ଚିତ କରାଯାଇପାରିବ।

କୌଣସି କାରଣରୁ ବିବରଣୀ ପାଇପାରି ନଥିଲେ, କାରଣ ଯାହାହେଉନା କାହିଁକି, ଆଇସିଆଇସିଆଇ ବ୍ୟାଙ୍କ ତରଫରୁ ତାହା ପଠାଇବାରେ ଆଦୌ ବିଳମ୍ବ କରାଯାଏ ନାହିଁ। ଆଇସିଆଇସିଆଇ ବ୍ୟାଙ୍କର 24 ଘଣ୍ଟିଆ ଗ୍ରାହକ ସେବାକେନ୍ଦ୍ର ସହିତ ସମ୍ପର୍କ ଏବଂ ଅନୁସନ୍ଧାନ ମାଧ୍ୟମରେ ନିର୍ଦ୍ଧାରିତ ଦେୟ ପୈଠ ତାରିଖରେ କାର୍ଡଧାରୀ ସଦସ୍ୟଙ୍କ ନିକଟରେ ଥିବା ଚାର୍ଜ ସ୍ଲିପ୍‌ସ ନକଲକୁ ବ୍ୟବହାର କରି କାର୍ଡଧାରୀ ସମସ୍ତ ପ୍ରାପ୍ୟ ଅର୍ଥର ସର୍ବମୋଟ ପରିମାଣ ହିସାବ କରି ଆଇସିଆଇସିଆଇ ବ୍ୟାଙ୍କକୁ ପ୍ରଦାନ କରିପାରିବେ।

## (xv) ତତ୍‌କ୍ଷଣାତ୍ ବାଣିଜ୍ୟଭିତ୍ତିକ କିସ୍ତି ଯୋଜନା ପାଇଁ ସର୍ତ୍ତ

**''ଇଏମ୍ଆଇ''** କିମ୍ବା **''ଇକ୍ୱେଟେଡ ମାସିକ କିସ୍ତି''** ଅର୍ଥ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଆଇସିଆଇସିଆଇ ବ୍ୟାଙ୍କକୁ ପୈଠ କରାଯାଉଥିବା ସମାନୁପାତିକ ମାସିକ କିସ୍ତି ଅର୍ଥ ପରିମାଣ। ଏହି ପରିମାଣ ହେଉଛି କାର୍ଡଧାରୀ ସଦସ୍ୟଙ୍କୁ ଲାଗୁ କରାଯାଇଥିବା ମୂଳ ଅର୍ଥ ପରିମାଣ, ସୁଧ ଏବଂ କିମ୍ବା ଅନ୍ୟାନ୍ୟ ଚାର୍ଜେସ୍।

**''ତତ୍‌କ୍ଷଣାତ୍ ଇଏମଆଇ''** ଅର୍ଥ କାର୍ଡଧାରୀ ସଦସ୍ୟଙ୍କ ଅନୁରୋଧକ୍ରମେ ଇଏମଆଇକୁ ପରିବର୍ତ୍ତନ କରାଇବାର ନିର୍ଦ୍ଦେଶ, କାର୍ଡ ବ୍ୟବହାରଜନିତ ଆଇସିଆଇସିଆଇ ବ୍ୟାଙ୍କ  ଇଡିସି (ଇଲେକ୍‌ଟ୍ରୋନିକ ଡାଟା କ୍ୟାପଚର) ଟର୍ମିନାଲ ଏବଂ/କିମ୍ବା ସେ ପ୍ରକାର କୌଣସି ଅନ୍-ଲାଇନ୍ କାରବାର, ଯେଉଁଥିରେ ସେ ପ୍ରକାର ପରିବର୍ତ୍ତନ ପାଇଁ ବିକଳ୍ପ ବ୍ୟବସ୍ଥା ରହିଛି। ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ନିଜସ୍ୱ ଅଧିକାର ବଳରେ କ୍ରେଡିଟ କାର୍ଡ ଉପରେ କିସ୍ତି ବନ୍ଦୀ ଯୋଜନା ବ୍ୟକ୍ତିଗତ କାର୍ଡଧାରୀ ସଦସ୍ୟଙ୍କୁ ଉପଲବ୍ଧ କରାଇ ଦେବା ପାଇଁ ଯୋଗ୍ୟ ଅଟନ୍ତି। କାର୍ଡଧାରୀ ସଦସ୍ୟଙ୍କ କର୍ତ୍ତବ୍ୟ ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ ସୃଷ୍ଟି ହେଉଥିବା ଚାର୍ଜେସ୍‌ଗୁଡ଼ିକୁ ତୁରନ୍ତ ପୈଠ ନ କରାଯାଇ କାର୍ଡଧାରୀ ସଦସ୍ୟ କେତେକ ଜିନିଷ କ୍ରୟ ପାଇଁ ଇକ୍ୱେଟେଡ ମାସିକ କିସ୍ତି (ଇଏମଆଇଏସ) ବିକଳ୍ପ ପୈଠ ସୁବିଧା ପାଇ ପାରିବେ। ଯାହା ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର ଦ୍ୱାରା ଜଣାଇ ଦିଆଯାଇଥାଏ ଏବଂ ବିବରଣୀରେ ସୂଚିତ କରାଯାଇ କାର୍ଡଧାରୀ ସଦସ୍ୟଙ୍କ ନିକଟକୁ ପଠାଇ ଦିଆଯାଇଥାଏ। ଏଥିପାଇଁ ଲାଗୁ ହେଉଥିବା ସର୍ତ୍ତଗୁଡ଼ିକ ନିମ୍ନରେ ଦିଆଗଲା :

(i) ଥରେ ଯଦି ଜଣେ କାର୍ଡଧାରୀ ସଦସ୍ୟ ତୁରନ୍ତ ଇଏମଆଇଏସ ପୈଠ ଯୋଜନା ନିର୍ବାଚିତ କରନ୍ତି, ତେବେ ପରବର୍ତ୍ତୀ କୌଣସି ପରିବର୍ତ୍ତନ ପାଇଁ ତାଙ୍କୁ ପ୍ରିକ୍ଲୋଜର୍ ଚାର୍ଜ ଦେବାକୁ ପଡିବ, ଯାହା କ୍ରୟ କରାଯାଉଥିବା କିସମ ଅନୁସାରେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସମୟ ସମୟରେ ନିର୍ଦ୍ଧାରିତ କରାଯାଇଥାଏ,

(ii) ଯଦି ପ୍ରସ୍ତୁତ ବିଲର କୌଣସି ଅଂଶ ଏବଂ ବକେୟା ଚାର୍ଜେସ ଇଏମଆଇଏସ ଜରିଆରେ ପୈଠ କରିବାକୁ ଅନୁମତି ନ ଦିଆଯାଏ ଏବଂ ସେହି ଅଂଶ ନିର୍ଦ୍ଧାରିତ ପୈଠ ଦେୟ ତାରିଖରେ ପୈଠ ନ କରାଯାଏ, ସେହି ପରିମାଣ ଉପରେ ସୁଧ, ସର୍ଭିସ ଚାର୍ଜେସ ଏବଂ ବିଳମ୍ବଜନିତ ପୈଠଚାର୍ଜ ଖଣ୍ଡ (vi) ରେ ବର୍ଣ୍ଣନା ଅନୁସାରେ ପୈଠ କରିବାକୁ ପଡିବ :

(iii) କ୍ରେଡିଟ କାର୍ଡ ପାଇଁ ଉପଲବ୍ଧ ତତ୍‌କ୍ଷଣିକ ଇଏମଆଇ ସୁବିଧା ଯାହା ବର୍ତ୍ତମାନ ନିମ୍ନୋକ୍ତ କ୍ରୟମାନଙ୍କର ଅନ୍ତର୍ଭୁକ୍ତ ଯଥା:

(ଅ) ବାଣିଜ୍ୟ ସଂସ୍ଥାମାନଙ୍କରେ ନୂତନ କ୍ରୟ

(ଆ) ବାଣିଜ୍ୟ ସଂସ୍ଥାର ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର ଜରିଆରେ ଅତୀତରେ କରାଯାଇଥିବା କ୍ରୟର ରୂପାନ୍ତରଣ।

(iv) ଆଇସିଆଇସିଆଇ ବ୍ୟାଙ୍କର ନିଜସ୍ୱ ଅଧିକାର ବଳରେ କାର୍ଡଧାରୀ ସଦସ୍ୟଙ୍କୁ ଇଏମଆଇ ସୁବିଧା ମିଳିଥାଏ ଏବଂ ସେ ପ୍ରକାର ସୁବିଧାଗୁଡ଼ିକ ଏହି ସ୍ଥିତିରେ ମିଳିଥାଏ ଯଥା:

(ଅ) ସେହି ବାଣିଜ୍ୟ ସଂସ୍ଥାମାନଙ୍କରେ ଏବଂ ସେହି ନିର୍ଦ୍ଦିଷ୍ଟ ସମୟକାଳ ମଧ୍ୟରେ ଯାହା ଆଇସିଆଇସିଆଇ ବ୍ୟାଙ୍କ ସ୍ଥିର କରିପାରିବେ:

(ଆ) ଇଏମଆଇଏସର ସୁଧ ଅଂଶ କାର୍ଡଧାରୀ ସଦସ୍ୟ ଏବଂ ବାଣିଜ୍ୟ ସଂସ୍ଥା ଅନୁସାରେ ଭିନ୍ନ ହୋଇପାରେ, ଯାହା ଆଇସିଆଇସିଆଇ ବ୍ୟାଙ୍କ ସ୍ଥିର କରିଥାଆନ୍ତି:

(ଇ) ମୂଳ ଦେୟ ବା ଡାଉନ ପେମେଣ୍ଟ ପରିମାଣ, କାରବାର ଦେୟ ପରିମାଣ, ତୁରନ୍ତ ଇଏମଆଇଏସ ପୈଠ ପାଇଁ ଅବଧି ଏବଂ ଅନ୍ୟାନ୍ୟ ପୈଠ ବିବରଣୀଗୁଡ଼ିକ କାର୍ଡଧାରୀ ସଦସ୍ୟ ଏବଂ ବାଣିଜ୍ୟ ସଂସ୍ଥା ଅନୁସାରେ ଭିନ୍ନ ହୋଇପାରେ, ଯାହା ଆଇସିଆଇସିଆଇ ବ୍ୟାଙ୍କ ସ୍ଥିର କରିଥାଆନ୍ତି। ତୁରନ୍ତ ଇଏମ୍ଆଇ ବ୍ୟବସ୍ଥା ବିଜିନେସ୍ କାର୍ଡ, କର୍ପୋରେଟ୍ କାର୍ଡ, ଇଏମ୍ଆଇ କାର୍ଡ ଏବଂ ଆମେରିକାନ ଏକ୍ସପ୍ରେସ୍ କାର୍ଡ ପାଇଁ ଉପଲବ୍ଧ ନାହିଁ।

## (xvi) ସ୍ୱତଃ ଡେବିଟ ସୁବିଧା :

କାର୍ଡ ସମ୍ବନ୍ଧୀୟ ଦେୟ ପୈଠ କରିବା ପାଇଁ କାର୍ଡଧାରୀ ସଦସ୍ୟ ସ୍ୱତଃ ଡେବିଟ ସୁବିଧା ଉପଲବ୍ଧ କରିପାରିବେ। ସ୍ୱତଃ ଡେବିଟ ସୁବିଧା ଉପଲବ୍ଧ କରିବା ପରେ କାର୍ଡଧାରୀ ସଦସ୍ୟଙ୍କର ବ୍ୟାଙ୍କ ଆକାଉଣ୍ଟ (ଯାହାର ବିଶଦ ବିବରଣୀ ଆଇସିଆଇସିଆଇ ବ୍ୟାଙ୍କକୁ ଯୋଗାଇ ଦିଆ ଯାଇଥାଏ) ଡେବିଟ କରାଯାଇଥାଏ। କାର୍ଡଧାରୀ ସଦସ୍ୟଙ୍କ ନିକଟକୁ ପଠାଯାଇଥିବା ବିବରଣୀରେ ଏ ସମ୍ବନ୍ଧୀୟ ଅର୍ଥ ପରିମାଣ ଏବଂ ଦେୟ ଅର୍ଥର ନିର୍ଦ୍ଧାରିତ ପୈଠତାରିଖ ମଧ୍ୟ ସୂଚିତ କରାଯାଇଥାଏ। କେବଳ ପଇସା ପୈଠ କରାଯାଉଥିବା ଏକ  କର୍ମ ଦିବସ  ହେବା ଆବଶ୍ୟକ ନଚେତ ଛୁଟିଦିନର ତତ୍‌କ୍ଷଣାତ୍ ପୂର୍ବବର୍ତ୍ତୀ କର୍ମ ଦିବସରେ ବ୍ୟାଙ୍କ ଆକାଉଣ୍ଟ ଡେବିଟ କରା ଯାଇଥାଏ। ନିର୍ଦ୍ଧାରିତ ପୈଠ ତାରିଖରେ ଯଦି ସେହି ବ୍ୟାଙ୍କ ଆକାଉଣ୍ଟରେ ପୈଠ ପାଇଁ ଯଥେଷ୍ଟ ଫଣ୍ଡ୍‌ସ ନଥାଏ, କାର୍ଡଧାରୀ ସଦସ୍ୟ କାର୍ଡ ଦେୟ ସହିତ ଲାଗୁ ହେଉଥିବା ସମସ୍ତ ଚାର୍ଜେସ ପ୍ରଦାନ କରିବାକୁ ବାଧ୍ୟ । କାର୍ଡଧାରୀ ସଦସ୍ୟ ଏ ସମ୍ବନ୍ଧରେ ସହମତ ହେବା ସହିତ ନିଶ୍ଚିତ କରିଥାଆନ୍ତି ଯେ ସ୍ୱତଃ ଡେବିଟ ସୁବିଧା ଉପଲବ୍ଧ କରିବା ପାଇଁ ତାଙ୍କ ଦ୍ୱାରା ଦାଖଲ କରାଯାଉଥିବା ସମସ୍ତ ତଥ୍ୟଗୁଡ଼ିକ ସଠିକ୍ ଏବଂ ସମ୍ପୂର୍ଣ୍ଣ । ଅସମ୍ପୂର୍ଣ୍ଣ କିମ୍ବା ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କାରଣରୁ କିମ୍ବା ଅନ୍ୟ ଯେ କୌଣସି କାରଣରୁ ଯଦି ସ୍ୱତଃ ଡେବିଟ କାରବାରରେ ବିଳମ୍ବ ଘଟେ କିମ୍ବା କାର୍ଯ୍ୟକାରୀ ହୋଇନପାରେ, ସେଥିପାଇଁ ଆଇସିଆଇସିଆଇ ବ୍ୟାଙ୍କ ଦାୟୀ ରହିବେ

ନାହିଁ । କାର୍ଡଧାରୀ ସଦସ୍ୟ ଏତଦ୍‌ବ୍ୟତୀତ ଏ ସମ୍ବନ୍ଧରେ ଏକମତ ଏବଂ ସ୍ୱୀକାର କରନ୍ତି ଯେ ସ୍ୱତଃ ଡେବିଟ ସୁପାରିଶ ଯାହା ଆଇସିଆଇସିଆଇ ବ୍ୟାଙ୍କ ସପକ୍ଷରେ ପଠାଯାଇଥାଏ, ତାହା କାର୍ଡଧାରୀ ସଦସ୍ୟଙ୍କ ବ୍ୟାଙ୍କକୁ ଜଣାଇ ଦେଇଥାଆନ୍ତି ଏବଂ ଆଇସିଆଇସିଆଇ ବ୍ୟାଙ୍କର ବିନା ଅନୁମତିରେ ସେହି ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରାଯାଇ ପାରିବ ନାହିଁ । ଉକ୍ତ ସୁପାରିଶମାନ ଅପସାରିତ କିମ୍ବା ରଦ୍ଦ କରାଯାଇ ପାରିବ ନାହିଁ, କେବଳ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବରୁ ଲିଖିତ ସମ୍ମତି ଥିଲେ ଏହା ସମ୍ଭବପର ହୋଇପାରିବ ।

## (xvii) ପ୍ରଦତ୍ତ ରାଶି ଫେରସ୍ତ

ଯଦି କୌଣସି କାରଣରୁ ଚେକ୍ କିମ୍ବା ଅନ୍ୟ କୌଣସି ପ୍ରଦତ୍ତ ଇନ୍‌ଷ୍ଟ୍ରୁମେଣ୍ଟ କିମ୍ବା ସୁପାରିଶ ଯାହା କାର୍ଡଧାରୀ ସଦସ୍ୟ ତାଙ୍କର କାର୍ଡ ଦେୟ ବାବଦରେ ପୈଠ କରିଥିବେ, କିନ୍ତୁ ତାହା ଗ୍ରହଣ କରାଯାଏ ନାହିଁ କିମ୍ବା କାର୍ଡଧାରୀ ସଦସ୍ୟଙ୍କୁ ନିଶ୍ଚିତ ଫେରାଇ ଦିଆଯାଇଥାଏ କାରଣ ତାହା କାର୍ଯ୍ୟକାରୀ କରାଯାଇ ପାରେ ନାହିଁ, ତେବେ ସେଥିପାଇଁ ଆଇସିଆଇସିଆଇ ବ୍ୟାଙ୍କର ନିଜସ୍ୱ ଅଧିକାର ବଳରେ କାର୍ଡଧାରୀ ସଦସ୍ୟଙ୍କ ବିରୁଦ୍ଧରେ ଆଇନଗତ କାରବାର ଗ୍ରହଣ କରିବା ସହିତ ତାଙ୍କର କାର୍ଡ ଅସ୍ଥାୟୀ କିମ୍ବା ସ୍ଥାୟୀ ଭାବରେ ରଦ୍ଦ କରି ଦେଇପାରିବେ । କାର୍ଡଧାରୀ ସଦସ୍ୟ ଚେକ୍ ଫେରସ୍ତ ଚାର୍ଜେସ ଏବଂ ବିଳମ୍ବରେ ପ୍ରଦତ୍ତ ଚାର୍ଜେସ କିମ୍ବା ଅନ୍ୟ କୌଣସି ଚାର୍ଜେସଗୁଡ଼ିକ (ଯାହା ଆଇସିଆଇସିଆଇ ବ୍ୟାଙ୍କ ସ୍ଥିର କରିବେ) ପୈଠ କରିବାକୁ ବାଧ୍ୟ ଅଟନ୍ତି ।

## (xviii) ବିବାଦ :

କୌଣସି ଚାର୍ଜସ୍ଲିପ୍ କିମ୍ବା ଅନ୍ୟାନ୍ୟ ପ୍ରଦତ୍ତ ଅର୍ଥ ପାଇଁ ଦାବି ଯାହା ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଇଥାଏ ତାହା ସମ୍ପୂର୍ଣ୍ଣ ଭାବରେ ଏକ ନିଶ୍ଚିତ ପ୍ରମାଣ ଅଟେ, ଯାହାଦ୍ୱାରା କାର୍ଡଧାରୀ ସଦସ୍ୟ ଚାର୍ଜସ୍ଲିପ୍‌ରେ ସୂଚିତ ଚାର୍ଜ କିମ୍ବା ଅନ୍ୟାନ୍ୟ ଆବେଦନ ସମ୍ବନ୍ଧରେ ସତ୍ୟ ପ୍ରକାଶ କରିଛନ୍ତି ବୋଲି ଧରି ନିଆଯିବ । ଯଦି କୌଣସି କାରଣରୁ କ୍ରେଡିଟ କାର୍ଡ ହଜି ଯାଇଥାଏ, ଚୋରି ହୋଇଯାଇଥାଏ କିମ୍ବା କାର୍ଡ ହଜି ଯାଇଥାଏ, ଚୋରି ହୋଇଯାଇଥିବା, କିମ୍ବା ଠକାମି ଉପାୟରେ ଅପବ୍ୟବହାର କରାଯାଇ (ଏବଂ ଉପରେ ପ୍ରଦତ୍ତ ଖଣ୍ଡ ଅନୁସାରେ) ଏବଂ ତୁରନ୍ତ ଜଣାଇଦିଆ ଯାଇଥାଏ । ସେଥିପାଇଁ ପ୍ରମାଣର ଦାୟିତ୍ୱ କେବଳ କାର୍ଡଧାରୀ ସଦସ୍ୟଙ୍କ ଉପରେ ନ୍ୟସ୍ତ କରାଯାଇଥାଏ । ଏହି ଖଣ୍ଡରେ ସୂଚିତ କରାଯାଇଥିବା ଅନ୍ୟ ପୈଠଦାବିରେ ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ ହେଲା କୌଣସି ବାଣିଜ୍ୟ ସଂସ୍ଥାରେ କାର୍ଡ ବ୍ୟବହାର ଜରିଆରେ କାର୍ଡଧାରୀ ସଦସ୍ୟଙ୍କଦ୍ୱାରା କୌଣସି କିମ୍ବା ସମସ୍ତ ପୈଠ ଅର୍ଥ ଯାହା ଏକ ଗ୍ରହଣଯୋଗ୍ୟ ଖର୍ଚ୍ଚ ହିସାବରେ କରାଯାଇଥାଏ, କିନ୍ତୁ ଚାର୍ଜ ହିସାବରେ ରେକର୍ଡ କରାଯାଇଥାଏ । ଚାର୍ଜସ୍ଲିପ୍‌ସରେ କାର୍ଡ ନମ୍ବର ସୂଚିତ କରାଯାଇ କାର୍ଡଧାରୀ ସଦସ୍ୟଙ୍କ ଦସ୍ତଖତ ହେଉଛି କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଉତ୍ପନ୍ନ ହେଉଥିବା ଆର୍ଥିକ ଦାୟିତ୍ୱର ଏକ ନିଶ୍ଚୟାତ୍ମକ ପ୍ରମାଣ । ଆପିନ/ପାସ୍‌ୱାର୍ଡ (ଶବ୍ଦ)/ବ୍ୟବହାରକାରୀ ଆଇଡି ବ୍ୟବହାର କରି ଯଦି କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର/ଇନଫିନିଟିର ସୁବିଧାମାନ ପ୍ରାପ୍ତ କରୁଥିବେ ଏବଂ ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର/ଇନଫିନିଟିକୁ ତାଙ୍କର ପ୍ରବେଶ ଅଧିକାର ମିଳିଥାଏ ତେବେ କାର୍ଡଧାରୀ ସଦସ୍ୟ ତାଙ୍କର କାରବାର ସୁଚାରୁ ରୂପେ ପରିଚାଳିତ କରୁଛନ୍ତି ବୋଲି ନିଶ୍ଚିତ ଭାବରେ ପ୍ରମାଣିତ ହୋଇଥାଏ । କାର୍ଡଧାରୀ ସଦସ୍ୟ ଯଥୋଚିତ ଭାବରେ ତାଙ୍କର କ୍ରୟ କରାଯାଇଥିବା ଜିନିଷ କିମ୍ବା ସେବା ଗ୍ରହଣ କରିଛନ୍ତି କି ନାହିଁ ସେ ସମ୍ବନ୍ଧରେ ଆଇସିଆଇସିଆଇ ବ୍ୟାଙ୍କ କୌଣସି ନିଶ୍ଚିତତା ପ୍ରଦାନ କରିବେ ନାହିଁ । ଯଦି କୌଣସି କାରଣରୁ କାର୍ଡଧାରୀ ସଦସ୍ୟ ବିବରଣୀରେ ସୂଚିତ ଚାର୍ଜ ସହିତ ଏକମତ ନ ହୁଅନ୍ତି, ତେବେ ତାହା ବିବରଣୀ ମିଳିବାର 60 ଦିନ ସମୟ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କକୁ ଜଣାଇବା ଉଚିତ, ଅନ୍ୟଥା ବିବରଣୀରେ ବର୍ଣ୍ଣିତ ସମସ୍ତ ଚାର୍ଜେସ ସଠିକ ଏବଂ ଯଥୋଚିତ ବୋଲି ବିବେଚିତ କରାଯିବ ।

## (xix) ସୁରକ୍ଷା

ଏକ ସୁରକ୍ଷିତ କ୍ରେଡିଟ କାର୍ଡ କ୍ଷେତ୍ରରେ କାର୍ଡ ଆକାଉଣ୍ଟ ଉପରେ ଜାରି ସମସ୍ତ ବକେୟା ଦେୟ ଅର୍ଥ, କାର୍ଡ କାରବାର ଜନିତ କୌଣସି ବକେୟା ପରିମାଣ ଏବଂ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଚାର୍ଜେସମାନ (ଏଠାରେ ସୂଚିତ କରାଯାଇଛି), ଯାହା କାର୍ଡଧାରୀ ସଦସ୍ୟ କାର୍ଡ ବ୍ୟବହାର ଜରିଆରେ କାର୍ଡ ଆକାଉଣ୍ଟକୁ କାର୍ଯ୍ୟକାରୀ କରାଯାଇଛି, କିନ୍ତୁ ଦାବି କରାଯାଇ ନାହିଁ, ସେଥିପାଇଁ ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା ଜାମିନ/ଋଣ ପତ୍ର ମାଧ୍ୟମରେ କାର୍ଡଧାରୀ ସଦସ୍ୟଙ୍କ ସେ ପ୍ରକାର ସିକ୍ୟୁରିଟୀଜ/ଫିକ୍ସଡ ଜମା ଅର୍ଥ ଏବଂ ଅନ୍ୟାନ୍ୟ ଆସେଟ୍‌ସ (ସମ୍ପତ୍ତି) ଆଇସିଆଇସିଆଇ ବ୍ୟାଙ୍କ ସ୍ୱୀକୃତିଦ୍ୱାରା ସୁରକ୍ଷିତ ରଖାଯିବ । ଯଦି ଉପରୋକ୍ତ ସିକ୍ୟୁରିଟିଜ୍/ଫିକ୍ସଡ ଜମା ଅର୍ଥ/ଅନ୍ୟାନ୍ୟ ଆସେଟ୍‌ସ କାର୍ଡଧାରୀ ସଦସ୍ୟଙ୍କ ନାମରେ ଏକଲା କିମ୍ବା ଯୁଗ୍ମ ଭାବରେ ରଖାଯାଇଥାଏ, କିମ୍ବା ତୃତୀୟ ପକ୍ଷ ବ୍ୟକ୍ତିଙ୍କ ନାମରେ ରଖାଯାଇଥାଏ ତେବେ ତାହା ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା ସମସ୍ତ କାରବାରର ପ୍ରକାର ଏବଂ ପ୍ରଣାଳୀ ଅନୁସାରେ ସୁପାରିଶ କରାଯିବ । କାର୍ଡଧାରୀ ସଦସ୍ୟ ସୁରକ୍ଷା ସୃଷ୍ଟି କରିବା ପାଇଁ ତାଙ୍କର ସମସ୍ତ ଡକ୍ୟୁମେଣ୍ଟସ ଆବଶ୍ୟକୀୟ (କାଗଜପତ୍ର) ଆଇସିଆଇସିଆଇ ବ୍ୟାଙ୍କକୁ ସନ୍ତୋଷଜନକ ଭାବରେ ଜମା ଦେବା ସହିତ ସମସ୍ତ କାରବାରଜନିତ ପ୍ରକାର ଏବଂ ପ୍ରଣାଳୀ ଅନୁସାରେ କାର୍ଯ୍ୟ ନିର୍ବାହ କରିବେ । ଏ ପ୍ରକାର ସୁରକ୍ଷା ସୃଷ୍ଟି ପାଇଁ ହେଉଥିବା ଖର୍ଚ୍ଚ ଏବଂ ସମସ୍ତ ନିୟମ ନିଷ୍ଠା ସମ୍ପୂର୍ଣ୍ଣ କରିବା ପାଇଁ ଏପରିକି ଯାହା କେବଳ ଷ୍ଟାମ୍ପ ଦେୟ ପାଇଁ ସୀମିତ ନୁହେଁ, କାର୍ଡଧାରୀ ସଦସ୍ୟ ସମସ୍ତ ଖର୍ଚ୍ଚ ବହନ କରିବେ ।

## (xx) ଅର୍ଥ ସଂଗ୍ରହ

କାର୍ଡଧାରୀ ସଦସ୍ୟଙ୍କ ଦାୟିତ୍ୱରେ ଏବଂ ଖର୍ଚ୍ଚରେ, ଆଇସିଆଇସିଆଇ ବ୍ୟାଙ୍କ ଏକ କିମ୍ବା ବ୍ୟକ୍ତି (ଗଣ)ଙ୍କୁ ନିଯୁକ୍ତ କରାଇ, କାର୍ଡଧାରୀ ସଦସ୍ୟଙ୍କ ବକେୟା ଦେୟ ଅର୍ଥ ଏବଂ କିମ୍ବା ଦେଇଥିବା ସିକ୍ୟୁରିଟିଜ୍ ସଂଗ୍ରହ କରିବେ କିମ୍ବା ଏବଂ ଆଇସିଆଇସିଆଇ ବ୍ୟାଙ୍କ ସେହି ଉଦ୍ଦେଶ୍ୟରେ ସେହି ବ୍ୟକ୍ତିମାନଙ୍କୁ କାର୍ଡଧାରୀ ସଦସ୍ୟଙ୍କ ସମ୍ବନ୍ଧରେ ସମସ୍ତ ସୂଚନା, ତଥ୍ୟ ଓ ସଂଖ୍ୟା ଏବଂ ସିକ୍ୟୁରିଟିଜ୍ ପ୍ରଦାନ କରିବେ, ଯାହା ଆଇସିଆଇସିଆଇ ବ୍ୟାଙ୍କ ଯଥୋଚିତ ମନେ କରିବେ । ଆଇସିଆଇସିଆଇ ବ୍ୟାଙ୍କ ସେଭଳି ବ୍ୟକ୍ତିମାନଙ୍କୁ ଅଧିକାର ଏବଂ ମାଲିକାନା କ୍ଷମତା ପ୍ରଦାନ କରିବେ ଯାହାଦ୍ୱାରା ସେମାନେ ବ୍ୟାଙ୍କ ତରଫରୁ ଏ ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ କାରବାର ଏବଂ କାର୍ଯ୍ୟନିର୍ବାହ କରିବେ, ଯାହା ଆଇସିଆଇସିଆଇ ବ୍ୟାଙ୍କ ଉଚିତ ମନେ କରିବେ ।

## (xxi) ବାଣିଜ୍ୟ ଜିନିଷ ଏବଂ ସେବାର ଗୁଣବତ୍ତା (କ୍ୱାଲିଟୀ)

କୌଣସି ପ୍ରକାର ବାଣିଜ୍ୟ ଜିନିଷ (କ୍ରୟ/ବିକ୍ରୟ/ବେପାର) ପାଇଁ ବାଣିଜ୍ୟ ଜିନିଷ ଉପରେ ୱାରେଣ୍ଟୀ କିମ୍ବା କ୍ରୟ କରାଯାଉଥିବା ସେବା ଯାହା କାର୍ଡଧାରୀ ସଦସ୍ୟ ବାଣିଜ୍ୟ ସଂସ୍ଥାମାନଙ୍କଠାରୁ ଉପଲବ୍ଧ କରିଥାଆନ୍ତି ଏବଂ ସେଥି ପାଇଁ ଜିନିଷ ପ୍ରଦାନ କରିବାର କାର୍ଯ୍ୟରେ ବିଳମ୍ବ, ଜିନିଷ ପ୍ରଦାନ ନ କରିପାରିବା, ଜିନିଷ ନପାଇ ପାରିବା କିମ୍ବା ତ୍ରୁଟିଜନକ ତଥା ନଷ୍ଟ ହୋଇଥିବା ଜିନିଷ ଗ୍ରହଣ କରିବା ଇତ୍ୟାଦି ଉପରୋକ୍ତ କାରଣ ପାଇଁ କାର୍ଡଧାରୀ ସଦସ୍ୟ କୌଣସି ପ୍ରକାରେ ଆଇସିଆଇସିଆଇ

ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହା ସ୍ପଷ୍ଟ ଭାବରେ ଜାଣିବା ଉଚିତ ଯେ କାର୍ଡଧାରୀ ସଦସ୍ୟଙ୍କ ପାଇଁ କ୍ରେଡିଟ କାର୍ଡ ହେଉଛି କେବଳ ଏକ ସୁବିଧା ଯାହାଦ୍ୱାରା ସେ କୌଣସି ଜିନିଷ/ସେବା କ୍ରୟ କରି ପାରିବେ। ଆଇସିଆଇସିଆଇ ବ୍ୟାଙ୍କ ସେଥିପାଇଁ କୌଣସି ୱାରେଣ୍ଟୀ କିମ୍ବା ଜିନିଷ/ସେବାର ଗୁଣ, ଜିନିଷ ପ୍ରଦାନ କିମ୍ବା ଜିନିଷର କାରବାର ସମ୍ବନ୍ଧରେ କୌଣସି ପ୍ରତିନିଧିତ୍ୱ କରିପାରିବେ ନାହିଁ। ବାଣିଜ୍ୟ ସଂସ୍ଥା ସମ୍ବନ୍ଧୀୟ କୌଣସି ବିବାଦ କିମ୍ବା ଦାବି ସୃଷ୍ଟି ହେଲେ ତାହା ବାଣିଜ୍ୟ ସଂସ୍ଥା ଏବଂ କାର୍ଡଧାରୀ ସଦସ୍ୟଙ୍କ ମଧ୍ୟରେ ଆପୋଷ ସମାଧାନ କରାଯିବା ଉଚିତ । କୌଣସି ପ୍ରକାରର ଦାବି ଅର୍ଥ କିମ୍ବା ବିବାଦ ପାଇଁ କାର୍ଡଧାରୀ ସଦସ୍ୟ ତାଙ୍କର ପୈଠ କରିବାକୁ ଥିବା ଅର୍ଥ କିମ୍ବା ଚାର୍ଜେସ ଆଇସିଆଇସିଆଇ ବ୍ୟାଙ୍କକୁ ପ୍ରଦାନ କରି ତାଙ୍କର ଦାୟିତ୍ୱରୁ ରକ୍ଷା ପାଇପାରିବେ ତେଣୁ କାର୍ଡଧାରୀ ସଦସ୍ୟ ତୁରନ୍ତ ତାଙ୍କର ସମସ୍ତ ଚାର୍ଜେସ ପୈଠ କରିଦେବା ପାଇଁ ରାଜି ହେବା ଉଚିତ।

## (xxii) କ୍ରେଡିଟ (ବାକି) କାରବାର

କୌଣସି ଏକ କ୍ରୟ ପାଇଁ ଡେବିଟ ଏବଂ ଜିନିଷ/ସେବାର ରଦ୍ଦକରଣ ପାଇଁ ପରବର୍ତ୍ତୀ କ୍ରେଡିଟ ହେଉଛି ଦୁଇଟି ଅଲଗା କାରବାର। କାର୍ଡଧାରୀ ସଦସ୍ୟ ବିବରଣୀର ସୂଚନା ଅନୁସାରେ କ୍ରୟ କାରବାର ପାଇଁ ଅର୍ଥ ପୈଠ କରିବା ଉଚିତ ଏବଂ ଏହା ଦ୍ୱାରା ତାଙ୍କୁ କରାଯାଉଥିବା ଅତିରିକ୍ତ ଚାର୍ଜେସରୁ ମଧ୍ୟ ରକ୍ଷା ପାଇପାରିବେ। ରଦ୍ଦକରଣ ପରିସ୍ଥିତିରେ ଯେତେବେଳେ ଆଇସିଆଇସିଆଇ ବ୍ୟାଙ୍କ ଅର୍ଥ ଫେରସ୍ତ ପାଇଥାଆନ୍ତି ତୁରନ୍ତ ଫେରସ୍ତ ଅର୍ଥ କାର୍ଡ ଆକାଉଣ୍ଟରେ ଜମା କରି ଦିଆଯାଇଥାଏ (ରଦ୍ଦ ଜନିତ ଚାର୍ଜେସ ବାଦଦେଲେ)।

କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ସଠିକ୍ ଭାବରେ କ୍ରେଡିଟ ସ୍ଲିପ୍ ପ୍ରଦାନ କରାଯିବା ପରେ କ୍ରେଡିଟ କାର୍ଡ ଆକାଉଣ୍ଟରେ କ୍ରେଡିଟ୍ ଜମା କରାଯାଇଥାଏ। ଯଦି ଏହି କ୍ରେଡିଟ୍ କାର୍ଡ ଆକାଉଣ୍ଟରେ ଏକ ଯଥୋଚିତ ସମୟ କାଳ ମଧ୍ୟରେ ଜମା କରାନଯାଏ, ତେବେ କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କକୁ ନୋଟିସ ପଠାଇବା ଆବଶ୍ୟକ ।

## (xxiii) ବିଦେଶରେ ଲାଗୁ କରାଯାଉଥିବା ଚାର୍ଜେସ

କାର୍ଡଧାରୀ ସଦସ୍ୟ ଘୋଷଣା କରିଥାଆନ୍ତି ଯେ ଯଦି ସେ ବିଦେଶରେ ତାଙ୍କ କାର୍ଡ ବ୍ୟବହାର କରିବାକୁ ଚାହୁଁଛନ୍ତି, ତେବେ ଆବଶ୍ୟକୀୟ ବୈଦେଶିକ ମୁଦ୍ରା ବିନିମୟ ନିୟନ୍ତ୍ରଣ ନିୟମ ଅନୁସାରେ ସେ ବ୍ୟବହାର କରିପାରିବେ। ଏହି କାର୍ଡ ସମୟାନୁକ୍ରମେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପ୍ରଚଳିତ ଏବଂ ସଂଶୋଧିତ କରାଯାଇଥାଏ। ଆଇସିଆଇସିଆଇ ବ୍ୟାଙ୍କର ବିନିମୟ ନିୟନ୍ତ୍ରଣ ଅନୁମୋଦନ ଅନୁସାରେ ଯଦି କାର୍ଡଧାରୀ ସଦସ୍ୟ ତାଙ୍କର ଯୋଗ୍ୟତା ସୀମା ଅତିକ୍ରମ କରିବେ, ତେବେ କାର୍ଡଧାରୀ ସଦସ୍ୟ ଲିଖିତ ଆକାରରେ ତୁରନ୍ତ ଆଇସିଆଇସିଆଇ ବ୍ୟାଙ୍କ ଦୃଷ୍ଟିକୁ ଆଣିବା ଆବଶ୍ୟକ। ଆରବିଆଇ ଦ୍ୱାରା ନିର୍ଦ୍ଧାରିତ ସୃଷ୍ଟି ହୋଇଥିବା ସେ ପ୍ରକାର କୌଣସି ଚାର୍ଜେସ ପାଇଁ ଯଦି ପାସ ପୋର୍ଟ ଅନୁମୋଦନ କରିବା ଆବଶ୍ୟକ ଥାଏ, ତେବେ ଏହା ସମ୍ପୂର୍ଣ୍ଣ ଭାବରେ କାର୍ଡଧାରୀ ସଦସ୍ୟଙ୍କ ଦାୟିତ୍ୱ । ଆରବିଆଇଙ୍କ ଦ୍ୱାରା ପ୍ରଦତ୍ତ ପ୍ରଚଳିତ ବୈଦେଶିକ ମୁଦ୍ରା ବିନିମୟ ନିୟନ୍ତ୍ରଣ ସୁପାରିଶମାନ ପାଳନ ନ କରାଗଲେ, ବୈଦେଶିକ ମୁଦ୍ରା ବିନିମୟ ପରିଚାଳନା ନିୟମ, ୧୯୯୨ ଅନୁସାରେ କାର୍ଡଧାରୀ ସଦସ୍ୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଏହି ନିୟମ ଯାହା ସମୟାନୁକ୍ରମେ ସଂଶୋଧିତ କରାଯାଇଥାଏ ଏବଂ ସେହି ନିୟମ ଅନୁସାରେ ଆଇସିଆଇସିଆଇ ବ୍ୟାଙ୍କର ନିର୍ଦ୍ଦେଶ କିମ୍ବା ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା କାର୍ଡଧାରୀ ସଦସ୍ୟଙ୍କୁ ତାଙ୍କର କାର୍ଡ ବ୍ୟବହାରଜନିତ ସୁବିଧାରୁ (ବହିଷ୍କାର) ବଞ୍ଚିତ କରାଯିବ। ଆରବିଆଇଙ୍କ ଦ୍ୱାରା ସମୟାନୁକ୍ରମେ ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁସାରେ ଯଦି ବୈଦେଶିକ ବିନିମୟ ମୁଦ୍ରା ଆରବିଆଇଙ୍କନିର୍ଦ୍ଧାରିତ ସୀମା ଅତିକ୍ରମ କରାଯାଇଥାଏ ଏବଂ କୌଣସି ଚାର୍ଜର ହ୍ରାସ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଘଟିଥାଏ, ଆଇସିଆଇସିଆଇ ବ୍ୟାଙ୍କ ସେଥିପାଇଁ ସେ ପ୍ରକାର କ୍ଷତି ବା ହାନିର ଦାୟିତ୍ୱ ବହନ କରିବେ ନାହିଁ। ଯଦି ଭାରତୀୟ ଟଙ୍କା ବ୍ୟତୀତ ଅନ୍ୟ କୌଣସି ମୁଦ୍ରାରେ କାରବାର କରାଯାଇଥାଏ ତେବେ ତାହାକୁ ଭାରତୀୟ ଟଙ୍କାରେ ରୂପାନ୍ତରିତ କରାଯିବ । ଯେଉଁ ତାରିଖରେ ଆଇସିଆଇସିଆଇ ବ୍ୟାଙ୍କର କାରବାର ସେଟଲ୍ ବା ସଂପାଦନ କରାଯିବ ସେହି ଦିନ ଏହି ରୂପାନ୍ତରଣ କରାଯିବ। ଏହା କାରବାର କରାଯାଇଥିବା ତାରିଖ ସହିତ ସମାନ ହୋଇ ନପାରେ। ଯଦି ଆମେରିକୀୟ ଡଲାରରେ କାରବାର କରାଯାଇନାହିଁ ତେବେ କାରବାର ଅର୍ଥକୁ ଆମେରିକୀୟ ଡଲାରରେ ରୂପାନ୍ତରଣ କରି ଏବଂ ଏଥିପାଇଁ ଲାଗୁଥିବା ଦେୟ ପରିମାଣକୁ ଆମେରିକୀୟ ଡଲାରରେ ରୂପାନ୍ତରିତ କରାଯାଇଥାଏ ଏବଂ ଆମେରିକୀୟ ଡଲାରକୁ ଭାରତୀୟ ଟଙ୍କାରେ ରୂପାନ୍ତରିତ କରାଯାଇଥାଏ। ଯଦି ପ୍ରଯୁଜ୍ୟ ନିୟମ ଅନୁସାରେ ଏକ ନିର୍ଦ୍ଧାରିତ ମୂଲ୍ୟ ଆବଶ୍ୟକ ହୁଏ ନାହିଁ ତେବେ ସଂପାଦନା ଦିବସ ବା ସେଟଲମେଣ୍ଟ ଡେଟ୍‌ରେ ଆମେରକୀୟ ଡଲାରକୁ ଭାରତୀୟ ଟଙ୍କାରେ ପରିବର୍ତ୍ତନ କରିବା ନିମନ୍ତେ ଭିସା କାର୍ଡ, ମାଷ୍ଟର କାର୍ଡ ଏବଂ ଆମେକ୍ସରେ ପ୍ରଦତ୍ତ ମୂଲ୍ୟରେ କରାଯାଇ ପାରିବ, ଏଥିସହିତ ଏହିପରି କାରବାର ନିମନ୍ତେ ଅତିରିକ୍ତ କରେନ୍ସି କନଭରସନ୍ ଫ୍ୟାକ୍ଟର ଆସେସେମେଣ୍ଟ (ସଂପ୍ରତି 3.50%) ଦେୟ ଲାଗୁ ହେବ।

## (xxiv) ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ପୁରସ୍କାର ବା ରିୱାର୍ଡ୍ସ

**ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟ/ମାନଙ୍କୁ ନିମ୍ନଲିଖିତ କ୍ରେଡିଟ୍ କାର୍ଡ ରିୱାର୍ଡ ଯୋଜନା ପ୍ରଦାନ କରେ**

1)''**ଏକ୍ସପ୍ରେସ୍ ସ୍କିମ୍**'' ଅର୍ଥ ହେବ ଆଇସିଆଇସିଆଇ ବ୍ୟାଙ୍କର ରିୱାର୍ଡ ସ୍କିମ୍ ବା ପୁରସ୍କାର ଯୋଜନା।

• ଏକ୍ସପ୍ରେସ୍ ସ୍କିମ୍ ଅଧିନରେ ''ଏକ୍ସପ୍ରେସ୍ ରିୱାର୍ଡ ପଏଣ୍ଟ୍ସ'' ପ୍ରଦାନ କରାଯିବ।

2) ''**ଆଇ-ମିଣ୍ଟ୍ ସ୍କିମ୍**''ର ଅର୍ଥ ହେବ ଆଇସିଆଇସିଆଇ ବ୍ୟାଙ୍କ ଓ ଆଇମିଣ୍ଟ୍‌ର ମିଳିତ ଉଦ୍ୟମରେ ପୁରସ୍କାର ଯୋଜନା।

• ଆଇ-ମିଣ୍ଟ୍ ସ୍କିମ୍ ଅଧିନରେ ''ଆଇ-ମିଣ୍ଟ୍ ରିୱାର୍ଡ ପଏଣ୍ଟ୍ସ'' ପ୍ରଦାନ କରାଯିବ।

• ''ଆଇ-ମିଣ୍ଟ୍''ସୂଚିତ କରେ ଲୟାଲିଟି ସଲ୍ୟୁସନ୍ ଆଣ୍ଡ୍ ରିସର୍ଚ୍ଚ ଲିମିଟେଡ୍ (''ଏଲ୍ଏସଆରଏଲ୍'') 1956 କମ୍ପାନି ନିୟମ ଅନୁସାରେ ଏହା ଗଠନ କରାଯାଇଛି ଏବଂ ଏହାର ପଞ୍ଜିକୃତ କାର୍ଯ୍ୟାଳୟର ଠିକଣା ହେଉଛି ଜେ.ଏଲ.ନେହେରୁ ରୋଡ, ବାକୋଲା, ସାନ୍ତାକ୍ରୁଜ (ପୂର୍ବ), ମୁମ୍ବାଇ 400055 (ବର୍ତ୍ତମାନଠାରୁ ଏହାକୁ ''ଏଲଏସଆରଏଲ୍''କୁହାଯିବ):ଆଇ ମିଣ୍ଟ୍ ନାମକ ବ୍ରାଣ୍ଡ୍ ନାମ ଅଧିନରେ

• ଆଇ-ମିଣ୍ଟ କାର୍ଡର ଅର୍ଥ ଏଲ୍ଏସଆରଏଲ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତ ଓ ନିୟମାବଳୀ ଅନୁସାରେ ଏଲ୍ଏସଆରଏଲ୍ କାର୍ଡ ଜାରି କରିଥାଆନ୍ତି ଏବଂ ଆଇ-ମିଣ୍ଟ୍ ରିୱାର୍ଡ ପଏଣ୍ଟକୁ ରିଡିମ୍ କରିଥାନ୍ତି।

• ''ଆଇ-ମିଣ୍ଟ୍ ସଦସ୍ୟ''ଅର୍ଥ ଆଇ-ମିଣ୍ଟ୍ କାର୍ଡଧାରୀ ବ୍ୟକ୍ତି ଏବଂ ଯେ କି ଆଇମିଣ୍ଟ୍ ୱେବସାଇଟ୍‌ରେ ଏଥିପାଇଁ ନିର୍ଦ୍ଧାରିତ ପ୍ରକ୍ରିୟାରେ ଆଇ-ମିଣ୍ଟ୍ ସହିତ ପଞ୍ଜିକୃତ

କରାଇଛନ୍ତି। ପୂର୍ବରୁ ବର୍ଣ୍ଣିତ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ରିୱାର୍ଡ ପଏଣ୍ଟ ସ୍କିମ୍ ଯୋଜନାରେ ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ପ୍ରଦାନ କରାଯାଇଛି, ବିପରୀତ ଅର୍ଥ ଦୃଷ୍ଟିକୁ ନ ଆସିବା ଯାଏଁ ଏହା କାଏମ ରହିବ:

•''ଡେଲିନ କ୍ୱେଣ୍ଟ ଆକାଉଣ୍ଟ'' ଅର୍ଥ ଯେଉଁ ଆକାଉଣ୍ଟରେ ପେମେଣ୍ଟ କ୍ଲଜ (ଖଣ୍ଡ)ଅନୁସାରେ ନିର୍ଦ୍ଧାରିତ ଦେୟ ପୈଠ କରାଯାଇ ନାହିଁ।

•''ଉପଯୁକ୍ତ ତାରିଖ'' ଅର୍ଥ ଯେଉଁ ତାରିଖରୁ ଏକ୍ସପ୍ରେସ୍ ସ୍କିମ୍ କିମ୍ବା ଆଇ–ମିଣ୍ଟ ସ୍କିମ୍ ଆରମ୍ଭ କରାଯାଇଥାଏ ଯାହା ବିଷୟରେ ସମୟ ସମୟରେ ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା କାର୍ଡଧାରୀ ସଦସ୍ୟ/ମାନଙ୍କୁ ଜଣାଇ ଦିଆଯାଇଥାଏ। ଗ୍ରାହକ କେବଳ ଆଇ–ମିଣ୍ଟ୍‌ରେ ପଞ୍ଜିକୃତ ହେବା ତାରିଖ ପରଠାରୁ ଆଇ–ମିଣ୍ଟ୍ ଯୋଜନା ଅଧିନରେ ସୁବିଧା ସୁଯୋଗ ହାସଲ କରିପାରିବେ।

•''ସ୍କିମ ରଦ୍ଦ ତାରିଖ'' ଅର୍ଥାତ୍ ଯେଉଁ ତାରିଖରେ ସ୍କିମ୍ ରଦ୍ଦ କରାଯାଇଥାଏ, ଏହା ଆଇସିଆଇସିଆଇ ବ୍ୟାଙ୍କର ନିଜସ୍ୱ ଅଧିକାର ଅଧିନ ।

•''ବୈଧ ଚାର୍ଜ'' କାର୍ଡ ଦ୍ୱାରା କୌଣସି ଜିନିଷ କିମ୍ବା ସେବା କ୍ରୟ ବାବଦରେ ଉତ୍ପନ୍ନ ହେଉଥିବା କୌଣସି ଏକ ଚାର୍ଜ ଏବଂ ସମୟ ସମୟରେ ଏହି ସ୍କିମ ଅନୁସାରେ ଲାଗୁ କରାଯାଉଥିବା ଅନ୍ୟ କୌଣସି ଚାର୍ଜ, ଯାହା ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଏକ୍ସପ୍ରେସ୍ ସ୍କିମ୍ କିମ୍ବା ଆଇ–ମିଣ୍ଟ ସ୍କିମ୍ ନିମନ୍ତେ ସାମିଲ କରାଯାଇଥାଏ।

• ଯଦି ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା କୌଣସି ପ୍ରକାରର ବିଶେଷ ସ୍କିମ୍ ପ୍ରଚଳନ ସମୟରେ ବା ତା'ର ପରେ କୌଣସି କାର୍ଡର ବ୍ୟବହାର ପ୍ରତ୍ୟାହୃତ କରିନିଆଯାଇଥାଏ, କିମ୍ବା ରଦ୍ଦ କରିଦିଆଯାଇଥାଏ କିମ୍ବା ରଦ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥାଏ କିମ୍ବା କାର୍ଡ ଆକାଉଣ୍ଟକୁ ଡେଲିନ୍‌କ୍ୱେଣ୍ଟ ଆକାଉଣ୍ଟ ଭାବରେ ଘୋଷିତ କରାଯାଇଥାଏ ତେବେ କୌଣସି ଅଫର/ସୁବିଧା ଯେପରିକି ଏହା କୌଣସି ଉପହାର/ରିହାତି/ଅର୍ଥ–ଫେରସ୍ତ ବ୍ୟବସ୍ଥା ନିମନ୍ତେ କାଏମ ରହିବ ନାହିଁ ଏବଂ ତୁରନ୍ତ ସ୍ୱତଃପ୍ରବୃତ୍ତ ଭାବରେ କାର୍ଡ ସଦସ୍ୟଙ୍କ ପାଇଁ ରଦ୍ଦ ହୋଇଯିବ।

**''ଆନିଭର୍ସାରୀ ଇୟର''**ର ଅର୍ଥ କାର୍ଡ ଜାରି ହୋଇଥିବା ତାରିଖ ଠାରୁ ପ୍ରଥମ 12ମାସର ଅବଧି ଏବଂ ତାହାର ପରବର୍ତ୍ତୀ ସମୟର ପ୍ରତ୍ୟେକ 12ମାସର ସମୟ ଅବଧି।

### 1) ଏକ୍ସପ୍ରେସ୍ ସ୍କିମ୍ ପାଇଁ ପ୍ରଯୁଜ୍ୟ ସର୍ତ୍ତ ଓ ନିୟମାବଳୀ:

• ଏକ୍ସପ୍ରେସ୍ ସ୍କିମ୍ ଏକ ଉପଯୁକ୍ତ ଦିନଠାରୁ କାର୍ଯ୍ୟକାରୀ ହେବ ଏବଂ ଏହା ସେହି ପ୍ରଭାବକାରୀ ଦିବସ ବା ଏଫେକ୍ଟିଭ୍ ଡେଟ୍‌ଠାରୁ ବା ପରବର୍ତ୍ତୀ ସମୟରୁ କେବଳ କେତେକ ନିର୍ଦ୍ଦିଷ୍ଟ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଧାରଣ କରିଥିବା ସଦସ୍ୟ/ମାନକ ନିମନ୍ତେ ଉପଲବ୍ଧ ହେବ ।

• ଏହି ଏକ୍ସପ୍ରେସ୍ ସ୍କିମ୍ ଅଧିନରେ କେତେକ ନିର୍ଦ୍ଦିଷ୍ଟ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ପ୍ରାପ୍ତ କରାଯାଇଥିବା ବୈଧ ଦେୟ ନିମନ୍ତେ ଆଇସିଆଇସିଆଇ ବ୍ୟାଙ୍କ ଏକ୍ସପ୍ରେସ୍ ରିୱାର୍ଡ ପଏଣ୍ଟ୍ସ ପୁରସ୍କାର ରୂପରେ ପ୍ରଦାନ କରେ। ଗୋଟିଏ ରିୱାର୍ଡ ଅର୍ଣ୍ଣିଂ ଆନିଭର୍ସାରୀ ଇୟର ପରେ ଏକ୍ସପ୍ରେସ୍ ରିୱାର୍ଡ ପଏଣ୍ଟ ଆୟ ବ୍ୟବସ୍ଥା ଜାରି ରହିବ।

• କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଅର୍ଜିତ କ୍ରେଡିଟ କାର୍ଡ ପୁରସ୍କାର ପଏଣ୍ଟ୍ସ କାର୍ଡଧାରୀ ସଦସ୍ୟଙ୍କ ନିକଟକୁ ପଠାଯାଉଥିବା ମାସିକ ବିବରଣୀରେ ସୂଚିତ କରାଯିବ।

• ସମୟାନୁକ୍ରମେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ରିଡେମ୍ପଶନ୍ (ବିମୋଚନ) ଅଫର୍ସ ବଦଳରେ କାର୍ଡଧାରୀ ସଦସ୍ୟ ତାଙ୍କ ଦ୍ୱାରା ଜମା କରାଯାଇଥିବା ପୁରସ୍କାର ପଏଣ୍ଟ୍ସ (ବିମୋଚନ) ମୁକୁଳାଇ ପାରିବେ।

• ଏକ୍ସପ୍ରେସ୍ ରିୱାର୍ଡ ପଏଣ୍ଟ୍ସ ରିଡେମ୍ପଶନ୍ ହେବା ପରେ ବିମୋଚିତ ହୋଇଥିବା ଏକ୍ସପ୍ରେସ୍ ରିୱାର୍ଡ ପଏଣ୍ଟ୍ସ ସ୍ୱତଃସ୍ଫୁର୍ତ୍ତ ଭାବରେ କାର୍ଡ ଆକାଉଣ୍ଟରେ ଜମା ହୋଇଥିବା କ୍ରେଡିଟ କାର୍ଡ ପୁରସ୍କାର ପଏଣ୍ଟ୍ସରୁ କମ ହୋଇଯିବ।

• ସ୍କିମ ସମାପନ ତାରିଖ ପୂର୍ବରୁ ଯଦି କୌଣସି ସମୟରେ କାର୍ଡ ବ୍ୟବହାର ସୁବିଧା ଅପସାରିତ କରି ଦିଆଯାଏ କିମ୍ବା ରଦ୍ଦ କରି ଦିଆଯାଏ କିମ୍ବା ରଦ୍ଦ କରାଯିବାର ସମ୍ଭାବନା ଥାଏ, କିମ୍ବା କାର୍ଡ ଆକାଉଣ୍ଟକୁ ''ଡେଲିନ୍‌କ୍ୱେଣ୍ଟ'' କାର୍ଡ (ନିୟମ ଉଲ୍ଲଙ୍ଘନକାରୀ କାର୍ଡ) ନାମରେ ଘୋଷିତ କରାଯାଇଥାଏ, ସମସ୍ତ କ୍ରେଡିଟ କାର୍ଡ ପୁରସ୍କାର ପଏଣ୍ଟ୍ସ ଯାହା କାର୍ଡଧାରୀ ସଦସ୍ୟଙ୍କ କ୍ରେଡିଟ ରୂପରେ ରହିଥାଏ, ସ୍ୱତଃସ୍ଫୁର୍ତ୍ତ ଭାବରେ ତାହା ତୁରନ୍ତ ରଦ୍ଦ ହୋଇଯିବ।

• ଏପରିକି ଯଦି ସଦସ୍ୟ ପଦ ପୁନଃସ୍ଥାପିତ ହୋଇଥାଏ,ଏହି ରଦ୍ଦ ହୋଇଥିବା କ୍ରେଡିଟ କାର୍ଡ ପୁରସ୍କାର ପଏଣ୍ଟ୍ସମାନ କାର୍ଡ ଆକାଉଣ୍ଟରେ କ୍ରେଡିଟ କରାଯିବ ନାହିଁ ।

• ଏହି କାର୍ଯ୍ୟକ୍ରମର ଏକ ପରିସମାପ୍ତି ବ୍ୟବସ୍ଥା ରହିବ। ଏହା ସହିତ ଏକ ପଏଣ୍ଟର ସମସ୍ତ କ୍ରେଡିଟ୍ କାର୍ଡ ପାଇଁ 3ବର୍ଷ ପର୍ଯ୍ୟନ୍ତ ବୈଧତା ଅବଧି ରହିବ। କାର୍ଡ ସଦସ୍ୟତାର 1ମ, 2ୟ ଓ 3ୟ ବର୍ଷ ଅର୍ଜିତ ପଏଣ୍ଟଗୁଡ଼ିକ ଯଦି ବିମୋଚିତ କରାନଯାଏ ତେବେ ଏହା କାର୍ଡ ସଦସ୍ୟତାର 3ୟ ବର୍ଷର ଶେଷ ହେବା ପରେ 60ଦିନ ମଧ୍ୟରେ ଆପେ ଆପେ ରଦ୍ଦ ହୋଇଯିବ। କ୍ରେଡିଟ୍ କାର୍ଡ ଇସ୍ୟୁ ହେବା ତାରିଖଠାରୁ କାର୍ଡ ସଦସ୍ୟତାର ପ୍ରଥମ ବର୍ଷ ଆରମ୍ଭ ହୋଇଥାଏ। ଉଦାହରଣସ୍ୱରୂପ ଯଦି ଏକ କାର୍ଡ ମାର୍ଚ୍ଚ ମାସ 10ତାରିଖ 2007 ମସିହାରେ ଇସ୍ୟୁ ହୋଇଥାଏ ତେବେ ମାର୍ଚ୍ଚ 10 ତାରିଖ 2010 ମସିହାରୁ ମାର୍ଚ୍ଚ 10ତାରିଖ 2013 ମସିହା ମଧ୍ୟରେ ଅର୍ଜିତ ସମସ୍ତ ପୁରସ୍କାର ପଏଣ୍ଟ ଯଦି ବିମୋଚିତ କରା ନଯାଏ ତେବେ ମେ 10ତାରିଖ 2013 ମସିହାରେ ସେସବୁ ରଦ୍ଦ ହୋଇଯିବ।

• ସ୍କିମ ସମାପନ ତାରିଖ ଶେଷରେ କ୍ରେଡିଟ କାର୍ଡ ପୁରସ୍କାର ପଏଣ୍ଟ୍ସ ଯାହା କାର୍ଡଧାରୀ ସଦସ୍ୟଙ୍କ କ୍ରେଡିଟରେ ରହିଥାଏ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସେଗୁଡ଼ିକ ବିମୋଚିତ ହୋଇପାରି ନାହିଁ,ଆପେ ଆପେ ସେହି ପଏଣ୍ଟ୍ସ ରଦ୍ଦ ହୋଇଯିବ।

• ଏକ୍ସପ୍ରେସ୍ ସ୍କିମର ସର୍ତ୍ତ ଓ ନିୟମାବଳୀ ସହିତ ଉପରେ ବର୍ଣ୍ଣନା ଅନୁଯାୟୀ କାର୍ଡ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କର ରିୱାର୍ଡସ ବୁକ୍‌ଲେଟ୍ ବା ପୁରସ୍କାର ପତ୍ରିକାରେ ବର୍ଣ୍ଣିତ ସର୍ତ୍ତାବଳୀ ଦ୍ୱାରା ପରିଚାଳିତ ହେବେ। ଏହି ପୁରସ୍କାର ପୁସ୍ତିକାର ଏକ ନକଲ ଏବଂ ଅତିରିକ୍ତ ସର୍ତ୍ତ ଓ ନିୟମାବଳୀ କାର୍ଡଧାରୀ ସଦସ୍ୟଙ୍କ ନିମନ୍ତେ ଅନୁରୋଧକ୍ରମେ ଉପଲବ୍ଧ ହୋଇପାରିବ।

### 2) ଆଇ–ମିଣ୍ଟ୍ ପାଇଁ ପ୍ରଯୁଜ୍ୟ ସର୍ତ୍ତ ଓ ନିୟମାବଳୀ:

• ଆଇ–ମିଣ୍ଟ୍ ସ୍କିମ୍ ଏକ ଉପଯୁକ୍ତ ଦିନଠାରୁ କାର୍ଯ୍ୟକାରୀ ହେବ ଏବଂ ଏହା ସେହି ପ୍ରଭାବକାରୀ ଦିବସ ବା ଏଫେକ୍ଟିଭ୍ ଡେଟ୍‌ଠାରୁ ବା ପରବର୍ତ୍ତୀ ସମୟରୁ କେବଳ

କେତେକ ନିର୍ଦ୍ଦିଷ୍ଟ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଧାରଣ କରିଥିବା ସଦସ୍ୟ/ମାନଙ୍କ ନିମନ୍ତେ ଉପଲବ୍ଧ ହେବ ।

• ଆଇ-ମିଣ୍ଟ୍ ସ୍କିମ୍ ଅଧିନରେ କେତେକ ନିର୍ଦ୍ଦିଷ୍ଟ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ପ୍ରାପ୍ତ କରାଯାଇଥିବା ବୈଧ ଦେୟ ନିମନ୍ତେ ଆଇସିଆଇସିଆଇ ବ୍ୟାଙ୍କ ଆଇ-ମିଣ୍ଟ୍ ପଏଣ୍ଟ୍ସ ପୁରସ୍କାର ରୂପରେ ପ୍ରଦାନ କରେ।

• ଆଇ-ମିଣ୍ଟ୍ ସ୍କିମ୍ ଅଧିନରେ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଅର୍ଜିତ ଆଇ-ମିଣ୍ଟ୍ ପୁରସ୍କାର ପଏଣ୍ଟ୍ସ କାର୍ଡଧାରୀ ସଦସ୍ୟଙ୍କ ନିକଟକୁ ପଠାଯାଉଥିବା ମାସିକ ବିବରଣୀରେ ସୂଚିତ କରାଯିବ।

• କାର୍ଡଧାରୀ ସଦସ୍ୟ କେବଳ ଆଇ-ମିଣ୍ଟ୍ର ଗ୍ରାହକ ହେଲାପରେ ହିଁ, ଆଇ-ମିଣ୍ଟ୍ ରିୱାର୍ଡ କ୍ୟାଟଲଗ୍ରେ ଉପଲବ୍ଧ ସାମଗ୍ରୀ ନିମନ୍ତେ ଆଇ-ମିଣ୍ଟ୍ କାର୍ଡ ବ୍ୟବହାର କରି ତାଙ୍କର ଆଇ-ମିଣ୍ଟ୍ ରିୱାର୍ଡ ପଏଣ୍ଟକୁ ରିଡିମ୍ ବା ବିମୋଚନ କରିବା ପାଇଁ ସମର୍ଥ ହେବେ। ଏ ବିଷୟରେ ସମସ୍ତ ବିବରଣୀ ଏଲଏସଆରଏଲ୍ ଦ୍ୱାରା ଆଇ-ମିଣ୍ଟ୍ ସଦସ୍ୟ/ମାନଙ୍କୁ ଜଣାଇ ଦିଆଯାଇପାରେ କିମ୍ବା ଏ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ଏବଂ ଆଇ-ମିଣ୍ଟ୍ ସଦସ୍ୟ ହେବା ପାଇଁ କାର୍ଡଧାରୀ ସଦସ୍ୟ/ମାନେ ଆଇ-ମିଣ୍ଟ୍ ୱେବ୍ସାଇଟ୍ ଭିଜିଟ୍ କରିପାରିବେ "www.imintpoints.com"

• ଆଇ-ମିଣ୍ଟ୍ ପଏଣ୍ଟ୍ସ ରିଡେମ୍ପଶନ୍ ହେବା ପରେ ବିମୋଚିତ ହୋଇଥିବା ଆଇ-ମିଣ୍ଟ୍ ରିୱାର୍ଡ ପଏଣ୍ଟ୍ସ ସ୍ୱତଃସ୍ଫୂର୍ତ୍ତ ଭାବରେ କାର୍ଡ ଆକାଉଣ୍ଟରେ ଜମା ହୋଇଥିବା କ୍ରେଡିଟ କାର୍ଡ ପୁରସ୍କାର ପଏଣ୍ଟ୍ସରୁ କମ୍ ହୋଇଯିବ।

• ସ୍କିମ ସମାପନ ତାରିଖ ପୂର୍ବରୁ ଯଦି କୌଣସି ସମୟରେ କାର୍ଡ ବ୍ୟବହାର ସୁବିଧା ଅପସାରିତ କରି ଦିଆଯାଏ କିମ୍ବା ରଦ୍ଦ କରି ଦିଆଯାଏ କିମ୍ବା ରଦ୍ଦ କରାଯିବାର ସମ୍ଭାବନା ଥାଏ, କିମ୍ବା କାର୍ଡ ଆକାଉଣ୍ଟକୁ ''ଡେଲିନ୍କ୍ୱେଣ୍ଟ'' କାର୍ଡ (ନିୟମ ଉଲ୍ଲଙ୍ଘନକାରୀ କାର୍ଡ) ନାମରେ ଘୋଷିତ କରାଯାଇଥାଏ, ସମସ୍ତ ଆଇ-ମିଣ୍ଟ୍ ରିୱାର୍ଡ ପଏଣ୍ଟ୍ସ ଯାହା କାର୍ଡଧାରୀ ସଦସ୍ୟଙ୍କ କ୍ରେଡିଟ ରୂପରେ ରହିଥାଏ, ସ୍ୱତଃସ୍ଫୂର୍ତ୍ତ ଭାବରେ ତାହା ତୁରନ୍ତ ରଦ୍ଦ ହୋଇଯିବ।

• ଏପରିକି ଯଦି ସଦସ୍ୟ ପଦ ପୁନଃସ୍ଥାପିତ ହୋଇଥାଏ,ଏହି ରଦ୍ଦ ହୋଇଥିବା ଆଇ-ମିଣ୍ଟ୍ ରିୱାର୍ଡ ପଏଣ୍ଟ୍ସ କାର୍ଡ ଆକାଉଣ୍ଟରେ କ୍ରେଡିଟ କରାଯିବ ନାହିଁ ।

• ସ୍କିମ ସମାପନ ତାରିଖ ଶେଷରେ ଆଇ-ମିଣ୍ଟ୍ ରିୱାର୍ଡ ପଏଣ୍ଟ୍ସ ଯାହା କାର୍ଡଧାରୀ ସଦସ୍ୟଙ୍କ କ୍ରେଡିଟରେ ରହିଥାଏ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସେଗୁଡ଼ିକ ବିମୋଚିତ ହୋଇପାରି ନାହିଁ,ଆପେ ଆପେ ସେହି ପଏଣ୍ଟ୍ସ ରଦ୍ଦ ହୋଇଯିବ।

• ଆଇ-ମିଣ୍ଟ୍ ସ୍କିମର ସର୍ତ୍ତ ଓ ନିୟମାବଳୀ ସହିତ ଉପରେ ବର୍ଣ୍ଣନା ଅନୁଯାୟୀ କାର୍ଡଧାରୀ ସଦସ୍ୟ ଏଲଆରଏଲ୍ର ଆଇ-ମିଣ୍ଟ୍ ରିୱାର୍ଡ ପଏଣ୍ଟ ବିମୋଚନ ପାଇଁ ଉଦ୍ଦିଷ୍ଟ ସର୍ତ୍ତାବଳୀ ଦ୍ୱାରା ପରିଚାଳିତ ହେବ। ଦୟାକରି ଏ ବିଷୟରେ ଅଧିକ ଜାଣିବା ପାଇଁ ଭିଜିଟ୍ କରନ୍ତୁ www.imintpoints.com ।ଯଦି ଏଠାରେ ବର୍ଣ୍ଣିତ ସର୍ତ୍ତାବଳୀ ଓ ଆଇ-ମିଣ୍ଟର ୱେବସାଇଟ୍ର ସର୍ତ୍ତାବଳୀ ମଧ୍ୟରେ କୌଣସି ବିରୋଧାଭାଷ ଦେଖିବାକୁ ମିଳେ ତେବେ ଏଠାରେ ବର୍ଣ୍ଣିତ ସର୍ତ୍ତାବଳୀ କାଏମ ରହିବ। ଯଦି କୌଣସି ବିବାଦ ସୃଷ୍ଟି ହୁଏ ତେବେ ଏହି ବିବାଦ ସିଧାସଳଖ ଭାବରେ କାର୍ଡଧାରୀ ସଦସ୍ୟ ଏବଂ ଏଲଏସଆରଏଲଙ୍କ ମଧ୍ୟରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହେବ। ଏଥିରେ ଆଇସିଆଇସିଆଇ ବ୍ୟାଙ୍କର କୌଣସି ପ୍ରକାରେ କିଛି ଭୂମିକା ରହିବ ନାହିଁ ଏବଂ ଆଇ-ମିଣ୍ଟ୍ ସ୍କିମ୍ ଅଧିନରେ କାର୍ଡଧାରୀ ମେମ୍ବର ଏବଂ ଏଲଏସଆରଏଲ୍ଙ୍କ ମଧ୍ୟରେ ଯଦି ଏପରି କୌଣସି ବିବାଦ ସୃଷ୍ଟି ହୁଏ ସେଥିପାଇଁ ଆଇସିଆଇସିଆଇ ବ୍ୟାଙ୍କ ଉତ୍ତରଦାୟୀ ରହିବ ନାହିଁ।

**ନିମ୍ନଲିଖିତ ସର୍ତ୍ତ ଓ ନିୟମାବଳୀ ଉଭୟେ ଏକ୍ସପ୍ରେସ୍ ସ୍କିମ୍ ଏବଂ ଆଇ-ମିଣ୍ଟ୍ ସ୍କିମ୍ ପାଇଁ ପ୍ରଯୁଜ୍ୟ (ତେଣୁ ଏଗୁଡ଼ିକ ଏକତ୍ର ''ସ୍କିମ୍ସ'' ବା ଏକକ ଭାବରେ ''ରେସ୍ପେକ୍ଟିଭ୍ ସ୍କିମ୍'' ବା ''ନିର୍ଦ୍ଦିଷ୍ଟ ସ୍କିମ୍'' ଭାବରେ ବିଦିତ ହେବ):**

• ଯେଉଁ କାର୍ଡଧାରୀ ସଦସ୍ୟଙ୍କର ଆକାଉଣ୍ଟ ଡେଲିନକ୍ୟୁଏଣ୍ଟ ଆକାଉଣ୍ଟ ବା ଦେବାଳିଆ ଆକାଉଣ୍ଟ ଭାବରେ ଘୋଷିତ କରାଯାଇଥିବ ଏହି ଘୋଷଣା ହୋଇଥିବା ତାରିଖଠାରୁ କୌଣସି ସ୍କିମ୍ କାର୍ଡଧାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ।

• ଆଇସିଆଇସିଆଇ ବ୍ୟାଙ୍କ ମଧ୍ୟରେ ନିଜସ୍ୱ ଅଧିକାରରେ କାର୍ଡଧାରୀ ସଦସ୍ୟଙ୍କୁ/ମାନଙ୍କୁ ଅତିରିକ୍ତ ଆୱାର୍ଡ ପଏଣ୍ଟ୍ସ ପ୍ରଦାନ କରିପାରିବେ।

• ଆଇସିଆଇଆଇ ବ୍ୟାଙ୍କ ଦ୍ୱାରା କ୍ରେଡିଟ କାର୍ଡ ପୁରସ୍କାର ପଏଣ୍ଟ୍ସର ଗଣନା କାର୍ଡଧାରୀ ସଦସ୍ୟଙ୍କ ପାଇଁ ଚୂଡ଼ାନ୍ତ ନିଶ୍ଚୟାତ୍ମକ ଏବଂ ବାଧ୍ୟକାରୀ ଅଟେ ଏବଂ ଏ ସମ୍ବନ୍ଧରେ କୌଣସି ବିବାଦ କିମ୍ବା ପ୍ରଶ୍ନ ଉଠାଯାଇ ପାରିବ ନାହିଁ।

• କୌଣସି ଶୁଳ୍କ କିମ୍ବା ଅନ୍ୟାନ୍ୟ ଆର୍ଥିକ ଦାୟିତ୍ୱ କିମ୍ବା ଚାର୍ଜେସ ଯାହା ସରକାରଙ୍କୁ (କେନ୍ଦ୍ର, ରାଜ୍ୟ କିମ୍ବା ସ୍ଥାନୀୟ)କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷ କିମ୍ବା ସଂସ୍ଥାକିମ୍ବା କୌଣସି ଅଂଶଗ୍ରହଣକାରୀ ସଂସ୍ଥାକୁ ପୈଠ କରାଯିବାକୁ ଥାଏ, ତାହା ରିଡେମ୍ପଶନ୍ ଯୋଗୁଁ ଏକମାତ୍ର କାର୍ଡଧାରୀ ସଦସ୍ୟଙ୍କ ନିଜସ୍ୱ କାର୍ଡ ଆକାଉଣ୍ଟରୁ କଟାଯାଇଥାଏ।

• ଏଠାରେ ପ୍ରଦତ୍ତ କୌଣସି ବିଷୟ ପ୍ରତି ଆଇସିଆଇସିଆଇ ବ୍ୟାଙ୍କ କିମ୍ବା ଅଂଶୀଦାର ବାଣିଜ୍ୟ ସଂସ୍ଥାଙ୍କର କର୍ତ୍ତବ୍ୟ ଅଛି ବୋଲି ବିବେଚନା କରିବା ଅନୁଚିତ ଏପରିକି ସ୍କିମ ସମାପନ ତାରିଖ ପରେ ସେହି ପ୍ରକାରର ଅନ୍ୟ ଏକ ସ୍କିମ ନୂତନ ସ୍କିମ ପ୍ରଚଳନ କରାଯିବା ପାଇଁ ଆଇସିଆଇସିଆଇ ଏବଂ ଅନ୍ୟ ବାଣିଜ୍ୟ ସଂସ୍ଥା ବାଧ୍ୟକାରୀ ନୁହନ୍ତି।

• ଏହି ସ୍କିମରେ ଯୋଗଦାନ ଇଚ୍ଛାକୃତ ଅଟେ, କାର୍ଡଧାରୀ ସଦସ୍ୟଙ୍କ ସାଧାରଣ ଭାବରେ କାର୍ଡର ବ୍ୟବହାର ଯୋଗୁଁ ସମସ୍ତ ଉତ୍ପନ୍ନ ଚାର୍ଜେସ ମଧ୍ୟ ଇଚ୍ଛାକୃତ ଅଟେ।

କୌଣସି କାର୍ଯ୍ୟାନୁଷ୍ଠାନ, କ୍ଲେମ୍ସ, ଦାବି, ଦାୟିତ୍ୱ, କ୍ଷତି, ଚାର୍ଜେସ୍ କିମ୍ବା ଖର୍ଚ୍ଚ ଯାହା କାର୍ଡଧାରୀ ସଦସ୍ୟଙ୍କ କାର୍ଡର ସାଧାରଣ ବ୍ୟବହାର ମାଧ୍ୟମରେ ଉତ୍ପନ୍ନ ହୋଇଥାଏ, ସେଥିପାଇଁ ଆଇସିଆଇସିଆଇ ବ୍ୟାଙ୍କ ଦାୟୀ ରହିବେ ନାହିଁ।

• ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସ୍କିମ୍ କ୍ଷେତ୍ରରେ ଅର୍ଜିତ ସମସ୍ତ ରିୱାର୍ଡ ପଏଣ୍ଟକୁ ରଦ୍ଦ କରିପାରିବାର ଅଧିକାର ସଂରକ୍ଷିତ ରଖିଛନ୍ତି କିମ୍ବା ଯଦି ଆଇସିଆଇସିଆଇ ବ୍ୟାଙ୍କ କାର୍ଡ ଆକାଉଣ୍ଟକୁ ରଦ୍ଦ କରିଦିଅନ୍ତି/ଖାରଜ କରିଦିଅନ୍ତି କିମ୍ବା ନିର୍ଦ୍ଦିଷ୍ଟ ସ୍କିମ୍କୁ ସମାପ୍ତ କରିଦିଅନ୍ତି/ରଦ୍ଦ କରିଦିଅନ୍ତି ସେ କ୍ଷେତ୍ରରେ ମଧ୍ୟ ଆଇସିଆଇସିଆଇ ବ୍ୟାଙ୍କ ସମସ୍ତ ରିୱାର୍ଡ ପଏଣ୍ଟକୁ ରଦ୍ଦ କରିପାରିବେ।

• ଆଇସିଆଇସିଆଇ ବ୍ୟାଙ୍କ ସ୍ପଷ୍ଟ ଭାବରେ ତାଙ୍କର ଅଧିକାର ସାବ୍ୟସ୍ତ କରିଛନ୍ତି ଯେ, ଯେ କୌଣସି ସମୟରେ ପୂର୍ବରୁ କୌଣସି ନୋଟିସ ନ ଦେଇ ଯେ କୌଣସି ସଂଯୋଜନ ଏବଂ କିମ୍ବା ପରିବର୍ତ୍ତନ, ବଦଳାଇବା, ସମସ୍ତ ପରିବର୍ତ୍ତନ କିମ୍ବା ଆଂଶିକ ଭାବରେ ପରିବର୍ତ୍ତନ କିମ୍ବା ସମ୍ପୂର୍ଣ୍ଣ ଭାବରେ ସ୍କିମ୍ର ଅପସାରଣ ଆଇସିଆଇସିଆଇ

ବ୍ୟାଙ୍କ କାର୍ଯ୍ୟକାରୀ କରି ପାରିବେ।

## (XXV) ପ୍ରକଟିକରଣ (ପରିପ୍ରକାଶ)

କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କ, ଏହାର ଗ୍ରୁପ କମ୍ପାନିଙ୍କ ସହିତ ଚୁକ୍ତିବଦ୍ଧ ହେବା ସହିତ ପ୍ରାଧିକରଣ ପ୍ରଦାନ କରିଥାଆନ୍ତି, ଯାହାଦ୍ୱାରା ସେମାନେ କାର୍ଡଧାରୀ ସଦସ୍ୟଙ୍କର ଆବେଦନପତ୍ର ସଂପର୍କିତ ସମସ୍ତ ସୂଚନା, ତଥ୍ୟ ଏବଂ ବିବରଣୀ (ପୁରୁଷ/ସ୍ତ୍ରୀ) ଆଇସିଆଇସିଆଇ ଗ୍ରୁପ କମ୍ପାନିମାନ/ବ୍ୟାଙ୍କସ/ବିତ୍ତିୟ ସଂସ୍ଥା/କ୍ରେଡିଟ ବ୍ୟୁରୋଜ/ଆଜେନ୍ସିଜ/ନିୟନ୍ତ୍ରକ କର୍ତ୍ତୃପକ୍ଷ/ଷ୍ଟାଚ୍ୟୁଟୋରୀ ସଂସ୍ଥା/ଟ୍ୟାକ୍ସ କର୍ତ୍ତୃପକ୍ଷ/କେନ୍ଦ୍ରୀୟ ତଥ୍ୟ ବ୍ୟୁରୋଜ କିମ୍ବା ସେ ପ୍ରକାର ଅନ୍ୟ ବ୍ୟକ୍ତିଗଣ ଯାହାଙ୍କ ବିଷୟରେ ଆଇସିଆଇସିଆଇ ବ୍ୟାଙ୍କ ଏବଂ ଗ୍ରୁପ କମ୍ପାନିଜ ଉଚିତ ବିବେଚନା କରିବେ, ସେ ସମସ୍ତଙ୍କୁ ବ୍ୟବହାର ନିମନ୍ତେ କିମ୍ବା ପରିବେଶିତ ତଥ୍ୟ/ସୂଚନାର ପ୍ରକ୍ରିୟାକରଣ ନିମନ୍ତେ ପ୍ରଦାନ କରିପାରିବେ।  ଏଥିପାଇଁ ଏହି ତଥ୍ୟ ପ୍ରଦାନ କରିଥିବା ବ୍ୟକ୍ତି କିମ୍ବା ଏହି ସୂଚନାର ସଂକଲିତ୍ରିକରଣ/ତଥ୍ୟ/ଅନ୍ୟ ବ୍ୟାଙ୍କର ବିଷୟବସ୍ତୁ/ଆର୍ଥିକ ଅନୁଷ୍ଠାନ/କ୍ରେଡିଟ୍ କାର୍ଡ ପ୍ରଦାନକାରୀ/ ଏହି ବ୍ୟକ୍ତିଙ୍କ ସହିତ ପଞ୍ଜିକୃତ ବ୍ୟବହାରକାରୀ ଏବଂ ଅନ୍ୟମାନେ ଆଇସିଆଇସିଆଇ ବ୍ୟାଙ୍କ/ଏହାର ଗୋଷ୍ଠୀଭୁକ୍ତ କମ୍ପାନିଗୁଡ଼ିକୁ ଏହି ତଥ୍ୟର ବ୍ୟବହାର ନିମନ୍ତେ ଉତ୍ତରଦାୟୀ କରିପାରିବେ ନାହିଁ। ଯଦି କାର୍ଡଧାରୀ ସଦସ୍ୟ କୌଣସି ବିତ୍ତିୟ ସହାୟତା/ସୁବିଧା/ବିତ୍ତିୟ କ୍ରେଡିଟ ସୁବିଧା କିମ୍ବା ସୁଧ/ଚାର୍ଜେସ ଜନିତ ଦେୟର ମୂଳ ପରିମାଣ ପୈଠକିମ୍ବା ପରିଶୋଧରେ କୌଣସି ତ୍ରୁଟି ବା ଅବହେଳା କରନ୍ତି ଆଇସିଆଇସିଆଇ ବ୍ୟାଙ୍କ ଏବଂ/କିମ୍ବା ଆଇସିଆଇସିଆଇ ବ୍ୟାଙ୍କର ଯୋଗ୍ୟତା ନଥାଇ ମଧ ସମସ୍ତ ତ୍ରୁଟି ସମ୍ବନ୍ଧୀୟ ବିଶଦ ତଥ୍ୟର ପ୍ରକାଶ ତଥ୍ୟ କାର୍ଡଧାରୀ ସଦସ୍ୟଙ୍କ ନାମ କିମ୍ବା ତାଙ୍କର ଡାଇରେକ୍ଟରସ/ପାର୍ଟନରସ/ସହାୟକ କାର୍ଡଧାରୀ ସଦସ୍ୟଙ୍କ ତ୍ରୁଟି/ଅବହେଳାର ମାଧମ ତଥା ଉପାୟ ସମ୍ବନ୍ଧରେ ପ୍ରକାଶ କରିବେ, ଯାହା ଆଇସିଆଇସିଆଇ ବ୍ୟାଙ୍କ କିମ୍ବା ଆରବିଆଇ ତାଙ୍କର ସମ୍ପୂର୍ଣ୍ଣ ବିଚାରଶୀଳ ଭାବରେ ବିବେଚନା କରିବେ ଏବଂ ଅଧିକାର ସାବ୍ୟସ୍ତ କରିବେ। ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ ଇନଫର୍ମେସନ କମ୍ପାନିର ରେଗୁଲେସନ ଆଇନ, 2005 ଅନୁସାରେ କାର୍ଡଧାରୀ ସଦସ୍ୟଙ୍କ କ୍ରେଡିଟ ଇତିହାସ/ପରିଶୋଧ ତଥ୍ୟ/ବକେୟା ଦେୟ ପୈଠ ନ କରି ପାରିଥିବା ଦିନ ସଂଖ୍ୟାର ତଥା କ୍ରେଡିଟ ଇନଫର୍ମେସନ ବ୍ୟୁରୋଙ୍କୁ (ନିର୍ଦ୍ଦିଷ୍ଟ ଭାବରେ ଆରବିଆଇଙ୍କ ଦ୍ୱାରା ପ୍ରାଧିକୃତ) ବିବରଣୀ ମାଧ୍ୟମରେ ପ୍ରକାଶ କରି ଦେବେ।

ଏକ କ୍ରେଡିଟ କାର୍ଡ ପାଇଁ ଗ୍ରହଣ କରାଯାଉଥିବା ଆବେଦନ ପତ୍ର କ୍ରେଡିଟଧାରୀ ସଦସ୍ୟଙ୍କ କ୍ରେଡିଟ ବିଶ୍ୱସନୀୟତାର କୌଣସି ପ୍ରତିକୂଳ ରିପୋର୍ଟସ (ସୂଚନା) ନଥିବା ଉପରେ ଆଧାରିତ ହୋଇଥାଏ। ଆଇସିଆଇସିଆଇ ବ୍ୟାଙ୍କ କାର୍ଡ ମାଧମରେ କିମ୍ବା ଅନ୍ୟ ଉପାୟରେ କାର୍ଡ ଆକାଉଣ୍ଟରେ କୌଣସି ତ୍ରୁଟି ବା ଅବହେଳା କାରଣରୁ ଅନ୍ୟାନ୍ୟ ବ୍ୟାଙ୍କସ/ବିତ୍ତିୟ ସଂସ୍ଥାକୁ ଜଣାଇ କାର୍ଡଧାରୀ ସଦସ୍ୟଙ୍କ କ୍ରେଡିଟ ସୁବିଧା (ଅପସାରଣ) କରି ପାରିବେ। ପ୍ରତିକୂଳ ସୂଚନା ଥାଇ କୌଣସି ରିପୋର୍ଟ ମିଳିଲେ (କାର୍ଡଧାରୀ) ସଦସ୍ୟଙ୍କ କ୍ରେଡିଟ ବିଶ୍ୱସନୀୟତା କିମ୍ବା ତାଙ୍କର (ପୁରୁଷ/ସ୍ତ୍ରୀ) ପରିବାର ସଦସ୍ୟଙ୍କ ସମ୍ବନ୍ଧରେ ଆଇସିଆଇସିଆଇ ବ୍ୟାଙ୍କ ଲିଖିତ ଆକାରରେ 15 ଦିନ ପୂର୍ବରୁ ନୋଟିସ ଦେଇ କ୍ରେଡିଟ କାର୍ଡ ରଦ୍ଦ କରିପାରିବେ, ଯାହା ଦ୍ୱାରା କାର୍ଡ ଆକାଉଣ୍ଟରେ ଉପୁଜିଥିବା ସମଗ୍ର ବକେୟା ଅର୍ଥ ପରିମାଣ ଏବଂ ତତ୍‌ସହିତ କାର୍ଡ ବ୍ୟବହାର ଜନିତ କୌଣସି ପରବର୍ତ୍ତୀ ଚାର୍ଜେସ ଯାହା କାର୍ଡ ଆକାଉଣ୍ଟରେ ସମ୍ଭବତଃ ବିଲ କରାଯାଇ ନାହିଁ ସେ ସମସ୍ତ ପରିମାଣ କାର୍ଡଧାରୀ ସଦସ୍ୟ ତୁରନ୍ତ ପୈଠ କରିବାକୁ ବାଧ । ବ୍ୟାଙ୍କର ନାମ କିମ୍ବା ବିତ୍ତିୟ ସ୍ୱତ୍ତ୍ୱ ଯାହାଙ୍କଠାରୁ ତଥ୍ୟ ମିଳିଥାଏ ଏବଂ ଯାହାଙ୍କୁ ତଥ୍ୟ ପ୍ରକାଶ କରି ଜଣାଇ ଦିଆଯାଇଥାଏ ସେ ସମ୍ବନ୍ଧରେ ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କୁ ପ୍ରକାଶ କରିବା ପାଇଁ ବାଧ ନୁହନ୍ତି କିମ୍ବା ଏହା ତାଙ୍କର କର୍ତ୍ତବ୍ୟ ନୁହେଁ।

## (xxvi) ଋଣ ଆବଣ୍ଟନ

ସମସ୍ତ ପ୍ରକାର ଋଣ ଆଇସିଆଇସିଆଇ ବ୍ୟାଙ୍କ ଆଂଶିକ ହସ୍ତାନ୍ତରଣ, ନିର୍ଦ୍ଧାରଣ ଏବଂ ବିକ୍ରୟ ନିଜ ପସନ୍ଦରେ କ୍ରେଡିଟ କାର୍ଡ ବକେୟା ଅର୍ଥ ଏବଂ ଦେୟ ଅର୍ଥ ଯାହା ତୃତୀୟ ପକ୍ଷଙ୍କୁ ଦେବା ପାଇଁ ସ୍ଥିର କରାଯାଇଥାଏ, ଏ ସମସ୍ତ ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କୁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ନ ଦେଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଆଇସିଆଇସିଆଇ ବ୍ୟାଙ୍କର ଅଧିକାର ଅଟେ। ଏପରିକି ସେ ପ୍ରକାରର ବିକ୍ରୟ ନିର୍ଦ୍ଧାରଣ କିମ୍ବା ହସ୍ତାନ୍ତରଣ ସମ୍ବନ୍ଧରେ ଆଇସିଆଇସିଆଇ ବ୍ୟାଙ୍କର ସମ୍ପୂର୍ଣ୍ଣ କ୍ଷମତା ବଳରେ କାର୍ଡଧାରୀ ସଦସ୍ୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ସେଥିପାଇଁ କାର୍ଡଧାରୀ ସଦସ୍ୟ ଏ ପ୍ରକାର କାର୍ଯ୍ୟକଳାପ ଗ୍ରହଣ, ବିକ୍ରି, ସ୍ଥାନାନ୍ତରଣ, ବକେୟା ବା ଦେୟର ପରିଶୋଧନ ପ୍ରକ୍ରିୟା ପାଇଁ ଉଦ୍ଦିଷ୍ଟ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ଉତ୍ତରଦାୟୀ ରହିବେ।

## (xxvii) ବହୁବିଧ

ଆଇସିଆଇସିଆଇ ବ୍ୟାଙ୍କସର କ୍ରେଡିଟ ନିୟମ ଅନୁସାରେ ଯେଉଁ କାର୍ଡଧାରୀ ସଦସ୍ୟ ତାଙ୍କର କାର୍ଡ୍‌ସ ସଙ୍କୋଚ ଭାବରେ ପରିଚାଳିତ କରି ଆସୁଛନ୍ତି, ସେମାନଙ୍କୁ କେତେକ ସୁବିଧା ସଦସ୍ୟପଦ ଏବଂ ସେବା ପାଇଁ ଆଇସିଆଇସିଆଇଙ୍କ ବିବେଚନାରେ ଯଥୋଚିତ ଫିସ ଏବଂ ଚୁକ୍ତି ତଥା ସର୍ତ୍ତମାନ କାର୍ଡଧାରୀ ସଦସ୍ୟଙ୍କ ପାଇଁ ଲାଗୁ କରିଥାଆନ୍ତି। ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କ ପ୍ରତି କୌଣସି କ୍ଷତି ନକରାଇ ଯେ କୌଣସି ସମୟରେ ପୂର୍ବରୁ କୌଣସି ନୋଟିସ ନ ଦେଇ କାର୍ଡଧାରୀ ସଦସ୍ୟଙ୍କ ଫିସ ଛାଡ କରିଦେଇ ପାରନ୍ତି କିମ୍ବା ହ୍ରାସ କରି ଦେଇପାରନ୍ତି କିମ୍ବା ସେ ସମସ୍ତ ସୁବିଧାକୁ ମଧ ପ୍ରତ୍ୟାହାର କରି ନେଇପାରନ୍ତି। ଉପରୋକ୍ତ ଚୁକ୍ତି ଓ ସର୍ତ୍ତମାନଙ୍କର ଉଲ୍ଲଙ୍ଘନ କାରଣରୁ ସଦସ୍ୟପଦର ସାମାପନ ସହିତ ସ୍ୱତଃସ୍ଫୁର୍ତ୍ତ ଭାବରେ ସମ୍ବନ୍ଧିତ ସୁବିଧା ଓ ସେବା ମଧ ସମାପ୍ତ କରିଦିଆଯିବ। ଆଇସିଆଇସିଆଇ ବ୍ୟାଙ୍କ କିମ୍ବା କୌଣସି ବାଣିଜ୍ୟ ସଂସ୍ଥା କିମ୍ବା ତୃତୀୟ ପକ୍ଷଙ୍କ ଦ୍ୱାରା କୌଣସି କାରଣରୁ ତ୍ରୁଟି କିମ୍ବା ଉପଲବ୍ଧ ସୁବିଧାମାନଙ୍କର ପରିଚାଳନାରେ କୌଣସି ଉଲ୍ଲଙ୍ଘନ ସଦସ୍ୟ ପଦ କିମ୍ବା ସେବାରେ ଅବହେଳା କିମ୍ବା ସେସବୁର ସୁଫଳ ନ ମିଳିଲେ ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀ ସଦସ୍ୟଙ୍କ ପ୍ରତି ଦାୟୀ ରହିବେ ନାହିଁ। କାର୍ଡଧାରୀ ସଦସ୍ୟଙ୍କଦ୍ୱାରା ପ୍ରଦତ୍ତ ସୂଚନା, ସର୍ଭେ କରାଯାଉଥିବା ସମୟରେ ବାହ୍ୟ ଉତ୍ସରୁ ମିଳିଥିବା ସୂଚନା, ଉପଭୋକ୍ତା ରିପୋର୍ଟସ, ଆଇସିଆଇସିଆଇ ବ୍ୟାଙ୍କ/ଆଫିଲିଟେଲଦ୍ୱାରା ବଜାର ପରିଚାଳନା କାର୍ଯ୍ୟ ସମ୍ବନ୍ଧୀୟ ତଥ୍ୟଗୁଡ଼ିକ ବ୍ୟବହାର କରିବା ପାଇଁ ଆଇସିଆଇସିଆଇ ବ୍ୟାଙ୍କର ଅଧିକାର ରହିଛି। ଆଇସିଆଇସିଆଇ ବ୍ୟାଙ୍କ ଏହି ସୂଚନାଗୁଡ଼ିକ ବ୍ୟବହାର କରି ଡାକ ଠିକଣା ଥାଇ ଏକ ତାଲିକା ପ୍ରସ୍ତୁତ କରିପାରିବେ ଯାହା କମ୍ପାନିମାନଙ୍କ ଦ୍ୱାରା ବ୍ୟବହାର କରାଯାଇ ପାରିବ ଯାହାଙ୍କ ସହିତ ଆଇସିଆଇସିଆଇ ବ୍ୟାଙ୍କ ସମ୍ମିଳିତ ଭାବରେ କାର୍ଡମେମ୍ବରଙ୍କ ସହିତ ମାର୍କେଟିଙ୍ଗ ଅଫିସର ବିକାଶ କରିପାରିବେ। ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା କାର୍ଡଧାରୀ ସଦସ୍ୟଙ୍କୁ ପ୍ରଦାନ କରାଯାଉଥିବା ନିୟମ, ବୈଶିଷ୍ଟ୍ୟତା, ଏବଂ ଉପାଦେୟତା ଗୁଡ଼ିକର ଅନୁଶୀଳନ  (ପୁନଃଅନୁଧ୍ୟାନ) କରାଯାଇଥାଏ। ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ବିଚାର ଅନୁଯାୟୀ ସମୟ ସମୟେରେ ବିଜ୍ଞପ୍ତି ଜରିଆରେ ସେହି ପୁନଃ ଅନୁଧ୍ୟାନ/ପରିବର୍ତ୍ତନ ସମ୍ବନ୍ଧରେ ଜଣାଇ ଦେଇଥାଆନ୍ତି। କାର୍ଡଧାରୀ ସଦସ୍ୟ ଏ ପ୍ରକାର ପରିବର୍ତ୍ତନ/ପୁନଃ ଅନୁଧ୍ୟାନ ପାଇଁ ବାଧ । କେବଳ ପୁନଃ ଅନୁଧ୍ୟାନ/ପରିବର୍ତ୍ତନ ତାରିଖ ପୂର୍ବରୁ ଯଦି ସେ ତାଙ୍କର କାର୍ଡ ଆଇସିଆଇସିଆଇ ବ୍ୟାଙ୍କକୁ ରଦ୍ଦ କରିବା ପାଇଁ ପୈଠଦେଇଥାଆନ୍ତି। ତେବେ ସେହି କାରଣରୁ ବାଧକାରୀ ହେବେ ନାହିଁ।

କାର୍ଡଧାରୀ ସଦସ୍ୟଙ୍କ କାର୍ଡ ଆକାଉଣ୍ଟରେ ବର୍ଣ୍ଣିତ ସମସ୍ତ କାରବାର ଜନିତ ବିଶଦ ବିବରଣୀ କ୍ରେଡିଟ ରେଫରେନ୍ସ ଏଜେନ୍ସିଜ, କରଜଦାତା ଏବଂ/କିମ୍ବା ଅନ୍ୟ ଏଜେନ୍ସିଙ୍କ ସହିତ ଅଂଶୀଦାରୀ କରା ଯାଇପାରେ ଏହା ଦ୍ୱାରା କ୍ରେଡିଟଧାରୀ ସଦସ୍ୟ ଏବଂ/କିମ୍ବା ତାଙ୍କ ପରିବାର ସଦସ୍ୟ କ୍ରେଡିଟ ନିମିତ୍ତ ପରବର୍ତ୍ତୀ ଆବେଦନ ପତ୍ରମାନ ଯାଞ୍ଚ କରାଯିବା ସହିତ କୌଣସି ପ୍ରକାର ଠକାମିର ମଧ୍ୟ ନିୟନ୍ତ୍ରଣ (ପ୍ରତିକା) କରାଯାଇଥାଏ। ସାଧାରଣ ଅଧିକାର ଅନ୍ତର୍ଗତ କ୍ଷତିପୂରଣ ପ୍ରଦାନ ସହିତ କିମ୍ବା ଆଇନ ଦ୍ୱାରା ପ୍ରଦତ୍ତ ଅନ୍ୟାନ୍ୟ ଅଧିକାର କିମ୍ବା ଅନ୍ୟ ରାଜିନାମା ଅନ୍ତର୍ଗତ ଆଇସିଆଇସିଆଇ ବ୍ୟାଙ୍କ ବିନା ନୋଟିସରେ କାର୍ଡ ଆକାଉଣ୍ଟ ଉପରେ ସୂଚିତ ବକେୟା ଦେୟ ଅର୍ଥ ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏହାଙ୍କ ଗ୍ରୁପ କମ୍ପାନିଙ୍କ ଦ୍ୱାରା ପରିଚାଳିତ ଅନ୍ୟ କୌଣସି ଆକାଉଣ୍ଟର ସଂଯୋଜିତ କିମ୍ବା ସମ୍ମିଳିତ କରାଇ ପାରିବେ। ସେହି ଆକାଉଣ୍ଟ୍ସ ମାନଙ୍କରେ ଥିବା କ୍ରେଡିଟ ବାବଦରେ ସୂଚିତ ପରିମାଣ ଆଇସିଆଇସିଆଇ ବ୍ୟାଙ୍କ ଅଧିନସ୍ଥ କାର୍ଡ ଆକାଉଣ୍ଟକୁ ହସ୍ତାନ୍ତରିତ କରାଯାଇ ପାରିବ ଯାହା ଦ୍ୱାରା କାର୍ଡଧାରୀ ସଦସ୍ୟଙ୍କ ଆର୍ଥିକ ଦାୟିତ୍ୱ ହ୍ରାସ କରାଯାଇ ପାରିବ। କାର୍ଡଧାରୀ ସୂଚିତ କରାଯାଇଛି, ଆଇସିଆଇସିଆଇ ବ୍ୟାଙ୍କକୁ ସେହି ସମୟରେ ବିଜ୍ଞପ୍ତି ଦ୍ୱାରା ଜଣାଇ ପାରିବେ। ଆଇସିଆଇସିଆଇ ବ୍ୟାଙ୍କ ତାହାର ରେକର୍ଡ୍ସରେ କାର୍ଡଧାରୀ ସଦସ୍ୟଙ୍କ ଠିକଣାର ପରିବର୍ତ୍ତନ କରିବା ଅଧିକାର ରହିଛି, ଯଦି ସେ ପ୍ରକାର ଠିକଣାର ପରିବର୍ତ୍ତନ ଆଇସିଆଇସିଆଇ ବ୍ୟାଙ୍କ ନଜରକୁ ଆସିଥାଏ। କାର୍ଡଧାରୀ ସଦସ୍ୟଙ୍କ ଏହା ସମ୍ପୂର୍ଣ୍ଣ ଦାୟିତ୍ୱ ଯେ ସୂଚନା ଏବଂ ସମ୍ପର୍କ ପାଇଁ ଆଇସିଆଇସିଆଇ ବ୍ୟାଙ୍କକୁ ଠିକ୍ ସମୟରେ ସଠିକ୍ ଠିକଣା ଜଣାଇ ଦେବେ, ଭୁଲ୍ ଠିକଣା ଯୋଗୁଁ କାର୍ଡଧାରୀ ସଦସ୍ୟଙ୍କର କୌଣସି କ୍ଷତି ବା ସମସ୍ୟା ସୃଷ୍ଟି ହେଲେ ସେଥିପାଇଁ ଆଇସିଆଇସିଆଇ ବ୍ୟାଙ୍କ ଦାୟୀ ରହିବେ ନାହିଁ।

ଆଇସିଆଇସିଆଇ ବ୍ୟାଙ୍କ କିମ୍ବା ତାଙ୍କର ସହଯୋଗୀ ସଂସ୍ଥାମାନଙ୍କ ଦ୍ୱାରା ସମୟ ସମୟରେ ପ୍ରଦାନ କରାଯାଉଥିବା ସୁବିଧା/ସେବା ପାଇଁ କାର୍ଡଧାରୀ ସଦସ୍ୟ ସମସ୍ତ ସର୍ତ୍ତ ଓ ନିୟମାବଳୀ ମାନିନେବେ। ସେ ସମସ୍ତ ସୁବିଧାଦ୍ୱାରା/ମଧ୍ୟରେ କାର୍ଯ୍ୟକାରୀ କରାଯାଉଥିବା ସମସ୍ତ କାରବାର ଯଥା ରିମୋଟ କାରବାର, ଇଣ୍ଟରନେଟ, ବିଶ୍ୱବ୍ୟାପୀ ୱେବ୍, ବୈଦ୍ୟୁତିକ ମାଧ୍ୟମରେ ତଥ୍ୟ ଆଦାନ ପ୍ରଦାନ , କଲ ସେଣ୍ଟର୍ସ, ଏବଂ ଟେଲି  ସର୍ଭିସ ପରିଚାଳନା (ସ୍ୱର, ଚିତ୍ର,ତଥ୍ୟ କିମ୍ବା ସମ୍ମିଶ୍ରଣ) କିମ୍ବା ଇଲେକ୍ଟ୍ରୋନିକ୍ସ, କମ୍ପ୍ୟୁଟର ଅଟୋମେଟେଡ ମେସିନ ନେଟୱାର୍କ କିମ୍ବା ଟେଲିକମ୍ୟୁନିକେସନ୍ସ ର ଅନ୍ୟାନ୍ୟ ବ୍ୟବସ୍ଥାରେ ମଧ୍ୟ ଦେଇ କାର୍ଯ୍ୟକାରୀ କରାଯାଇଥାଏ। ଆଇସିଆଇସିଆଇ ବ୍ୟାଙ୍କ କିମ୍ବା ଏହାର ଆଫିଲିଏଟ୍ସ ସଂସ୍ଥା ଉପରୋକ୍ତ ସୁବିଧାମାନ/ସେବା ପ୍ରଦାନ ପାଇଁ ସ୍ଥାପିତ କରାଯାଇଛି।   ଯଦି ସମସ୍ତ ସର୍ତ୍ତ ଓ ଚୁକ୍ତି ଅନୁସାରେ ବୈଧ କାରବାର କରାଯାଉଥାଏ, ଯାହା ଆଇସିଆଇସିଆଇ ବ୍ୟାଙ୍କ କିମ୍ବା ସହଯୋଗୀଙ୍କ ଦ୍ୱାରା ଅନୁମୋଦିତ କରାଯାଇଛି, ସେ କ୍ଷେତ୍ରରେ  ଏ ପ୍ରକାର ସୁବିଧା ଏବଂ ସେବା ପାଇଁ କାର୍ଡଧାରୀ ସଦସ୍ୟଙ୍କ ପ୍ରତି ଆଇନସଙ୍ଗତ ବାଧ୍ୟକାରିତା ଲାଗୁ କରାଯାଇଥାଏ ସେହି ସୁବିଧାଗୁଡିକ  ମଧ୍ୟ ସମୟ ସମୟରେ କାର୍ଡଧାରୀ ସଦସ୍ୟଙ୍କ ପାଇଁ ନିର୍ଦ୍ଧାରିତ କରାଯାଇପାରେ।

## (xxviii) କ୍ଷତି ପୂରଣ

(i) କାର୍ଡଧାରୀ ସଦସ୍ୟଙ୍କ କ୍ଷତି ପୂରଣ ଏବଂ ପୁନଃ ଗ୍ରହଣାଧିକାର ଅନ୍ୟ କୌଣସି ଗ୍ରୁପକମ୍ପାନି ଅନ୍ୟ କୌଣସି କିମ୍ବା ପୁନଃ ଗ୍ରହଣାଧିକାର କିମ୍ବା ଚାର୍ଜ ବର୍ତ୍ତମାନ କିମ୍ବା ଭବିଷ୍ୟତରେ ଫିକ୍ସଡ ଡିପୋଜିଟ (ଜମା) ପାଇଁ ବାଲାନ୍ସ ପରିମାଣ ସହିତ ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା ଅନ୍ୟ କୌଣସି ଆକାଉଣ୍ଟ ଯାହା ଏକକ କିମ୍ବା ଯୁଗ୍ମ ନାମରେ କରାଯାଇଥିବ। କୌଣସି ସମ୍ବଳ ସିକ୍ୟୁରିଟୀଜ, ବଣ୍ଡ୍ଜ ଏବଂ ଅନ୍ୟ ସମସ୍ତ ସମ୍ପତ୍ତି, ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା କରାଯାଉଥିବା ଡକ୍ୟୁମେଣ୍ଟ୍ସ ଏବଂ ସମ୍ପତ୍ତି (ସିକ୍ୟୁରିଟୀଜ ଆକାରରେ) କୌଣସି ପ୍ରକାର ଚୁକ୍ତି ସଂପାଦିତ ହୋଇଛି/କିମ୍ବା କରାଯିବାକୁ ଅଛି) କାର୍ଡଧାରୀ ସଦସ୍ୟଙ୍କୁ ସନ୍ତୁଷ୍ଟ କରିବା ସହିତ ତାଙ୍କର କାର୍ଡ ଆକାଉଣ୍ଟ ଜନିତ ସମସ୍ତ ଆର୍ଥିକ ଦାୟିତ୍ୱ ଉପରୋକ୍ତ ଏ ସମସ୍ତ ବିଷୟରେ ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏହାର ଗ୍ରୁପକମ୍ପାନି ସେମାନଙ୍କର ନିଜସ୍ୱ ଅଧିକାର ବଳରେ ସାବ୍ୟସ୍ତ କରିପାରିବେ। ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏହାର ଗ୍ରୁପକମ୍ପାନିଗୁଡ଼ିକ  କାର୍ଡଧାରୀ ସଦସ୍ୟଙ୍କୁ ନୋଟିସ ପ୍ରଦାନକାରୀ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ପରିଶୋଧ ନ କରାଯାଇଥିବା ଋଣ (ଯାହା କାର୍ଡ ମେମ୍ବର ଆଇସିଆଇସିଆଇ ବ୍ୟାଙ୍କ ଏବଂ କମ୍ପାନିଗୁଡ଼ିକୁ ପରିଶୋଧ କରି ନାହାନ୍ତି) ମେମ୍ବର ଆଇସିଆଇସିଆଇ ବ୍ୟାଙ୍କ ଏବଂ କମ୍ପାନିଗୁଡ଼ିକୁ ପରିଶୋଧ ଏପରିକି ସେହି ପ୍ରକାର ଋଣ ପ୍ରକୃତ କିମ୍ବା ଜରୁରୀକାଳିନ ପରିସ୍ଥିତିରେ ନିଆଯାଉ ନା କାହିଁକି, (ପ୍ରାଥମିକ) ପ୍ରାଇମେରୀ କିମ୍ବା କୋଲେଟେରାଲ (ଅତିରିକ୍ତ) ଯୁଗ୍ମ କିମ୍ବା ଅନେକ, ଏହା ଅନ୍ତର୍ଗତ ଅନ୍ୟ ଡକ୍ୟୁମେଣ୍ଟ/ଆଗ୍ରିମେଣ୍ଟ କ୍ଷତି ପୂରଣ ବାବଦରେ ଜମା ପରିମାଣରୁ ଠିକ କରିନେବା କିମ୍ବା ଜମା ରହିଥିବା ବାଲାନ୍ସ ପରିମାଣ ଅନ୍ୟ ଆକାଉଣ୍ଟସକୁ ହସ୍ତାନ୍ତରିତ କରିବା, ଏପରିକି ତା ସତ୍ତ୍ୱେ ସେହି ଆକାଉଣ୍ଟ ମାନଙ୍କରେ ଥିବା ଡିପୋଜିଟ୍ସ ଏବଂ ବାଲାନ୍ସ ସମାନ ମୁଦ୍ରା ବିନିମୟ କରାଯାଇ ମଧ୍ୟ ହୁଏତ ଋଣ ପରିଶୋଧ କରାଯାଇ ନପାରେ, ସେ ସମସ୍ତ ବିଷୟରେ ଆଇସିଆଇସିଆଇ ବ୍ୟାଙ୍କ ଏବଂ ତାଙ୍କର ଗ୍ରୁପକମ୍ପାନି କାର୍ଡଧାରୀ ସଦସ୍ୟଙ୍କଦ୍ୱାରା ପରିଶୋଧକରାଯାଇ ନ ଥିବା ସମସ୍ତ ପ୍ରକାର ଋଣ ପରିଶୋଧ ଜନିତ ସମସ୍ୟାର ସମାଧାନ କରିପାରିବେ।

କାର୍ଡଧାରୀ ସଦସ୍ୟ ଦେବାଳିଆ ହୋଇଯିବା ତାଙ୍କର ମୃତ୍ୟୁ, କିମ୍ବା ବ୍ୟବସାୟ/ବୃତ୍ତି ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା କାରଣରୁ ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ଗ୍ରୁପକମ୍ପାନିଗୁଡ଼ିକର ଅଧିକାର କୌଣସି ପ୍ରକାରେ ପ୍ରଭାବିତ ହେବ ନାହିଁ। ଏହା କାର୍ଡଧାରୀ ସଦସ୍ୟଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଯେ, ସେ ସମସ୍ତ ପ୍ରକାରର ବିବାଦ ଏପରିକି ଯୁଗ୍ମ ଆକାଉଣ୍ଟଧାରୀଙ୍କ ସମ୍ବନ୍ଧରେ କରାଯାଇଥିବା କୌଣସି ପ୍ରତିବାଦ/ବିବାଦ ସମ୍ବନ୍ଧରେ ଆପୋଷ ସମାଧାନ କରିବେ।

(ii) ଉପରୋକ୍ତ ଅଧିକାର କିମ୍ବା ଅନ୍ୟ କୌଣସି ଅଧିକାର ସହିତ ଆଇସିଆଇସିଆଇ ବ୍ୟାଙ୍କ ଏବଂ ତାଙ୍କର ଗ୍ରୁପ୍କମ୍ପାନି ଯେ କୌଣସି ସମୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ (ପରିଚାଳନା) ମାଧ୍ୟମରେ ହେଉ କିମ୍ବା (ଚୁକ୍ତି ବଦ୍ଧତା) କଣ୍ଟ୍ରାକ୍ଟ ମାଧ୍ୟମରେ ଆଇସିଆଇସିଆଇ ବ୍ୟାଙ୍କ ପ୍ରାଧିକୃତ ଏବଂ ଏ ସମସ୍ତ ଅଧିକାର ପାଇଁ ଯୋଗ୍ୟ ରହିବେ ଯଥା (ଅ) ଯେ କୌଣସି ସମୟରେ କାର୍ଡଧାରୀ ସଦସ୍ୟଙ୍କ ସମସ୍ତ କିମ୍ବା ଯେ କୌଣସି ଅକାଉଣ୍ଟ ସବୁ ଏବଂ ଆର୍ଥିକ ଦାୟିତ୍ୱକୁ ସଂଯୋଜିତ କରି ପାରିବେ। (ଆ) ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା ଧାରଣ କରାଯାଇଥିବା କାର୍ଡଧାରୀ ସଦସ୍ୟଙ୍କ ସିକ୍ୟୁରିଟୀଜ ଏବଂ ସମ୍ପତ୍ତିର ବିକ୍ରୟ କିମ୍ବା ନିକାଶ (ପ୍ରବନ୍ଧ) କିମ୍ବା ଯାହା ସାର୍ବଜନିନ କିମ୍ବା ବ୍ୟକ୍ତିଗତ ରୂପରେ ବା ଏକକ ଭାବରେ କ୍ରୟ କରିପାରିବେ। ଏଥିପାଇଁ କୌଣସି ନ୍ୟାୟସଂଗତ କାର୍ଯ୍ୟାନୁଷ୍ଠାନ ସଂସ୍ଥାପିତ ନକରାଯାଇ ଏବଂ ବିକ୍ରୟରୁ ଲବ୍ଧ ଆୟ ପରିମାଣରୁ ଆଇସିଆଇସିଆଇ ବ୍ୟାଙ୍କ ଏବଂ/କିମ୍ବା ଏହାର ଗ୍ରୁପକମ୍ପାନିଦ୍ୱାରା କାର୍ଡଧାରୀ ସଦସ୍ୟଙ୍କ ଠାରୁ ପ୍ରାପ୍ୟ ସମଗ୍ର ବକେୟା ପରିମାଣ ଏବଂ ସେ ପ୍ରକାର ବିକ୍ରୟ/ନିକାଶ କାରଣରୁ ଉପୁଜିଥିବା ଖର୍ଚ୍ଚ ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏହାର ଗ୍ରୁପକମ୍ପାନି ନିଜ ପାଖରେ ଧରି ରଖିପାରିବେ କିମ୍ବା ବିନିଯୋଗ କରିପାରିବେ। (ଇ) କ୍ରସ କରେନ୍ସି କ୍ଷତି ପୂରଣ ପରିସ୍ଥିତିରେ, ଗୋଟିଏ ମୁଦ୍ରାରୁ ଅନ୍ୟ ଏକ ମୁଦ୍ରା ବିନିମୟର କର୍ତ୍ତବ୍ୟ ଏବଂ ମୁଦ୍ରା ବିନିମୟ ହାର ସ୍ଥିର କରିବା, ଆଇସିଆଇସିଆଇ ବ୍ୟାଙ୍କ ଏବଂ/କିମ୍ବା ଏହାର ଗ୍ରୁପକମ୍ପାନିର  ନିଜସ୍ୱ ଅଧିକାର ଅଟେ।

## (xxix) ଆଇଆସ୍ୟୁର ସେବା (ମୁଁ ପ୍ରତିଶ୍ରୁତିବଦ୍ଧ ସେବା)

**''ଆଇ ଆସ୍ୟୁର ସେବା''** ହେଉଛି ଏକ ଅଂଶଦାନ ଭିତ୍ତିକ ସେବା, ଯାହା ଦ୍ୱାରା ଆଇସିଆଇସିଆଇ ବ୍ୟାଙ୍କ କେତେକ ନିର୍ଦ୍ଧାରିତ କାର୍ଡଧାରୀ ସଦସ୍ୟଙ୍କୁ ଦେୟ ପୈଠ ଛୁଟିଦିନ ପ୍ରଦାନ କରି ଥାଆନ୍ତି । ଏଥିଯୋଗୁଁ କାର୍ଡଧାରୀ ସଦସ୍ୟମାନେ ସେମାନଙ୍କର ନିର୍ଦ୍ଧାରିତ ପୈଠ ତାରିଖରୁ ଅଧିକ 75 ଦିନ ପାଇଁ ସୁଧ ବ୍ୟତୀତ ଜମାଧନର ବିକଳ୍ପ ସୁବିଧା ଉପଲବ୍ଧ କରିଥାଆନ୍ତି ଏବଂ କେତେକ ପୂର୍ବକଳ୍ପିତ ପରିସ୍ଥିତିରେ କାର୍ଡରେ ବିଲ କରାଯାଇଥିବା ପରିମାଣର ପୈଠ ପାଇଁ ବା କାର୍ଡଧାରୀ ସଦସ୍ୟଙ୍କୁ ଆଇସିଆଇସିଆଇ ବ୍ୟାଙ୍କର ନିର୍ଦ୍ଦେଶ ଅନୁସାରେ ପୈଠ ପାଇଁ ସୁବିଧା ମିଳିଥାଏ ।

**''ଆଇ ଆସ୍ୟୁର ସବ୍‌ସ୍କ୍ରିପ୍‌ସନ୍ କିଟ୍''** କାର୍ଡଧାରୀ ସଦସ୍ୟ ଥରେ ଆଇ ଆସ୍ୟୁର ସେବା ପାଇଁ ନାମାଙ୍କିତ ହୋଇଯିବା ପରେ, ଆଇ ଆସ୍ୟୁର ସେବା ସମ୍ବନ୍ଧରେ ବିଶଦ ସୂଚନା କାର୍ଡଧାରୀ ସଦସ୍ୟଙ୍କ ନିକଟକୁ ଯେଉଁ ବିବରଣୀ ପଠାଯାଇଥାଏ । ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର କ୍ରେଡିଟ ନିୟମ ଅନୁସାରେ ତାଙ୍କର ଅଧିକାର ବଳରେ କେତେକ କାର୍ଡଧାରୀ ସଦସ୍ୟଙ୍କୁ ଯେଉଁମାନଙ୍କ ଆକାଉଣ୍ଟ୍‌ସ ସଠିକ୍ ଭାବରେ ପରିଚାଳିତ କରାଯାଇ ଆସୁଛି, ସେମାନଙ୍କର ଆର୍ଥିକ ଅସୁବିଧା ପରିସ୍ଥିତିରେ କେତେକ ନିର୍ଦ୍ଦିଷ୍ଟ ସୁବିଧାମାନ ପ୍ରଦାନ କରିଥାଆନ୍ତି, ଯେଉଁ ପରିସ୍ଥିତି ସମ୍ବନ୍ଧରେ ଆଇ ଆସ୍ୟୁର ସବ୍‌ସ୍କ୍ରିପସନ୍ (ଅଂଶଦାନ) କିଟ୍‌ରେ ନିର୍ଦ୍ଦିଷ୍ଟ ଭାବରେ ବ୍ୟାଖ୍ୟା କରାଯାଇଛି । ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ବିବେଚନା ବଳରେ କାର୍ଡଧାରୀ ସଦସ୍ୟଙ୍କ ବିଲ୍ କରାଯାଉଥିବା ଠିକଣା କିମ୍ବା ପଞ୍ଜିକୃତ ଫୋନ ମାଧ୍ୟମରେ କେବଳ ଯେଉଁ କାର୍ଡଧାରୀ ସଦସ୍ୟଙ୍କୁ ଆଇ ଆସ୍ୟୁର ସେବା ପ୍ରଦାନ କରାଯାଇଥାଏ ସେମାନଙ୍କର ନିକଟକୁ ସୂଚନା ପଠାଇଥାନ୍ତି । ଏ ପ୍ରକାର ସୂଚନା ପାଇବା ପରେ ଆଇ ଆସ୍ୟୁର ସେବା ଉପଲବ୍ଧ କରିବା ପାଇଁ କାର୍ଡଧାରୀ ସଦସ୍ୟଙ୍କୁ ନାମାଙ୍କନ କରିବା ଆବଶ୍ୟକ ଏବଂ ଆଇସିଆଇସିଆଇ ବ୍ୟାଙ୍କ ସହିତ ପଞ୍ଜିକୃତ ହେବାକୁ ପଡିଥାଏ, ଯାହା ସମ୍ବନ୍ଧରେ କାର୍ଡଧାରୀ ସଦସ୍ୟଙ୍କୁ ଜଣାଇ ଦିଆଯାଇଥାଏ । ନାମାଙ୍କନ କରିବା ପରେ କାର୍ଡଧାରୀ ସଦସ୍ୟଙ୍କ ବିଲିଙ୍ଗ ଠିକଣାରେ ଆଇ ଆସ୍ୟୁର ଅଂଶଦାନ କିଟ ପଠାଇ ଦିଆଯାଇଥାଏ । ନାମାଙ୍କନ କରିବାର 20 ଦିନ ମଧ୍ୟରେ ଯଦି କାର୍ଡଧାରୀ ସଦସ୍ୟ ଆଇ ଆସ୍ୟୁର ଅଂଶଧନ କିଟ୍ ପାଇ ନାହାନ୍ତି, ତେବେ ସେ ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ରକୁ ଜଣାଇବା ଆବଶ୍ୟକ, ନଚେତ ଆଇ ଆସ୍ୟୁର ସର୍ଭିସ ପାଇଁ ଅଂଶଦାନ ସ୍ୱତଃ ରଦ୍ଦ ହୋଇଯାଇଥାଏ । ଆଇ ଆସ୍ୟୁର ସେବା ଅନ୍ତର୍ଗତ ଦେୟ ପୈଠ ଛୁଟିଦିନକୁ ସକ୍ରିୟ କରିବା ପାଇଁ କାର୍ଡଧାରୀ ସଦସ୍ୟ କେବଳ କୌଣସି ଅସ୍ୱାଭାବିକ ପରିସ୍ଥିତି ଘଟିଥିଲେ କିନ୍ତୁ ଯେପରି କାର୍ଡ ଆକାଉଣ୍ଟ ଡେଲିନକ୍ୱେଣ୍ଟ (ବକେୟାକର) ହୋଇନଥିବ କିମ୍ବା କୌଣସି ତ୍ରୁଟି କରାଯାଇନଥିବ, ତେବେ ସେହି ପରିସ୍ଥିତିରେ 30 ଦିନ ସମୟ କାଳ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ରକୁ ଜଣାଇ ପାରିବେ । ଆଇ ଆସ୍ୟୁର ଅନ୍ତର୍ଗତ ଦେୟ ପୈଠ ଛୁଟି ଦିନ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଡଧାରୀ ସଦସ୍ୟ ଯୋଗ୍ୟ ବିବେଚିତ ହୋଇପାରିବେ ଯଦି କେବଳ କ୍ରମାଗତ ତିନିମାସ ପାଇଁ ତାଙ୍କର ଅଂଶଦାନ ସମ୍ପୂର୍ଣ୍ଣ ଭାବରେ ପୈଠ କରିଥିବେ ଏବଂ କୌଣସି ନିର୍ଦ୍ଧାରିତ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲେ ସେହି ଅଂଶଦାନ ବାବଦରେ ପୈଠ କରାଯାଇଥିବା ପରିମାଣ ଏବଂ ଅସୁବିଧା ପରିସ୍ଥିତି ସୃଷ୍ଟି ହୋଇଥିଲେ ସେହି ଅଂଶଦାନ ବାବଦରେ ପୈଠ କରାଯାଇଥିବା ପରିମାଣ ଏବଂ ଅସୁବିଧା ପରିସ୍ଥିତି ସମ୍ବନ୍ଧରେ ଆଇ ଆସ୍ୟୁର ଅଂଶଦାନ କିଟ୍‌ରେ କାର୍ଡଧାରୀ ସଦସ୍ୟଙ୍କୁ ଜଣାଇ ଦିଆଯାଇଥାଏ । ନୂତନ କାର୍ଡଧାରୀ ସଦସ୍ୟଙ୍କ ପାଇଁ ସେହି ଅବଧି ଛଅମାସ ହୋଇଥାଏ । ଆଇ ଆସ୍ୟୁର ସେବା ଅନ୍ତର୍ଗତ କାର୍ଡଧାରୀ ସଦସ୍ୟ ଆଇ ଆସ୍ୟୁର ସେବା ଉପଲବ୍ଧ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ସର୍ବମୋଟ ଦେୟ ପରିମାଣର ସର୍ବାଧିକ ଟ 50,000 ପର୍ଯ୍ୟନ୍ତ ପାଇ ପାରିବେ ଏବଂ ଯେଉଁ ନିର୍ଦ୍ଦିଷ୍ଟ ଘଟଣା ତାରିଖରେ ବା ଘଟଣା କାରଣରୁ କାର୍ଡ ସଦସ୍ୟ ତାଙ୍କର ଦେୟ ପୈଠଛୁଟିଦିନକୁ କାର୍ଡଦ୍ୱାରା ସକ୍ରିୟ କରିଥିବେ । ଅଧିକନ୍ତୁ କାର୍ଡଧାରୀ ସଦସ୍ୟ ଘଟଣା ତାରିଖ ଏବଂ ଆଇ ଆସ୍ୟୁର ସେବା ସକ୍ରିୟକରଣ ଅନୁରୋଧ ତାରିଖ (ଉଭୟ ଦିନ ମିଶାଯାଇ) ମଧ୍ୟରେ ଯଦି କୌଣସି ଅତିରିକ୍ତ ଖର୍ଚ୍ଚ କରିଥିବେ, ତେବେ ତାହା ଆଇ ଆସ୍ୟୁର ସେବା ଅନ୍ତର୍ଗତ ପୈଠ ଛୁଟିଦିନ ସକ୍ରିୟ କରାଯିବା ପୂର୍ବରୁ ତାଙ୍କୁ ତୁରନ୍ତ ପୈଠ କରାଯାଇଥାଏ ।

ନାମାଙ୍କନ ପରବର୍ତ୍ତୀ ସମୟକାଳରେ କାର୍ଡଧାରୀ ସଦସ୍ୟଙ୍କୁ ଆଇ ଆସ୍ୟୁର ସେବା ଫିସ ବାବଦରେ ମାସିକ ଭିତ୍ତିରେ ବିଲ୍‌ସ କରାଯିବ ଯାହା ବିବରଣୀରେ ମଧ୍ୟ ସୂଚାଇ ଦିଆଯିବ । ଅଂଶଦାନ ସମୟକାଳ ମଧ୍ୟରେ ଯେ କୌଣସି ସମୟରେ ଆଇସିଆଇସିଆଇ ବ୍ୟାଙ୍କ 24 ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ରକୁ ଫୋନ କରି କାର୍ଡଧାରୀ ସଦସ୍ୟ ତାଙ୍କର ଅଂଶଦାନ ରଦ୍ଦ କରି ଦେଇ ପାରିବେ । କିନ୍ତୁ ସେ ପ୍ରକାର ଫିସ ଅଂଶଦାନ ରଦ୍ଦକରଣ କିମ୍ବା ବିଚ୍ଛିନ୍ନକରଣ ଉତ୍ପନ୍ନ ବିବରଣୀରେ ଯାହା ପ୍ରଚଳିତ ମାସ କିମ୍ବା ପରବର୍ତ୍ତୀ ମାସର ପଞ୍ଚଦଶ ଦିନ (ଯାହା ଉଭୟଙ୍କ ମଧ୍ୟରେ ସହଳ ତାହା ପ୍ରଯୁଜ୍ୟ) ରେ କାର୍ଯ୍ୟକାରୀ କରାଯାଇ ପାରିବ । ଆଇ ଆସ୍ୟୁର ସେବା ସକ୍ରିୟକରଣ ପାଇଁ କାର୍ଡ ମେମ୍ବରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଡକ୍ୟୁମେଣ୍ଟେସନ୍ (ପ୍ରଲେଖନ) ଆଇ ଆସ୍ୟୁର ଅଂଶଦାନ କିଟ୍‌ରେ ଜଣାଇ ଦିଆଯିବ । ଆଇ ଆସ୍ୟୁର ସେବା ସକ୍ରିୟକରଣ କରାଯିବା ପରେ କାର୍ଡ ଏବଂ କାର୍ଡ ଆକାଉଣ୍ଟର ବ୍ୟବହାର ସେହି ସମୟ ପର୍ଯ୍ୟନ୍ତ ନିୟନ୍ତ୍ରିତ କରିଦିଆଯିବ ଯେହେତୁ ଦେୟ ପିରମାଣର ପରିଶୋଧ ପାଇଁ ଆଇ ଆସ୍ୟୁର ସେବା ବୃଦ୍ଧି କରାଯାଇଥାଏ ।

ଆଇ ଆସ୍ୟୁର ସେବା ପରିବର୍ତ୍ତିତ ସମୟକାଳ ସମାପନ ପରେ କାର୍ଡଧାରୀ ସଦସ୍ୟ ତୁରନ୍ତ ତାଙ୍କ ଉପରେ ଥିବା ସମ୍ପୂର୍ଣ୍ଣ ଦେୟ ପରିମାଣ ପୈଠ କରିବା ଆବଶ୍ୟକ । ଯଦି କୌଣସି କାରଣରୁ ସେ ଏଥିରେ ତ୍ରୁଟି କରନ୍ତି ସମଗ୍ର ଆଇ ଆସ୍ୟୁର ସେବା ସମୟକାଳ ପାଇଁ ବକେୟା ପରିମାଣ ଉପରେ ସୁଧ ଲାଗୁ କରାଯିବ ।

ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ନିଜସ୍ୱ ଅଧିକାର ବଳରେ ଅଂଶଦାନ ଚାଲୁରଖିବା ପାଇଁ ଫିସ ପୁନଃସ୍ଥାପନ ସମ୍ବନ୍ଧରେ ସ୍ଥିର କରି ପାରନ୍ତି ପରବର୍ତ୍ତୀ ସମୟରେ କାର୍ଡଧାରୀ ସଦସ୍ୟଙ୍କୁ ଆଇ ଆସ୍ୟୁର ସେବା ପ୍ରଦାନ ନ କରିବା ପାଇଁ ସ୍ଥିର କରି ପାରନ୍ତି ଏବଂ ଏହା ଆଇସିଆଇସିଆଇ ରେକର୍ଡରେ ଲିପିବଦ୍ଧ କାର୍ଡଧାରୀ ସଦସ୍ୟଙ୍କ ବିଲିଂ ଠିକଣାରେ ଜଣାଇ ଦିଆଯିବ ।

## (xxx) ବିବାଦର ସମାଧାନ:

ସମସ୍ତ ପ୍ରକାର ବିବାଦ କେବଳ ମୁମ୍ବାଇ ପରିସରଭୁକ୍ତ ବିଚାରାଳୟରେ ବିଚାରାଧୀନ ହୋଇପାରିବ ।

## (xxxi) ଉପରୋକ୍ତ ସର୍ତ୍ତ ଓ ନିୟମାବଳୀଗୁଡ଼ିକରେ ପରିବର୍ତ୍ତନ :

ଯେ କୌଣସି ସମୟରେ ଉପରୋକ୍ତ ଯେ କୌଣସି ସର୍ତ୍ତ ଓ ନିୟମାବଳୀଗୁଡ଼ିକ୍ କାର୍ଡ ଉପରେ ଉପଲବ୍ଧ ବୈଶିଷ୍ଟ୍ୟତା ଏବଂ ସୁବିଧାମାନ, ଆବଶ୍ୟକୀୟ ସୀମିତ ନଥାଇ, ପ୍ରଚଳିତ ବାଲାନ୍ସକୁ ପ୍ରଭାବିତ କରୁଥିବା କାରଣରୁ ଆବଶ୍ୟକୀୟ ପରିବର୍ତ୍ତନ, ସୁଧ ଚାର୍ଜେସ କିମ୍ବା ସୁଧହାର ଏବଂ ସମ୍ପୂର୍ଣ୍ଣ ଗଣନାର ପଦ୍ଧତି ଇତ୍ୟାଦି ସମ୍ବନ୍ଧରେ ଆଇସିଆଇସିଆଇ ବ୍ୟାଙ୍କର ନିଜର ଅଧିକାର ବଳରେ ସଂଶୋଧନ କିମ୍ବା ପରିବୃଦ୍ଧି କରିବାର କ୍ଷମତା ରହିଛି । ଏହି ପରିବର୍ତ୍ତନ ସର୍ତ୍ତ ଓ ନିୟମାବଳୀଗୁଡ଼ିକ ଅନ୍ତର୍ଗତ ପୈଠକାର୍ଡ ଉପରେ ଜାରି କରାଯାଇଥିବା ସମଗ୍ର ପରିମାଣ ପରିଶୋଧ କରାନଯାଇଥିବା ପର୍ଯ୍ୟନ୍ତ କାର୍ଡଧାରୀ ସଦସ୍ୟ କାର୍ଡ ଉପରେ ଲାଗୁ କରାଯାଇଥିବା

ସମସ୍ତ ଚାର୍ଜେସ ଓ ଅନ୍ୟାନ୍ୟ ଦାୟିତ୍ୱ ସମ୍ପନ୍ନ କରିବା ପାଇଁ ବାଧ୍ୟ । ସଂଶୋଧିତ ଚୁକ୍ତି ଓ ସର୍ତ୍ତ ସମ୍ବନ୍ଧରେ ଇନଫିନିଟି ମାଧ୍ୟମରେ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଯାହା ଆଇସିଆଇସିଆଇ ବ୍ୟାଙ୍କ ଉଚିତ ମନେ କରିବେ, ତାହା କାର୍ଡଧାରୀ ସଦସ୍ୟ ସେହି ସମସ୍ତ ସଂଶୋଧିତ ଚୁକ୍ତି ଓ ସର୍ତ୍ତମାନ ଗ୍ରହଣ କରିଛନ୍ତି ବୋଲି ଧରିନିଆଯିବ ଏବଂ ସେଇ ଅନୁସାରେ ତାଙ୍କର କାର୍ଡର ବ୍ୟବହାର ଚାଲୁ ରଖିବା ଆବଶ୍ୟକ। ସର୍ତ୍ତ ଓ ନିୟମାବଳୀରେ ଯେକୌଣସି ପରିବର୍ତ୍ତନ (ସୁଧହାର ଏବଂ ଚାର୍ଜେସ ବ୍ୟତୀତ) ବିଷୟରେ ସେହି ସର୍ତ୍ତ ଓ ନିୟମାବଳୀ (ସୁଧ ଦେୟ ଏବଂ ହାର ବ୍ୟତୀତ) ଓ ବର୍ତ୍ତମାନ ଲାଗୁ କରାଯାଉଥିବା ସର୍ତ୍ତ ଓ ନିୟମାବଳୀ ଲାଗୁ ହେବା ତାରିଖର ଏକ ମାସ ପୂର୍ବରୁ କାର୍ଡଧାରୀ ସଦସ୍ୟଙ୍କୁ ଜଣାଇ ଦିଆଯିବ।

## (xxxii) ନୋଟିସ

ଏହି ଚୁକ୍ତି ଓ ସର୍ତ୍ତାବଳୀ ଅନ୍ତର୍ଗତ କିମ୍ବା ସମ୍ବନ୍ଧୀୟ ସମସ୍ତ ବିଜ୍ଞପ୍ତି ଏବଂ ଅନ୍ୟ ସୂଚନା ମାନ ଏବଂ ତତ୍ ସହିତ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ପୈଠକରାଯିବାକୁ ଥିବା ସମସ୍ତ ବକେୟା ଅର୍ଥ ପରିମାଣ ସମ୍ବନ୍ଧରେ ଲିଖିତ ଆକାରରେ କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ, ଆଇସିଆଇସିଆଇ ଫୋନ ବ୍ୟାଙ୍କିଙ୍ଗ ସେଣ୍ଟର, ଆଇସିଆଇସିଆଇ ବ୍ୟାଙ୍କ ଟାୱାର, ସପ୍ତମ ମହଲା, ସର୍ଭେ ନମ୍ବର: 115/27, ପ୍ଲଟ୍ ନମ୍ବର– 12, ନାନାକ୍ରମଗୁଡ଼ା, ସେରିଲିଙ୍ଗମପଲ୍ଲୀ, ହାଇଦ୍ରାବାଦ – 500032 ଭାରତଙ୍କୁ ଜଣାଇବା ଆବଶ୍ୟକ କିମ୍ବା ସୂଚନା ଅନୁସାରେ କିମ୍ବା ଫାସିମାଇଲ ମାଧ୍ୟମରେ ମଧ୍ୟ ଜଣାଇ ଦିଆଯାଇ ପାରିବ। ସେ ପ୍ରକାର କୌଣସି ବିଜ୍ଞପ୍ତି କିମ୍ବା ଅନ୍ୟ ସୂଚନାଗୁଡ଼ିକୁ କାର୍ଯ୍ୟକ୍ଷମ ବୋଲି ସ୍ୱୀକୃତ କରାଯାଇଥାଏ:

(i) ଯଦି ପତ୍ର ଆକାରରେ ପଠାଯାଉଥାଏ, ବ୍ୟକ୍ତିଗତ ଭାବରେ ପ୍ରଦାନ କରାଯିବ କିମ୍ବା ଡାକରେ ପଠାଯିବ, ଯେତେବେଳେ ଚିଠି ଫେରାଇ ନେବାର ସୁବିଧା ପ୍ରେରକର ନିୟନ୍ତ୍ରଣ ବହିର୍ଭୁତ ହୋଇଥାଏ ଏବଂ (ii) ଯଦି ଫାସିମାଇଲରେ ପଠାଯାଉଥାଏ କେବେ ପଠାଯାଇଥିଲା (ସଠିକ୍ ଫାସିମାଇଲ ନମ୍ବର ପାଇଥିବାର ଅନୁମୋଦନ) ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା ପ୍ରକୃତରେ କୌଣସି ବିଜ୍ଞପ୍ତି କିମ୍ବା ସୂଚନାର ପ୍ରାପ୍ତି ସ୍ୱୀକାର କରାଯାଇ ନଥିଲେ କିମ୍ବା ଗ୍ରହଣ କରାଯାଇନଥିଲେ ସେ ପ୍ରକାର ବିଜ୍ଞପ୍ତି ସୂଚନା ଆଇସିଆଇସିଆଇ ପ୍ରତି କାର୍ଯ୍ୟକାରୀ ହେବ ନାହିଁ। ନୋଟିସ କିମ୍ବା ସୂଚନା ପଠାଇବାର ମାଧ୍ୟମଗୁଡ଼ିକ ଯଥା (i) କାର୍ଡଧାରୀ ସଦସ୍ୟଙ୍କ ଠିକଣା, କିମ୍ବା ଫାସିମାଇଲ ନମ୍ବର ଯାହା ଆଇସିଆଇସିଆଇ ବ୍ୟାଙ୍କ ରେକର୍ଡସରେ ଲିପିବଦ୍ଧ କରାଯାଇଛି ଏବଂ ଯେଉଁ ଠିକଣାରେ ନୋଟିସ ସୂଚନାଗୁଡ଼ିକ ପଠାଯାଇପାରିବ (ଯେପରି ଭାବରେ ଆବେଦନ ପତ୍ରରେ ନିର୍ଦ୍ଦେଶିତ କରାଯାଇଛି) ଏବଂ (ii) ଆଇସିଆଇସିଆଇ ବ୍ୟାଙ୍କର ମଣ୍ଡଳୀୟ/ଆଞ୍ଚଳିକ/ଶାଖା/କାର୍ଯ୍ୟାଳୟ ଠିକଣା କିମ୍ବା ଫାସିମାଇଲ ନମ୍ବର (ଯେପରି ଆବେଦନ ପତ୍ରରେ ନିର୍ଦ୍ଦେଶିତ କରାଯାଇଛି) କିମ୍ବା ସେ ପ୍ରକାର ଠିକଣା କିମ୍ବା ଫାସିମାଇଲ ନମ୍ବର ଯାହା କାର୍ଡଧାରୀ ସଦସ୍ୟ ଏବଂ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପରସ୍ପରକୁ ଲିଖିତ ଆକାରରେ ମନୋନୀତ କରାଯାଇଥିବ। କୌଣସି କାରଣରୁ କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କଙ୍କୁ ଲିଖିତ ଆକାରରେ ତାଙ୍କର ଯୋଗାଯୋଗ ଠିକଣା କିମ୍ବା ସେ ସମ୍ବନ୍ଧୀୟ ବିଶଦ ସୂଚନା, ନୋଟିସ ପଠାଯିବା ଦରଖାସ୍ତ ଫର୍ମରେ ସୂଚନା ଯୋଗାଯୋଗ ଠିକଣା କିମ୍ବା କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଦିଆଯାଉଥିବା ଶେଷ ଯୋଗାଯୋଗ ସମ୍ବନ୍ଧରେ କୌଣସି ଅବହେଳା ବା ତ୍ରୁଟି କଲେ ଏହା କାର୍ଡଧାରୀ ସଦସ୍ୟଙ୍କୁ ମିଳୁଥିବା ଉପଯୁକ୍ତ ଏବଂ ସର୍ବାଧିକ ସେବା ଭାବରେ ବିବେଚନା କରିବା ଉଚିତ, ଏପରି କି ଯଦି ସେ ପ୍ରକାର ନୋଟିସ ଆଇସିଆଇସିଆଇ ବ୍ୟାଙ୍କ ନିକଟକୁ କାର୍ଡଧାରୀ ସଦସ୍ୟଙ୍କ ନିକଟରୁ ''ଅନସର୍ଭଡ'' (ସେବା ପ୍ରଦାନ ନ କରାଯାଇଥିବା) ଭାବରେ ଫେରସ୍ତ ଆସିଥାଏ। କାର୍ଡଧାରୀ ସଦସ୍ୟଙ୍କ ବାସସ୍ଥାନ ଅଞ୍ଚଳ କିମ୍ବା କର୍ମସ୍ଥାନରେ ଉପଲବ୍ଧ ଖବର କାଗଜରେ ପ୍ରକାଶିତ ଏକ ବିଜ୍ଞପ୍ତି (ନୋଟିସ) ସେହି ପ୍ରକାଶିତ ତାରିଖରୁ କାର୍ଡ ମେମ୍ବରଙ୍କ ପ୍ରତି ଏକ ସର୍ବାଧିକ ନୋଟିସ ବୋଲି ବିବେଚନା କରାଯିବା ଉଚିତ । କିନ୍ତୁ ଯେଉଁ ପର୍ଯ୍ୟନ୍ତ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା (ଗ୍ରହଣ)ଖବରକାଗଜରେ ପ୍ରକାଶିତ ନୋଟିସ୍ ଗ୍ରହଣୀୟ ହୋଇନାହିଁ ବା ପ୍ରାପ୍ତି ସ୍ୱୀକାର କରାଯାଇନାହିଁ ସେ ପର୍ଯ୍ୟନ୍ତ ଏହା ଆଇସିଆଇସିଆଇ ବ୍ୟାଙ୍କ ବିରୋଧରେ ପ୍ରଭାବଶାଳୀ ହେବ ନାହିଁ।

## (xxxiii) ଜାଗତିକ ଭାରତୀୟ କ୍ରେଡିଟ କାର୍ଡ ଚୁକ୍ତିମାନ

ଏହି ଶବ୍ଦ (''ଚୁକ୍ତିମାନ'') କେବଳ କାର୍ଡଧାରୀ ସଦସ୍ୟ ଯେଉଁମାନେ ଜାଗତିକ ଭାରତୀୟ କାର୍ଡ ବ୍ୟବହାର କରୁଥାଆନ୍ତି କେବଳ ସେହିମାନଙ୍କ ପାଇଁ ପ୍ରଯୁଜ୍ୟ। ଏହି ସର୍ତ୍ତ ଓ ନିୟମାବଳୀ ସହିତ ଅନ୍ୟାନ୍ୟ ସର୍ତ୍ତ ଓ ନିୟମାବଳୀ ସଂଯୋଜିତ କରାଯାଇ କ୍ରେଡିଟ କାର୍ଡ୍ସର ବ୍ୟବହାର କରାଯାଇଥାଏ (''ସର୍ତ୍ତ ଓ ନିୟମାବଳୀ '') ଯେତେବେଳେ ସର୍ତ୍ତ ଓ ନିୟମାବଳୀ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ, ସେତେବେଳେ ଏହାର ସର୍ତ୍ତକୁ ପ୍ରାଧାନ୍ୟ ଦିଆଯାଇଥାଏ। ଜାଗତିକ ଭାରତୀୟ କ୍ରେଡିଟ କାର୍ଡ ଦ୍ୱାରା ନଗଦ ଟଙ୍କା ଉଠାଣ ନିଷେଧ ଅଟେ। ଜାଗତିକ ଭାରତୀୟ କ୍ରେଡିଟ କାର୍ଡ ଉପରେ କୌଣସି ନଗଦ ଟଙ୍କା ସୀମା ଦିଆଯାଇ ନଥାଏ। କାର୍ଡଧାରୀ ସଦସ୍ୟ ନିର୍ଦ୍ଧାରିତ ପୈଠତାରିଖରେ ସର୍ବମୋଟ ଦେୟ ପରିମାଣ ଆଇସିଆଇସିଆଇ ବ୍ୟାଙ୍କକୁ ପୈଠକରିବେ। ଜାଗତିକ ଭାରତୀୟ କ୍ରେଡିଟ କାର୍ଡ ଉପରେ ଏମଏଡି (ମାଡ୍) ପୈଠସୁବିଧା ଲାଗୁ ହେବ ନାହିଁ। ଜାଗତିକ ଭାରତୀୟ କ୍ରେଡିଟ କାର୍ଡ ପାଇଁ ଜମା କରାଯିବାକୁ ଥିବା ଅର୍ଥ କେବଳ ଇସିଏସ ପଦ୍ଧତିରେ ପୈଠକରାଯାଇ ପାରିବ।

## (xxxiv) ଇଏମଆଇ କ୍ରେଡିଟ କାର୍ଡ ସମ୍ବନ୍ଧୀୟ ନିୟମାବଳୀ

ଏହି ଶବ୍ଦମାନ (''ଟର୍ମସ'') କେବଳ ଇଏମଆଇ କାର୍ଡ ବ୍ୟବହାର କରୁଥିବା କାର୍ଡ ସଦସ୍ୟଙ୍କ ପାଇଁ ପ୍ରଯୁଜ୍ୟ। ଏହି ସର୍ତ୍ତ ଓ ନିୟମାବଳୀ କ୍ରେଡିଟ କାର୍ଡ୍ସର ବ୍ୟବହାର ପାଇଁ ଅନ୍ୟାନ୍ୟ ସର୍ତ୍ତ ଓ ନିୟମାବଳୀ ସହିତ ସଂଯୋଜିତ (''ଟର୍ମସ ଆଣ୍ଡ କଣ୍ଡିସନ୍ସ'') ''ସର୍ତ୍ତ ଓ ନିୟମାବଳୀ '' ଯେତେବେଳେ ଏହି ''ଟର୍ମସ'' ଏବଂ ''ଟର୍ମସ ଆଣ୍ଡ କଣ୍ଡିସନସ'' ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ ସେତେବେଳେ ''ସର୍ତ୍ତ ବା ଟର୍ମସକୁ'' ପ୍ରାଧାନ୍ୟ ଦିଆଯାଇଥାଏ।

1. ଇଏମଆଇ କାର୍ଡ କ୍ଷେତ୍ରରେ ଇଏମଆଇ କାର୍ଡଧାରୀ ବକେୟା ଦେୟ ପରିମାଣ ତାଙ୍କର କାର୍ଡ ଜରିଆରେ ସମାନୁପାତିକ ମାସିକ କିସ୍ତି (ଇଏମଆଇ) ଭିତ୍ତିରେ ପୈଠ କରିବେ, ଯାହା ବିବରଣୀରେ ସୂଚାଇ ଦିଆଯିବ । ସେହି ଇଏମଆଇ ଦେୟ ପରିମାଣ (ଇଏଡି) ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା ସ୍ଥିର କରାଯାଇଥିବା କ୍ରୟ ସୀମା ଉପରେ ଆଧାରିତ ହୋଇଥାଏ ଏବଂ ଏହା ମଧ୍ୟ ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା କାର୍ଡଧାରୀ ସଦସ୍ୟଙ୍କୁ ବିବରଣୀ ମାଧ୍ୟମରେ ସୂଚିତ କରାଯାଇଥାଏ। ଇଏଡିର ପରିମାଣ ହେଉଛି ଇଏଡି କ୍ରୟ ପରିମାଣ, କାରବାର ଫିସ ଏବଂ ସୁଧର ସମଷ୍ଟି। କାରବାର ଆରମ୍ଭ ଦିନରୁ କାରବାର ପରିମାଣ ଉପରେ ସୁଧ ଆଦାୟ କରାଯାଇଥାଏ। ଯଦି କୌଣସି ନିର୍ଦ୍ଦିଷ୍ଟ ମାସର ଶେଷ ଭାଗରେ , ବିବରଣୀରେ ସୂଚିତ ସେ ପ୍ରକାର ଇଏଡି ନିର୍ଦ୍ଧାରିତ ଦେୟ ତାରିଖରେ ଯଦି ପୈଠ କରାନ ଯାଏ, ସେବା ଚାର୍ଜ ଏବଂ ବିଳମ୍ବଜନିତ ଚାର୍ଜ କାର୍ଡଧାରୀ ସଦସ୍ୟଙ୍କ ଠାରୁ ଆଦାୟ କରାଯିବା ଯଦି ଇଏଡିର କୌଣସି ପରିମାଣ ପୈଠ କରାଯାଇନ ଥାଏ (ପୂର୍ବ ବିବରଣୀ ଅନୁଯାୟୀ) ସେ ସମସ୍ତ ପ୍ରଚଳିତ ଇଏଡି ବିବରଣୀରେ ସଂଯୋଜିତ କରାଯିବ, ଯଦି ଇଏଡିର ଅଧିକ ପୈଠ କରାଯାଇଥାଏ, ତେବେ ଉଲ୍ଲେଖିତ ବାଣିଜ୍ୟ ଶୁଳ୍କ

ସଂଯୋଜନ ଅନୁସାରେ କେତେକ ଚାର୍ଜେସ କାର୍ଡଧାରୀ ସଦସ୍ୟଙ୍କ ଉପରେ ଲାଗୁ କରାଯିବ। ସେ ପ୍ରକାର ଇଏଡିର ଅଧିକ ପୈଠ ପରିମାଣ ପରବର୍ତ୍ତୀ ମାସ ସହିତ ନିୟମିତ କରାଇ (ଆଡ୍‌ଜଷ୍ଟ) ଦିଆଯାଇଥାଏ ଏବଂ ଏହା ସେହି ବିବରଣୀରେ ପ୍ରତିଫଳିତ ହୋଇଥାଏ। ଯେଉଁ କାର୍ଡ ମେମ୍ବରଙ୍କ ଦ୍ୱାରା ପୈଠଯୋଗ୍ୟ ପରିମାଣ ଇଏଡିରୁ କମ ହୋଇଥାଏ, କାର୍ଡଧାରୀ ସଦସ୍ୟ କେବଳ ପୈଠଯୋଗ୍ୟ ପରିମାଣ ପୈଠ କରିବା ଆବଶ୍ୟକ। ଯଦି ସମସ୍ତ ବକେୟା ରାଶି କ୍ରୟ ସୀମା ଅତିକ୍ରମ କରିଯାଏ ତେବେ ଏକ ଅତିକ୍ରାନ୍ତ କ୍ରୟ ସୀମା ଦେୟ ବା ଓଭରଲିମିଟ୍ ଚାର୍ଜ ଭାବରେ ସମସ୍ତ ନିର୍ଦ୍ଧାରିତ ରାଶିଠାରୁ ଅଧିକ ରାଶି ଉପରେ 2.5% ଦେୟ ଲାଗୁ ହେବ (ଯାହାର ସର୍ବନିମ୍ନ ମୂଲ୍ୟ 500ଟଙ୍କା ରହିବ)।

2. ଫିସ୍ ଏବଂ ଚାର୍ଜେସର ଗଣନା ନିମ୍ନରେ ଦର୍ଶାଇ ଦିଆଯାଇଛି : ଉଦାହରଣସ୍ୱରୂପ କୌଣସି କାର୍ଡଧାରୀ ସଦସ୍ୟଙ୍କର ଏକ ଇଏମଆଇ କାର୍ଡ ସହିତ ପ୍ରତିମାସ ସେଥିପାଇଁ ଟ. 2000/– ଇଏଡି ଏବଂ କ୍ରୟ ସୀମା ହେଉଛି ଟ 48000 ଏବଂ ମାସିକ ସୁଧ 1.49% ବିବରଣୀ ପ୍ରକାଶ ହେବାର ତାରିଖ ହେଉଛି ପ୍ରତ୍ୟେକ ମାସର 20 ତାରିଖ ଏବଂ ଦେୟ ତାରିଖ ହେଉଛି ପ୍ରତ୍ୟେକ ମାସର 7 ତାରିଖ।

ଏକ କାର୍ଡଧାରୀ ସଦସ୍ୟ ଜାନୁଆରୀ’06, 5 ତାରିଖରେ ଟ 10000/–ର ସର୍ବମୋଟ କ୍ରୟ କରିଛନ୍ତି। ଏହି କାରବାର ଉପରେ ଟ 149/– କାରବାର ଫିସ ଆଦାୟ କରାଯିବ। 20 ତାରିଖ, ଜାନୁଆରୀ’06, 5 ତାରିଖରୁ 20 ତାରିଖ, ଜାନୁଆରୀ’06 ମଧ୍ୟରେ କ୍ରୟ କରାଯାଇଥିବା ଜିନିଷ ଉପରେ ଟ 75.61/– ସୁଧ ଲାଗୁ ହେବ। କାର୍ଡଧାରୀ ସଦସ୍ୟ ଟ 6000/– ଜିନିଷ କ୍ରୟ କରିଛନ୍ତି। ଏହି କାରବାର ପାଇଁ ଟ 149/– କାରବାର ଫିସ ଆଦାୟ କରାଯିବ। 7 ତାରିଖ ଫେବୃଆରୀ’06 ରେ କାର୍ଡଧାରୀ ସଦସ୍ୟ ଟ2000/– ପୈଠକରୁଛନ୍ତି। 20 ତାରିଖ ଜାନୁଆରୀ’06 ରୁ 7 ତାରିଖ ଫେବୃଆରୀ’06 ତାରିଖ ମଧ୍ୟରେ ଟ 10224.61 ଅର୍ଥ ପରିମାଣ ଉପରେ ସୁଧ ଲାଗୁ ହେବ। ଏବଂ ସେହି ପରି 7 ତାରିଖ ଫେବୃଆରୀ’06 ରେ 20 ଫେବୃଆରୀ’06 ତାରିଖ ମଧ୍ୟରେ ଟ 8224.6 ଅର୍ଥ ପରିମାଣ ସୁଧ ଲାଗୁ ହେବ 10 ତାରିଖ, ଫେବୃଆରୀ’06 ରୁ 20 ତାରିଖ, ଫେବୃଆରୀ’06 ମଧ୍ୟରେ କ୍ରୟ କରାଯାଇଥିବା ଅର୍ଥ ପରିମାଣ ଟ 6000/– ଉପରେ ସୁଧ ଲାଗୁ କରାଯିବ। ସର୍ବମୋଟ ସୁଧ ପରିମାଣ ଟ1.69.97/– ବିବରଣୀରେ ପ୍ରତିଫଳିତ ହେବ ଯାହା 20 ତାରିଖ ଫେବୃଆରୀ’06 ରେ ପ୍ରକାଶ କରାଯିବ ଏବଂ ଏହି ବିବରଣୀ ଅନୁସାରେ 20 ତାରିଖ, ଫେବୃଆରୀ’06 ରେ କ୍ଲୋଜିଙ୍ଗ ବାଲାନ୍‌ସ ପରିମାଣ ହେଉଛି ଟ 14543.58, 7 ତାରିଖ ମାର୍ଚ୍ଚ’06 ରେ କାର୍ଡଧାରୀ ସଦସ୍ୟଙ୍କୁ ଟ 2000/– ର ଇଏଡି ପୈଠକରିବାକୁ ପଡିବ।

କୌଣସି କାରଣରୁ ଦେୟ ଅର୍ଥ ପୈଠକରିବାରେ ବିଳମ୍ବ ଘଟିଲେ ବିଳମ୍ବ ଦେୟ ଫିସ ଆଦାୟ କରାଯିବ। ଇଏଡି ଉର୍ଦ୍ଧ୍ୱରେ ଯଦି କୌଣସି ଅଧିକ ଦେୟ ପୈଠକରାଯାଇଥାଏ, ସେଥି ପାଇଁ କେତେକ ଚାର୍ଜେସ ଲାଗୁ ହୋଇଥାଏ। ଚାର୍ଜେସ ସମ୍ବନ୍ଧରେ ବିଶଦ ଭାବରେ ଜାଣିବା ପାଇଁ ଦୟାପୂର୍ବକ ବାଣିଜ୍ୟ ଶୁଳ୍କ ସଂଯୋଜନ ଅନୁଧ୍ୟାନ କରନ୍ତୁ କୌଣସି କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା କୌଣସି ବର୍ଦ୍ଧିତ କ୍ରୟ କରାଯାଇଥିଲେ, ତାହା ଇଏଡି ବୃଦ୍ଧିର କାରଣ ହେବ ନାହିଁ, କ୍ଲୋଜିଙ୍ଗ ବାଲାନ୍‌ସ ପରିମାଣ ଏବଂ ପରିଶୋଧ ଅବଧି ଉପରେ ଏକ ସମାନୁପାତିକ ବୃଦ୍ଧି ରୂପରେ ପ୍ରଭାବ ପକାଇବ ନିମ୍ନରେ ଟେବୁଲ ତାଲିକା ଆକାରରେ ଏହା ପ୍ରଦତ୍ତ କରାଯାଉଛି।

| | | | |
|---|---|---|---|
| **ଇଏମଆଇ କାର୍ଡ – ପ୍ରଡକ୍ଟ** | | | |
| **ଇଏଡି** | **2000** | | |
| **କ୍ରୟ ସୀମା** | **48000** | | |
| **ସୁଧ ଟଙ୍କାରେ** | **1.49%** | | |
| **ବିବରଣୀ ତାରିଖ** | **ପ୍ରତିମାସର 20 ତାରିଖ** | | |
| **ନିର୍ଦ୍ଧାରିତ ପୈଠ** | **ପ୍ରତିମାସର ତାରିଖ 7 ତାରିଖ** | | |
| **ପ୍ରାରମ୍ଭିକ ବାଲାନ୍‌ସ ଅର୍ଥ ପରିମାଣ** | **0** | **ପ୍ରାରମ୍ଭିକ ବାଲାନ୍‌ସ ଅର୍ଥ ପରିମାଣ** | **10224.61** |
| କାରବାର ଅର୍ଥ ପରିମାଣ<br>(5 ଜାନୁଆରୀ 2006) | 10000 | କାରବାର ଅର୍ଥ ପରିମାଣ<br>(10 ଫେବୃଆରୀ 2006) | 6000 |
| କାରବାର ଫିସ<br>(5 ଜାନୁଆରୀ 2006) | 149 | କାରବାର ଫିସ<br>(10 ଫେବୃଆରୀ 2006) | 149 |
| ସୁଧ | 75.61 | ସୁଧ | 169.97 |
| କ୍ଲୋଜିଙ୍ଗ ହିସାବ | 10224.61 | କ୍ଲୋଜିଙ୍ଗ ହିସାବ | 14543.58 |
| ବାଲାନ୍‌ସ ପରିମାଣ | | ବାଲାନ୍‌ସ ପରିମାଣ | |
| ପୈଠ କରାଯାଇଥିବା | 2000 | ପୈଠ କରାଯାଇଥିବା | 2000 |
| ଇଏମଆଇ ପରିମାଣ | 2000 | ଇଏମଆଇ ପରିମାଣ | 2000 |

ଆଇସିଆଇସିଆଇ କାର୍ଡ ଆକାଉଣ୍ଟ ଉପରେ ଏକ କ୍ରୟ ସୀମା ନିର୍ଦ୍ଧାରିତ କରିବେ ଯାହା କୌଣସି ସମୟରେ ଅତିକ୍ରମ କରିବା ଅନୁଚିତ। କିନ୍ତୁ ଯଦି ସମୁଦାୟ ବକେୟା ପରିମାଣ କ୍ରୟ ସୀମାରୁ ଅତିକ୍ରମ କରିଯାଏ ସେହି ସମୁଦାୟ ବକେୟା ପରିମାଣ କ୍ରୟ ସୀମାରୁ ଅତିକ୍ରମ କରିଥାଏ ଅଧିକ ପରିମାଣ ଉପରେ ଏକ ଅତିରିକ୍ତ ଚାର୍ଜ ଆଦାୟ କରାଯିବ। ଚାର୍ଜେସ ଅନୁଧ୍ୟାନ ସମ୍ବନ୍ଧୀୟ ବିଶଦ ବିବରଣୀ ପାଇଁ ବାଣିଜ୍ୟ ଶୁଳ୍କ ସଂଯୋଜନ ଦେଖନ୍ତୁ। ଇଏମଆଇ କାର୍ଡସ ନିମନ୍ତେ ଏମଏଡି ପ୍ରଯୁଜ୍ୟ ନୁହେଁ।

୩. ସହାୟକ କାର୍ଡ ବ୍ୟବସ୍ଥା ଏବଂ ବେପାରୀ ଭିତ୍ତିକ ସଂସ୍ଥା ଉପସ୍ଥାପନ ପ୍ରୋଗ୍ରାମ ଜନିତ ସୁବିଧା ଇଏମଆଇ କାର୍ଡ୍ସ ପ୍ରତି ଲାଗୁ କରାଯାଇ ନଥାଏ।

**(XXXV) ଭର୍ଚୁଆଲ କ୍ରେଡିଟ କାର୍ଡ ସମ୍ବନ୍ଧୀୟ ନିୟମାବଳୀ :**

ଏହି ଶବ୍ଦ (''ଟର୍ମସ'') କେବଳ ଭର୍ଚୁଆଲ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା କାର୍ଡଧାରୀ ସଦସ୍ୟଙ୍କ ପ୍ରଯୁଜ୍ୟ ଅଟେ। କ୍ରେଡିଟ କାର୍ଡର ବ୍ୟବହାର ପାଇଁ ଅନ୍ୟାନ୍ୟ ସର୍ତ୍ତ ଓ ନିୟମାବଳୀ ସହିତ ଏହି ସର୍ତ୍ତ ଓ ନିୟମାବଳୀ ସଂଯୋଜିତ। (''ଟର୍ମସ ଆଣ୍ଡ କଣ୍ଡିସନ୍ସ'') ଯେତେବେଳେ ଏହି ''ଟର୍ମସ'' ଏବଂ ''ଟର୍ମସ ଆଣ୍ଡ କଣ୍ଡିସନ୍ସ'' ମଧ୍ୟରେ କୌଣସି ମତଭେଦ ସୃଷ୍ଟି ହୋଉଥାଏ, ସେତେବେଳେ କେବଳ ''ଟର୍ମସ ବା ସର୍ତ୍ତ'' ଶବ୍ଦକୁ ପ୍ରାଧାନ୍ୟ ଦିଆଯାଇଥାଏ।

''ଆକାଉଣ୍ଟ/ଗୁଡ଼ିକର ଅର୍ଥ ହେଉଛି ଆଇସିଆଇସିଆଇ ବ୍ୟାଙ୍କର ଇଣ୍ଟରନେଟ୍ ବ୍ୟାଙ୍କିଂ ପରିଚାଳନା କରୁଥିବା ସର୍ତ୍ତ ଓ ନିୟମାବଳୀ ଏବଂ ଆଇସିଆଇସିଆଇ ସେଭିଂସ ଆକାଉଣ୍ଟର ସର୍ତ୍ତ ଓ ନିୟମାବଳୀରେ ବର୍ଣ୍ଣିତ ଅର୍ଥ ଅନ୍ତର୍ଭୁକ୍ତ।

''ଭର୍ଚୁଆଲ କ୍ରେଡିଟ୍ କାର୍ଡ''ର ଅର୍ଥ ହେଉଛି ପୂର୍ବରୁ କାର୍ଡ ରହିଥିବା ପୁରୁଷ/ମହିଳା ବା ମୂଳ କାର୍ଡଧାରୀ ସଦସ୍ୟଙ୍କୁ ପ୍ରଦାନ କରାଯାଇଥିବା ଅତିରିକ୍ତ କ୍ରେଡିଟ କାର୍ଡ। ଏହି ଅତିରିକ୍ତ କାର୍ଡଟି ଏକ ବୈଦ୍ୟୁତିକ ଚିତ୍ର ବା ଇଲେକ୍ଟ୍ରୋନିକ୍ ଇମେଜ୍ ଆକାରରେ ସୃଷ୍ଟି କରି, ମୂଳ କାର୍ଡଧାରୀ ସଦସ୍ୟଙ୍କର ଆକାଉଣ୍ଟର ଲଗ୍ ଇନ୍ ବିଭାଗରେ ସଂରକ୍ଷିତ ରଖାଯାଇଥାଏ। ବାସ୍ତବରେ  କୌଣସି ପ୍ଲାଷ୍ଟିକ୍ କାର୍ଡ ଭର୍ଚୁଆଲ କ୍ରେଡିଟ୍ କାର୍ଡ କ୍ଷେତ୍ରରେ ପ୍ରଦାନ କରାଯାଇ ନଥାଏ।

''ଭର୍ଚୁଆଲ କ୍ରେଡିଟ କାର୍ଡ ସଦସ୍ୟ''ର ଅର୍ଥ ହେଉଛି ଆଇସିଆଇସିଆଇ ବ୍ୟାଙ୍କର ପ୍ରାଥମିକ ସଦସ୍ୟ ପଦ ପାଇଁ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ଯେଉଁ ପ୍ରାଥମିକ କାର୍ଡଧାରୀ ସଦସ୍ୟମାନଙ୍କୁ ଅତିରିକ୍ତ ବା ଆଡଅନ୍ ଭର୍ଚୁଆଲ କ୍ରେଡିଟ୍ କାର୍ଡ ପ୍ରଦାନ କରାଯାଇଥାଏ।

ଭର୍ଚୁଆଲ କ୍ରେଡିଟ୍ କାର୍ଡ ବ୍ୟବସ୍ଥା ଉପଲବ୍ଧ କରିବ ପାଇଁ ଆବେଦନକାରୀ କାର୍ଡଧାରୀ ସଦସ୍ୟ ଏଠାରେ ତଳେ ଦିଆଯାଇଥିବା ସମସ୍ତ ସର୍ତ୍ତ ଓ ନିୟମାବଳୀ ଗ୍ରହଣ କରିବେ ଏବଂ ପାଳନ କରିବାକୁ ସମ୍ମତି ପ୍ରଦାନ କରିବେ।

ପ୍ରାଥମିକ କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କ ଲଗ୍ ଇନ୍ ସେକ୍ସନ ମାଧ୍ୟମରେ କିମ୍ବା ସମୟାନୁସାରେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ଅନ୍ୟ ମାଧ୍ୟମରେ ଭର୍ଚୁଆଲ କ୍ରେଡିଟ୍ କାର୍ଡ ପାଇଁ ଆବେଦନ କରିବେ। ଭର୍ଚୁଆଲ କ୍ରେଡିଟ୍ କାର୍ଡ ପ୍ରାଥମିକ କାର୍ଡଧାରୀ ସଦସ୍ୟଙ୍କୁ ଅନଲାଇନ୍‌ରେ ତାଙ୍କର ପସନ୍ଦ ମୁତାବକ ବାକି ସୀମା ପର୍ଯ୍ୟନ୍ତ କାରବାର କରାଇବାକୁ ସମର୍ଥ କରାଇଥାଏ। କିନ୍ତୁ ଏହା କୌଣସି ପରିସ୍ଥିତିରେ ତାଙ୍କର କ୍ରେଡିଟ୍ କାର୍ଡର ବାକି ସୀମା ଅତିକ୍ରମ କରିବ ନାହିଁ। ପ୍ରାଥମିକ କାର୍ଡଧାରୀ ସଦସ୍ୟଙ୍କୁ ପ୍ରାଥମିକ କାର୍ଡ ଏବଂ ଭର୍ଚୁଆଲ କ୍ରେଡିଟ୍ କାର୍ଡ ଉଭୟପାଇଁ ଗୋଟିଏ ଦେୟ ବା ଏକାଠି ଦେୟ ପ୍ରଦାନ କରିବାକୁ ପଡିବ।

ଭର୍ଚୁଆଲ କ୍ରେଡିଟ୍ କାର୍ଡ ମାଧ୍ୟମରେ ହୋଇଥିବା କ୍ରୟ ବିଷୟରେ ବିବରଣୀ ବା ଷ୍ଟେଟମେଣ୍ଟରେ ପ୍ରଦର୍ଶିତ ହେବ ଏବଂ ଏଥିପାଇଁ ପ୍ରାଥମିକ କାର୍ଡଧାରୀ ସଦସ୍ୟଙ୍କୁ କୌଣସି ଅଲଗା ଷ୍ଟେଟମେଣ୍ଟ ପଠାଯିବ ନାହିଁ। ପ୍ରାଥମିକ କାର୍ଡଧାରୀ ସଦସ୍ୟ ତାଙ୍କର ବର୍ତ୍ତମାନର ଏବଂ ଅତୀତର ଭର୍ଚୁଆଲ କ୍ରେଡିଟ୍ କାର୍ଡର ବିବରଣୀଗୁଡ଼ିକ ଭର୍ଚୁଆଲ କ୍ରେଡିଟ୍ କାର୍ଡ ଅଧିନରେ ଥିବା ଲିଙ୍କ ଉପରେ କ୍ଲିକ୍ କରି ମଧ୍ୟ ଦେଖିପାରିବେ।

ଅନ୍ୟ କାର୍ଡ ପରି ଭର୍ଚୁଆଲ କ୍ରେଡିଟ୍ କାର୍ଡରେ ସମସ୍ତ ପ୍ରଯୁଜ୍ୟ ବିବରଣୀ ଯେପରିକି କାର୍ଡ ସଂଖ୍ୟା, ଭର୍ଚୁଆଲ କ୍ରେଡିଟ୍ କାର୍ଡର ସମାପ୍ତି ଦିବସ, ସିଭିଭି ଇତ୍ୟାଦି ରହିବ। ଏହା ଆକାଉଣ୍ଟ ସେକ୍ସନର ଭର୍ଚୁଆଲ କ୍ରେଡିଟ୍ କାର୍ଡ ବିଭାଗରେ ଲଗ୍ ଇନ୍ କରି ଦେଖିହେବ। ଭର୍ଚୁଆଲ କ୍ରେଡିଟ୍ କାର୍ଡର ବାକି ସୀମା ପ୍ରାଥମିକ କାର୍ଡ ସହିତ ସମାନ ରହିବ। ଆକାଉଣ୍ଟରେ ଭର୍ଚୁଆଲ କ୍ରେଡିଟ୍ କାର୍ଡ ସେକ୍ସନରେ ଉପଲବ୍ଧ ସୁବିଧାଗୁଡ଼ିକରେ କ୍ଲିକ୍ କରି ଭର୍ଚୁଆଲ କ୍ରେଡିଟ୍ କାର୍ଡକୁ ହଟଲିଷ୍ଟ କରାଯାଇପାରିବ/ ଅବରୋଧ ବା ବ୍ଲକ ମଧ୍ୟ କରାଯାଇପାରିବ। ଯଦି ଭର୍ଚୁଆଲ କ୍ରେଡିଟ୍ କାର୍ଡ ସଦସ୍ୟ ଆକାଉଣ୍ଟ/ଗୁଡ଼ିକୁ ବନ୍ଦ କରିଦିଅନ୍ତି ତେବେ ଭର୍ଚୁଆଲ କ୍ରେଡିଟ୍ କାର୍ଡ ବ୍ୟବସ୍ଥାର ସ୍ଥିତି ଜାରି ରହିବ।

ଭର୍ଚୁଆଲ କ୍ରେଡିଟ୍ କାର୍ଡର ବ୍ୟବହାର କେବଳ ଅନଲାଇନ୍ କାରବାର ପାଇଁ ସୀମିତ ରହିବ। ପ୍ରାଥମିକ କାର୍ଡଧାରୀ ସଦସ୍ୟ ସଚେତନ ଯେ ଅନଲାଇନ୍ କାରବାର କ୍ଷେତ୍ରରେ ଭର୍ଚୁଆଲ କ୍ରେଡିଟ୍ କାର୍ଡ ମାଧ୍ୟମରେ କୌଣସି କ୍ରୟ କଲାବେଳେ ପ୍ରାଥମିକ କାର୍ଡଧାରୀ ସଦସ୍ୟଙ୍କୁ କୌଣସି ଚାର୍ଟସ୍ଲିପ୍‌ରେ ସ୍ୱାକ୍ଷର କରିବାକୁ ପଡି ନଥାଏ। ପ୍ରାଥମିକ କାର୍ଡଧାରୀ ସଦସ୍ୟ ଏହା ଗ୍ରହଣ କରିଛନ୍ତି ଯେ, ଯେ କୌଣସି ପରିସ୍ଥିତିରେ ଯଦି ଏ କ୍ଷେତ୍ରରେ କୌଣସି କ୍ରୟ ବା ଦେୟର ବୈଧତା ଏବଂ ସଠିକତା ବାବଦରେ ବିବାଦ ସୃଷ୍ଟି ହୁଏ ସେ କ୍ଷେତ୍ରରେ ଆଇସିଆଇସିଆଇ ଆଦୌ ଦାୟୀ ରହିବେ ନାହିଁ। ପ୍ରାଥମିକ କାର୍ଡଧାରୀ ସଦସ୍ୟ ଆଇସିଆଇସିଆଇ ବ୍ୟାଙ୍କକୁ ସମସ୍ତ ବକେୟା ଦେୟ ପ୍ରଦାନ କରିବେ। ଏଥିପାଇଁ କୌଣସି ପରିସ୍ଥିତି ଆଇସିଆଇସିଆଇ ବ୍ୟାଙ୍କକୁ ଦାୟୀ/ଉତ୍ତରଦାୟୀ କରିବେ ନାହିଁ। ଯଦି କୌଣସି ବ୍ୟବସାୟ ପ୍ରତିଷ୍ଠାନ ଭର୍ଚୁଆଲ କ୍ରେଡିଟ୍ କାର୍ଡ ମାଧ୍ୟମରେ ଦେୟ ଗ୍ରହଣ କରିବାକୁ ଅସ୍ୱୀକାର କରନ୍ତି ତେବେ ସେଥିପାଇଁ ଆଇସିଆଇସିଆଇ ଦାୟୀ ରହିବ ନାହିଁ। ଭର୍ଚୁଆଲ କ୍ରେଡିଟ୍ କାର୍ଡ ସଦସ୍ୟମାନଙ୍କୁ ଅନଲାଇନ୍‌ରେ ଦେୟ ପ୍ରଦାନ କରିବା ବ୍ୟବସ୍ଥା ଯୋଗାଇ ଦେବା ପାଇଁ ଭର୍ଚୁଆଲ କ୍ରେଡିଟ୍ କାର୍ଡ ବ୍ୟବସ୍ଥା ଆରମ୍ଭ କରାଯାଇଛି ଏବଂ ଏହା କୌଣସି ପ୍ରକାରେ ଭର୍ଚୁଆଲ କ୍ରେଡିଟ୍ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ସଂପାଦିତ କାରବାରର ମାନ, ସୁରକ୍ଷା ବା ବୈଧତାକୁ ନିଶ୍ଚିତ କରେନାହିଁ।

ଭର୍ଚୁଆଲ କ୍ରେଡିଟ୍ କାର୍ଡ ବ୍ୟବହାର ପାଇଁ ଏହି ସର୍ତ୍ତ ଓ ନିୟାମାବଳୀ ଗ୍ରହଣ କରିବାକୁ ପଡିବ। ଭର୍ଚୁଆଲ କ୍ରେଡିଟ୍ କାର୍ଡଧାରୀ ସଦସ୍ୟମାନେ ଏହି ସର୍ତ୍ତ ଓ ନିୟମାବଳୀ ପ୍ରତି ପ୍ରତିଶ୍ରୁତିବଦ୍ଧ/ଉତ୍ତରଦାୟୀ ସେ ପୁରୁଷ/ମହିଳା ଭର୍ଚୁଆଲ କ୍ରେଡିଟ୍ କାର୍ଡ ବ୍ୟବହାରଜନିତ ସମସ୍ତ ଦେୟ ପ୍ରଦାନ କରିବା ପାଇଁ ନିଶ୍ଚିତ କରିବେ। ଏହି ଭର୍ଚୁଆଲ କ୍ରେଡିଟ୍ କାର୍ଡ  ବ୍ୟବସ୍ଥା ହେଉଛି ଏକ ବିଶେଷ ପ୍ରକାର ବ୍ୟବସ୍ଥା ଏଥିପାଇଁ ସମୟ ସମୟରେ ଦେୟ/ମୂଲ୍ୟ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ କରାଯିବ।

**(XXXVI) ଇନଷ୍ଟାଣ୍ଟ ବା ତୁରନ୍ତ କ୍ରେଡିଟ୍ କାର୍ଡ ନିୟମାବଳୀ**

1. ଏହି ସର୍ତ୍ତ ଓ ନିୟମାବଳୀଗୁଡ଼ିକ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ତୁରନ୍ତ କ୍ରେଡିଟ୍ କାର୍ଡ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ଏବଂ ନିୟନ୍ତ୍ରିତ କରିବା ପାଇଁ ପ୍ରଯୁଜ୍ୟ ଏବଂ ଏହା ସହିତ ଏହା ଆଇସିଆଇସିଆଇ ବ୍ୟାଙ୍କର କ୍ରେଡିଟ୍ କାର୍ଡ ବ୍ୟବସ୍ଥାକୁ ପରିଚାଳିତ କରୁଥିବା ସର୍ତ୍ତ ଓ ନିୟମାବଳୀ ଏବଂ ଆଇସିଆଇସିଆଇ ବ୍ୟାଙ୍କର ସ୍ଥିରୀକୃତ ଜମା (''ପ୍ରାଥମିକ ସର୍ତ୍ତ ଓ ନିୟମାବଳୀ'')କୁ ପରିଚାଳିତ କରୁଥିବା ସର୍ତ୍ତ ଓ ନିୟମାବଳୀ ମଧ୍ୟ ପ୍ରଯୁଜ୍ୟ ହେବ। ଏହା www.icicibank.com ରେ ଉପଲବ୍ଧ। ଏହି ସର୍ତ୍ତ ଓ ନିୟମାବଳୀ ମଧ୍ୟରେ କୌଣସି ବିରୋଧାଭାଷ ପ୍ରତୀୟମାନ ହେଲେ ସର୍ତ୍ତକୁ ପ୍ରାଧାନ୍ୟ ଦିଆଯିବ। ଏଠାରେ ବଡ଼ ବଡ଼ ଅକ୍ଷରରେ ଚିହ୍ନିତ ସମସ୍ତ ଶବ୍ଦର ଅର୍ଥ ପ୍ରାଥମିକ ସର୍ତ୍ତ ଓନିୟମାବଳୀ ଅଧିନରେ ନିର୍ଦ୍ଧାରିତ ଅର୍ଥ ସହିତ ସମାନ ରହିବ।

2. ''କାର୍ଡଧାରୀ'' ଜଣେ ବ୍ୟକ୍ତି ଯାହାଙ୍କର ଆଇସିଆଇସିଆଇ ବ୍ୟାଙ୍କରେ ଏକ ସ୍ଥିରୀକୃତ ଜମା ରହିଛି ଏବଂ ସେ ଆଇସିଆଇସିଆଇ ବ୍ୟାଙ୍କ ତୁରନ୍ତ କ୍ରେଡିଟ୍ କାର୍ଡ ପାଇଁ ଆବେଦନ କରିଛନ୍ତି ଏବଂ ତାଙ୍କୁ ଏଠାରେ ନିର୍ଦ୍ଦିଷ୍ଟ କରାଯାଇଥିବା କ୍ରେଡିଟ୍ କାର୍ଡର ପ୍ରାଥମିକ ସର୍ତ୍ତ ଓ ନିୟମାବଳୀ ଅନୁସାରେ ଇନ୍‌ଷ୍ଟାଣ୍ଟ କ୍ରେଡିଟ୍ କାର୍ଡ ଇସ୍ୟୁ କରାଯାଇଛି।

3.ଇନଷ୍ଟାଣ୍ଟ କ୍ରେଡିଟ୍ କାର୍ଡର ଅର୍ଥ ଆଇସିଆଇସିଆଇ ବ୍ୟାଙ୍କରେ କାର୍ଡଧାରୀଙ୍କର ସ୍ଥିରୀକୃତ ଜମାକୁ ଦୃଷ୍ଟିରେ ରଖି କାର୍ଡଧାରୀଙ୍କୁ ପ୍ରଦାନ କରାଯାଇଥିବା ଇନଷ୍ଟାଣ୍ଟ କ୍ରେଡିଟ୍ କାର୍ଡ।

4.ଇନଷ୍ଟାଣ୍ଟ କ୍ରେଡିଟ୍ କାର୍ଡ ବ୍ୟବସ୍ଥା ଉପଲବ୍ଧ କରିବା ନିମନ୍ତେ କାର୍ଡଧାରୀଙ୍କୁ ଆଇସିଆଇସିଆଇ ବ୍ୟାଙ୍କରେ ସର୍ବନିମ୍ନ 20ହଜାର ଟଙ୍କାର ସ୍ଥିରୀକୃତ ଜମା ରଖିବାକୁ ପଡିବ।

5.ସ୍ଥିରୀକୃତ ଜମା ରାଶିର ପଞ୍ଚାଅଶୀ (୫5%) ପର୍ଯ୍ୟନ୍ତ ତୁରନ୍ତ ଇନଷ୍ଟାଣ୍ଟ କ୍ରେଡିଟ୍ କାର୍ଡରେ ବାକି ସୀମା ଉପଲବ୍ଧ ହୋଇପାରିବ। ଏ କ୍ଷେତ୍ରରେ ସର୍ବନିମ୍ନ ବାକି ସୀମା ରହିବ 17.000ଟଙ୍କା ଏବଂ ସର୍ବାଧିକ 2ଲକ୍ଷ ଟଙ୍କା। ସମୟ ସମୟରେ ଆଇସିଆଇସିଆଇ ବ୍ୟାଙ୍କର ନିଜସ୍ୱ ଅଧିକାର ବଳରେ ଆଇସିଆଇସିଆଇ ଏହି ବାକି ସୀମାରେ ପରିବର୍ତ୍ତନ କରିପାରନ୍ତି ଏବଂ ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀଙ୍କୁ କାର୍ଡଧାରୀଙ୍କ ଦ୍ୱାରା ବ୍ୟବହୃତ ମାଧ୍ୟମରେ ବା ଅନ୍ୟ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ବ୍ୟବହୃତ ବ୍ୟବସ୍ଥା ମାଧ୍ୟମରେ ଜଣାଇଦେବେ।

6. କାର୍ଡଧାରୀ ସ୍ଥିରୀକୃତ ଜମାକୁ ଏକ ନିର୍ଦ୍ଧାରିତ ଧାରାରେ ସ୍ଥାନିତ କରିବେ ଏବଂ ସମୟ ସମୟରେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଉଥିବା ବିଭିନ୍ନ ପ୍ରକାରର କାଗଜପତ୍ର ଦାଖଲ କରିବେ। ଆଇସିଆଇସିଆଇ ବ୍ୟାଙ୍କ ତାଙ୍କ ନିଜସ୍ୱ ଅଧିକାର ବଳରେ ଆବଶ୍ୟକ ଜମା ରାଶିକୁ କେବଳ ଏକ ଆଇସିଆଇସିଆଇ ବ୍ୟାଙ୍କ ଶାଖାରେ କିମ୍ବା ଅନ୍ୟ ବିକଳ୍ପ ବ୍ୟବସ୍ଥାରେ ଯେପରି ନିଷ୍ପତ୍ତି କରିବେ ସେପରି ଜମା କରିବାକୁ କହିପାରନ୍ତି। ଏ ବାବଦରେ ଆଇସିଆଇସିଆଇ ବ୍ୟାଙ୍କ କାର୍ଡଧାରୀଙ୍କୁ ସମୟ ସମୟରେ ଜଣାଇଦେବେ। ସ୍ଥିରୀକୃତ ଜମା ଏପରି ଖୋଲାଯିବା ଉଚିତ୍ ଯେ ଏହା କେବଳ ଅଟୋ ରିନ୍ୟୁଆଲ ବା ସ୍ୱତଃ ପୁନଃସ୍ଥାପନ ବ୍ୟବସ୍ଥାରେ ରହିବ। ଯଦି କାର୍ଡଧାରୀ/ଆଇସିଆଇସିଆଇ ବ୍ୟାଙ୍କ କାର୍ଡକୁ ରଦ୍ଦ କରିଦିଅନ୍ତି ତେବେ କାର୍ଡଧାରକଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶ ଅନୁସାରେ ତୁରନ୍ତ କ୍ରେଡିଟ୍ କାର୍ଡ ସହିତ ସଂଯୋଜିତ ସ୍ଥିରୀକୃତ ଜମା ସ୍ଥାନିତ କରାଯିବ।

7. ଇନଷ୍ଟାଣ୍ଟ କ୍ରେଡିଟ୍ କାର୍ଡ ଜାରି ହେବା ପରେ କାର୍ଡଧାରୀଙ୍କ ଦ୍ୱାରା ଜମା କରାଯାଇଥିବା ସମଗ୍ର ସ୍ଥିରୀକୃତ ରାଶି ସହିତ କାର୍ଡଧାରୀଙ୍କ ଦ୍ୱାରା ଅର୍ଜିତ ସୁଧ ହାର ଉପରେ ଇନଷ୍ଟାଣ୍ଟ କ୍ରେଡିଟ୍ କାର୍ଡ ବନ୍ଦ ହେଲା ପର୍ଯ୍ୟନ୍ତ/ସ୍ଥିରୀକୃତ ଜମା ପରିପକ୍ୱ ହେବା ପର୍ଯ୍ୟନ୍ତ ବା ମ୍ୟାଚ୍ୟୁଅର ହେବା ପର୍ଯ୍ୟନ୍ତ ଉଭୟ କ୍ଷେତ୍ରରେ ଆଇସିଆଇସିଆଇ ବ୍ୟାଙ୍କର ଅଧିକାରରେ ରହିବ।

8. ଯଦି ଆବେଦନକାରୀଙ୍କର ଆଇସିଆଇସିଆଇ ବ୍ୟାଙ୍କରେ ଏକ ସ୍ଥିରୀକୃତ ଜମା ରହିଛି ତେବେ ତାହାକୁ କାର୍ଡଧାରୀଙ୍କର ତୁରନ୍ତ କ୍ରେଡିଟ୍ କାର୍ଡ ଆକାଉଣ୍ଟ ସହିତ ସଂଯୋଜିତ କରାଯିବ ଏବଂ ସ୍ଥିରୀକୃତ ଜମା ରାଶିକୁ ସ୍ୱତଃ ପୁନଃସ୍ଥାପନ ବ୍ୟବସ୍ଥାକୁ ତୁରନ୍ତ ରୂପାନ୍ତରିତ କରାଯିବ। ଯେଉଁ ସମୟରେ ସ୍ଥିରୀକୃତ ଜମାକୁ ପୁନଃ ସଂସ୍ଥାପନ ବ୍ୟବସ୍ଥାରେ ରେକର୍ଡଭୁକ୍ତ କରାଯିବ ସେହି ସମୟରେ ସ୍ଥିରୀକୃତ ଜମା ପ୍ରତି ପ୍ରଯୁଜ୍ୟ ସୁଧ ହାର ଲାଗୁ ହେବ।

9. କାର୍ଡଧାରୀ ତୁରନ୍ତ କ୍ରେଡିଟ୍ କାର୍ଡ ସହିତ ସଂଯୋଜିତ ସ୍ଥିରୀକୃତ ଜମାରାଶି ଆଂଶିକ ଭାବରେ ବା ସଂପୂର୍ଣ୍ଣ ଉଠାଇ ପାରିବେ ନାହିଁ।

10. ଯାହା ଅବିଭକ୍ତ ହିନ୍ଦୁ ପରିବାର ଅଧିନରେ, ଅଂଶୀଦାରୀରେ ଗଠିତ ଫାର୍ମ ଅଧିନରେ, ନାବାଳକ କିମ୍ବା ଯୌଥ ଆବେଦନକାରୀଙ୍କ କ୍ଷେତ୍ରରେ ରହିଥିବା ସ୍ଥିରୀକୃତ ଜମା ରାଶିକୁ ତୁରନ୍ତ କ୍ରେଡିଟ୍ କାର୍ଡ ସହିତ ସଂଯୋଜିତ କରିଯାଇ ପାରିବ ନାହିଁ। କେବଳ ଯେଉଁ ସ୍ଥିରୀକୃତ ଜମା ରାଶିଗୁଡ଼ିକ କେବଳ ଜଣେ ବ୍ୟକ୍ତିଙ୍କ ନାମରେ ରହିଥିବ ତାହା ତୁରନ୍ତ କ୍ରେଡିଟ୍ କାର୍ଡ ବ୍ୟବସ୍ଥା ପାଇଁ ଯୋଗ୍ୟ ହେବ।

11.ସ୍ଥିରୀକୃତ ଜମା ବ୍ୟବସ୍ଥା ପାଇଁ ନୋମିନେସନ ସୁବିଧା ଉପଲବ୍ଧ ହେବ।

12. ତୁରନ୍ତ କ୍ରେଡିଟ୍ କାର୍ଡ କିମ୍ବା ସ୍ଥିରୀକୃତ ଜମା ରାଶିର ସମାପ୍ତି/ ପ୍ରତ୍ୟାହାର/ରଦ୍ଦ କ୍ଷେତ୍ରରେ ଯଦି କାର୍ଡଧାରୀ ଧାର୍ଯ୍ୟ ପୈଠ ତାରିଖର 60ଦିନ ମଧ୍ୟରେ ଇନଷ୍ଟାଣ୍ଟ କ୍ରେଡିଟ୍ କାର୍ଡର ସମସ୍ତ ବକେୟା ଅର୍ଥ ଓ ଅନ୍ୟାନ୍ୟ ଦେୟ ପ୍ରଦାନ କରିବାକୁ ବିଫଳ ହୁଅନ୍ତି ତେବେ ଆଇସିଆଇସିଆଇ ବ୍ୟାଙ୍କ ସର୍ତ୍ତାବଳୀ ଅନୁସାରେ ଯେ କୌଣସି ସମୟରେ ସ୍ଥିରୀକୃତ ଜମା ରାଶିର ୨5% ନିଜ ଅଧିକାରକୁ ନେଇପାରିବ ଏବଂ ସମସ୍ତ ସ୍ଥିରୀକୃତ ଜମା ରାଶି ସହିତ ଏଥିରେ ଅର୍ଜିତ ସୁଧକୁ ନଗଦ ଆକାରରେ ରୂପାନ୍ତରିତ କରି ଇନଷ୍ଟାଣ୍ଟ କାର୍ଡ ଅଧିନରେ ଥିବା ଦେୟ ଗ୍ରହଣ କରିପାରିବା। ଯଦି ଏହି ଦେୟ ପରିଶୋଧ ପରେ କିଛି ରାଶି ବଳକା ରହେ ତାହା କାର୍ଡଧାରୀଙ୍କୁ ଫେରାଇ ଦିଆଯିବ।

13. ସ୍ଥିରୀକୃତ ଜମା ରାଶି ଉପରେ ଲାଏନ୍ ବା ଅଧିକାର ଚିହ୍ନିତ ହେଲା ପରେ ଇନଷ୍ଟାଣ୍ଟ କ୍ରେଡିଟ୍ କାର୍ଡକୁ କାର୍ଯ୍ୟକ୍ଷମ କରାଯାଇଥାଏ।

## (XXXVII) କର୍ପୋରେଟ୍ କ୍ରେଡିଟ୍ କାର୍ଡ ନିୟମାବଳୀ

ଏହି ସର୍ତ୍ତାବଳୀଗୁଡ଼ିକ (ଟର୍ମସ) କର୍ପୋରେଟ୍ କ୍ରେଡିଟ୍ କାର୍ଡଧାରୀ ସଦସ୍ୟଙ୍କ ପାଇଁ ଲାଗୁ ହେବ। ଏହି ସର୍ତ୍ତ ଓ ନିୟମାବଳୀଗୁଡ଼ିକ କ୍ରେଡିଟ୍ କାର୍ଡ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଅନ୍ୟ ସର୍ତ୍ତ ଓ ନିୟମାବଳୀ ସହିତ ଲାଗୁ ହେବ। ଯଦି ଏହି ସର୍ତ୍ତଗୁଡ଼ିକ ମଧ୍ୟରେ କୌଣସି ବିରୋଧାଭାଷ ଦେଖାଯାଏ ତେବେ ପ୍ରାଥମିକ ସର୍ତ୍ତଗୁଡ଼ିକୁ ପ୍ରାଧାନ୍ୟ ମିଳିବ। କର୍ପୋରେଟ୍ କ୍ରେଡିଟ୍ କାର୍ଡ କାର୍ଡଧାରୀଙ୍କ ପାଇଁ ଏକ ବ୍ୟକ୍ତିଗତ ଦାୟିତ୍ୱ ବିଶିଷ୍ଟ କାର୍ଡ ( "CCIL" ) । କିମ୍ବା କର୍ପୋରେଟ୍ କାର୍ଡ ସହିତ କର୍ପୋରେଟ୍ ଦାୟିତ୍ୱବୋଧ ଯାହାକି ଉଭୟ କାର୍ଡଧାରକ ଏବଂ କମ୍ପାନି ପାଇଁ ଦାୟୀ ରହିଥାଏ। ଆଇସିଆଇସିଆଇ ବ୍ୟାଙ୍କ ଯେଉଁ ଆବେଦନ ପତ୍ରଗୁଡ଼ିକ ଅନୁମୋଦନ କରିବ ତାଙ୍କୁ ଏହି କାର୍ଡ ପ୍ରଦାନ କରିପାରିବ। ଅନ୍ୟଥା ପ୍ରତ୍ୟେକ କାର୍ଡରେ ଉଭୟ କାର୍ଡଧାରୀ ଏବଂ କମ୍ପାନିଙ୍କର ନାମ ଖୋଦିତ ହୋଇ ରହିବ। ଆଇସିଆଇସିଆଇ ବ୍ୟାଙ୍କ ଖାରଜ ଖଣ୍ଡରେ ନିମ୍ନରେ ବର୍ଣ୍ଣିତ ନିୟମ ଅନୁସାରେ ଆଇସିଆଇସିଆଇ ବ୍ୟାଙ୍କ କାର୍ଡଗୁଡ଼ିକ ପୁନଃସ୍ଥାପନ/ପରିବର୍ତ୍ତନ ବା ଖାରଜ କରିପାରିବ।

## (XXXVIII) ସ୍ଥିରୀକୃତ ଜମା କ୍ରେଡିଟ୍ କାର୍ଡ ନିୟମାବଳୀ

ସ୍ଥିରୀକୃତ ଜମା କ୍ରେଡିଟ୍ କାର୍ଡର ଅର୍ଥ ହେଉଛି ଏକ କ୍ରେଡିଟ୍ କାର୍ଡ ଯାହାକି ଆଇସିଆଇସିଆଇ ବ୍ୟାଙ୍କରେ କାର୍ଡଧାରୀଙ୍କର ସ୍ଥିରୀକୃତ ଜମାକୁ ଦୃଷ୍ଟିରେ ରଖି କାର୍ଡଧାରୀଙ୍କୁ ପ୍ରଦାନ କରାଯାଇଥାଏ।(ବର୍ତ୍ତମାନଠାରୁ ଫିକ୍ସ ଡିପୋଜିଟ୍ କ୍ରେଡିଟ୍ କାର୍ଡ ଭାବରେ ବିଦିତ ହେବ) । ସ୍ଥିରୀକୃତ କ୍ରେଡିଟ୍ କାର୍ଡ ବ୍ୟବସ୍ଥା ଉପଲବ୍ଧ

କରିବା ନିମନ୍ତେ କାର୍ଡଧାରୀଙ୍କୁ ଆଇସିଆଇସିଆଇ ବ୍ୟାଙ୍କରେ ସର୍ବନିମ୍ନ 20ହଜାର ଟଙ୍କାର ସ୍ଥିରୀକୃତ ଜମା ରଖିବାକୁ ପଡିବ । ଏହି ନିର୍ଦ୍ଧାରିତ ସ୍ଥିରୀକୃତ ଜମା ରାଶି ଆଇସିଆଇସିଆଇ ବ୍ୟାଙ୍କ ନିଜସ୍ୱ କ୍ଷମତା ବଳରେ ସମୟ ସମୟରେ ପରିବର୍ତ୍ତନ କରିପାରନ୍ତି । ସ୍ଥିରୀକୃତ ଜମା ରାଶିର ପଞ୍ଚାଅଶୀ (85%) ପର୍ଯ୍ୟନ୍ତ ତୁରନ୍ତ ସ୍ଥିରୀକୃତ ଜମା କ୍ରେଡିଟ୍ କାର୍ଡରେ ବାକି ସୀମା ଉପଲବ୍ଧ ହୋଇପାରିବ । ସମୟ ସମୟରେ ଆଇସିଆଇସିଆଇ ବ୍ୟାଙ୍କର ନିଜସ୍ୱ ଅଧିକାର ବଳରେ ଆଇସିଆଇସିଆଇ ଏହି ବାକି ସୀମାରେ ପରିବର୍ତ୍ତନ କରିପାରନ୍ତି । ସ୍ଥିରୀକୃତ ଜମାରାଶି କ୍ରେଡିଟ୍ କାର୍ଡ ସୁବିଧା ଉପଲବ୍ଧ କରିବା ନିମନ୍ତେ ସ୍ଥିରୀକୃତ ଜମା ଉଦ୍ଦେଶ୍ୟରେ ଆବେଦନକାରୀଙ୍କୁ ଏକ ନିର୍ଦ୍ଧାରିତ ଆବେଦନ ପତ୍ରରେ ବା ସମୟ ସମୟରେ ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା ନିର୍ଦ୍ଧାରିତ ମାଧ୍ୟମରେ ଆବେଦନ କରିପାରିବେ । ଏହି ସ୍ଥିରୀକୃତ ଜମା ଖୋଲାହେଲା ପରେ ବାର୍ଷିକ ଭିତ୍ତିରେ ପୁନଃସ୍ଥାପନ କରାଯିବ ଏବଂ ଏହା ସହିତ ଅତିରିକ୍ତ ସର୍ତ୍ତ ଓ ନିୟମାବଳୀ, କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ସର୍ତ୍ତ ଓନିୟମାବଳୀ ଏବଂ ସ୍ଥିରୀକୃତ ଜମା ସମ୍ବନ୍ଧୀୟ ସର୍ତ୍ତ ଓ ନିୟମାବଳୀ ଯାହାକି www.icicibank.com, ରେ ଉପଲବ୍ଧ ପ୍ରଯୁଜ୍ୟ ହେବ । ସ୍ଥିରୀକୃତ ଜମା ରାଶି କ୍ରେଡିଟ୍ କାର୍ଡ ଜାରି କରିବା କ୍ଷେତ୍ରରେ ଆଇସିଆଇସିଆଇ ଜମା ହୋଇଥିବା ସମସ୍ତ ସ୍ଥିରୀକୃତ ଜମା ରାଶି ଉପରେ ଅଧିକାର ରଖିବ । କିନ୍ତୁ କାର୍ଡଧାରୀଙ୍କ ଦ୍ୱାରା ଅର୍ଜିତ ସୁଧ ଏହାର ଅନ୍ତର୍ଭୁକ୍ତ ହେବ ନାହିଁ । ଏହି ବ୍ୟବସ୍ଥା ସ୍ଥିରୀକୃତ ଜମା ରାଶି କ୍ରେଡିଟ୍ କାର୍ଡ କିମ୍ବା ସ୍ଥିରୀକୃତ ରାଶି ସମାପ୍ତ ହେଲା ପର୍ଯ୍ୟନ୍ତ ପ୍ରଯୁଜ୍ୟ ହେବ । ଯଦି ଆବେଦନକାରୀଙ୍କର ଆଇସିଆଇସିଆଇ ବ୍ୟାଙ୍କରେ ଏକ ସ୍ଥିରୀକୃତ ଜମା ରହିଛି ତେବେ ତାହାକୁ ଆବେଦନକାରୀଙ୍କର କାର୍ଡ ଆକାଉଣ୍ଟ ସହିତ ସଂଯୋଜିତ କରାଯିବ ଏବଂ ସ୍ଥିରୀକୃତ ଜମା ରାଶିକୁ ସ୍ୱତଃ ପୁନଃ ସ୍ଥାପନ ଧାରାରେ ତୁରନ୍ତ ରୂପାନ୍ତରିତ କରାଯିବ । ଏହି ସ୍ଥିରୀକୃତ ଜମା ଯଦି ହିନ୍ଦୁ ଅବିଭକ୍ତ ପରିବାର, ଅଂଶୀଦାରୀ ଫାର୍ମ ଅଧିନରେ ଖୋଲାଯାଇଥିବ ତେବେ ତାହା ସ୍ଥିରୀକୃତ ଜମା ରାଶି କ୍ରେଡିଟ୍ କାର୍ଡ ପାଇଁ ଯୋଗ୍ୟ ହେବ ନାହିଁ । ଯଦି ଆବେଦନକାରୀ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହିତ ଯୁଗ୍ମ ଭାବରେ ଏକ ସ୍ଥିରୀକୃତ ଜମା ରାଶି ଖୋଲନ୍ତି ତେବେ ସ୍ଥିରୀକୃତ ଜମା ରାଶି କ୍ରେଡିଟ୍ କାର୍ଡ କେବଳ ପ୍ରାଥମିକ ଆକାଉଣ୍ଟଧାରୀଙ୍କୁ ପ୍ରଦାନ କରାଯିବ ଏବଂ ଏ ବାବଦରେ ସବିଶେଷ ବିବରଣୀ ଆବେଦନପତ୍ରରେ ପ୍ରଦାନ କରାଯାଇଛି ।

ଆବେଦନକାରୀ ତାଙ୍କ ଦ୍ୱାରା ଜମା କରାଯାଇଥିବା ସ୍ଥିରୀକୃତ ରାଶି ନିମନ୍ତେ ନୋମିନେସନ ଚୟନ କରିବାର ଅଧିକାର ହରାଇବେ ନାହିଁ । ଯଦି କାର୍ଡଧାରୀ ସ୍ଥିରୀକୃତ ଜମାରାଶିରୁ ଟଙ୍କା ଉଠାଇବାକୁ ଚାହାନ୍ତି କିମ୍ବା ଏହାକୁ ସମାପ୍ତ କରିଦେବାକୁ ଚାହାନ୍ତି କିମ୍ବା କାର୍ଡଧାରୀ/ଆଇସିଆଇସିଆଇ ବ୍ୟାଙ୍କ ସ୍ଥିରୀକୃତ ଜମା ରାଶି କ୍ରେଡିଟ୍ କାର୍ଡକୁ ବନ୍ଦ କରିଦିଅନ୍ତି କିମ୍ବା କାର୍ଡଧାରୀଙ୍କ ମୃତ୍ୟୁକ୍ଷେତ୍ରରେ ସ୍ଥିରୀକୃତ ଜମା ଖାରଜ କରାଗଲେ, କାର୍ଡଧାରୀ/ନୋମିନୀ ପୈଠ କରିବାକୁ ଥିବା ଆଇସିଆଇସିଆଇ ବ୍ୟାଙ୍କର ସମସ୍ତ ଦେୟ କାଟିନିଆଯିବା ପରେ ଅବଶିଷ୍ଟ ରାଶି ଓ ଅର୍ଜିତ ସୁଧ ପାଇବା ପାଇଁ ଯୋଗ୍ୟ ହେବେ । ସ୍ଥିରୀକୃତ ଜମା ରାଶି କ୍ରେଡିଟ୍ କାର୍ଡ କାର୍ଡଧାରୀଙ୍କ ମୃତ୍ୟୁ କ୍ଷେତ୍ରରେ ସମାପ୍ତ ହୋଇଯିବ ।

ଯଦି କାର୍ଡଧାରୀ ସ୍ଥିରୀକୃତ ଜମାରାଶି କ୍ରେଡିଟ୍ କାର୍ଡର ଦେୟ ନିର୍ଦ୍ଧାରିତ ପୈଠ ତାରିଖର ୨୦ଦିନ ମଧ୍ୟରେ ପ୍ରଦାନ କରିବାକୁ ବିଫଳ ହୁଅନ୍ତି ସେ କ୍ଷେତ୍ରରେ ଆଇସିଆଇସିଆଇ ସମସ୍ତ ନିର୍ଦ୍ଧାରିତ ରାଶିକୁ ନଗଦ ରାଶିରେ ରୂପାନ୍ତରିତ କରିବାର ଅଧିକାର ରଖନ୍ତି ଏବଂ ଆଇସିଆଇସିଆଇ ବ୍ୟାଙ୍କର ସମସ୍ତ ଦେୟ ଏବଂ ସ୍ଥିରୀକୃତ ଜମା ରାଶି କ୍ରେଡିଟ୍ କାର୍ଡର ଚାର୍ଜ ଇତ୍ୟାଦି କାଟିନେବେ । କେବଳ ଅବଶିଷ୍ଟାଂଶ ରାଶି କାର୍ଡଧାରୀଙ୍କୁ ଫେରାଇଦେବେ । ସ୍ଥିରୀକୃତ ଜମାରାଶି କ୍ରେଡିଟ୍ କାର୍ଡକୁ କେବଳ ସ୍ଥିରୀକୃତ ଜମାରାଶି ଆକାଉଣ୍ଟ ଖୋଲାଗଲା ପରେ ହିଁ କାର୍ଯ୍ୟକ୍ଷମ କରାଯାଇପାରିବ ।

**ସଂଜ୍ଞାମାନ :**

''କାର୍ଡ ଆକାଉଣ୍ଟ'' ଅର୍ଥ କମ୍ପାନିଙ୍କ ନାମରେ ଖୋଲାଯାଇଥିବା ଆକାଉଣ୍ଟ ଏବଂ ଯାହା କର୍ପୋରେଟ କ୍ରେଡିଟ କାର୍ଡ ଉଦ୍ଦେଶ୍ୟରେ ଆଇସିଆଇସିଆଇ ବ୍ୟାଙ୍କଦ୍ୱାରା ପରିଚାଳିତ କରାଯାଇଥାଏ । ଏଥି ସକାଶେ ତତ୍ ସଂଲଗ୍ନ ସମସ୍ତ ଚୁକ୍ତି ଏବଂ ସର୍ତ୍ତାବଳୀଗୁଡିକ ମଧ୍ୟ କର୍ପୋରେଟ କ୍ରେଡିଟକାର୍ଡ ପାଇଁ ଲାଗୁ କରାଯାଇଥାଏ ।

''ସର୍ଭିସେସ'' (ସେବା) ଅର୍ଥ ଭିସା ଇନ୍‌ଫର୍ମେସନ ମ୍ୟାନେଜମେଣ୍ଟ ସର୍ଭିସେସ୍ ଯେଉଁଥିରେ ଡାଟା ସର୍ଭିସେସ ଏବଂ କପିରାଇଟେଡ ଅନ୍-ଲାଇନ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି, ଏହାକୁ ଭିସା ଇନଫର୍ମେସନ ଉତ୍ସ (ସୋର୍ସ) (''ଭିଆଇଏସ'') ତତ୍ ବ୍ୟତୀତ ଭିସା ମଲ୍‌ଟିନ୍ୟାସନାଲ ରିପୋର୍ଟିଙ୍ଗ (''ଭିଏମଆର''), ଭିସା ଟ୍ରାଭେଲ ଆକାଉଣ୍ଟ ମ୍ୟାନେଜର (''ଭିଟିଏଏମ'') ଏବଂ ଆନହାନ୍‌ସଡ ଡାଟା ସର୍ଭିସେସ (''ଇଡିସି'') ଇତ୍ୟାଦି ନାମରେ ନାମିତ କରାଯାଇଛି । ତତ୍ ସହିତ ସମସ୍ତ ଆନୁସଙ୍ଗିକ ଡକ୍ୟୁମେଣ୍ଟେସନ, ଫାଇଲ୍‌ସ, ଡାଟା (ତଥ୍ୟ) ଏବଂ ବିଷୟବସ୍ତୁଗୁଡିକୁ ଆଧୁନୀକିକରଣ ତଥା ପରିବୃଦ୍ଧି କରାଯାଇଥାଏ ଏଥିରେ ମଧ୍ୟ ମାଷ୍ଟର କାର୍ଡ ସ୍ମାର୍ଟ ଡାଟା ଅନ୍‌ଲାଇନ୍ (ଏସଡିଓଏଲ୍) କୁ ସମ୍ପୃକ୍ତ କରାଯାଇଥାଏ ଏବଂ ଯାହା ଡାଟା ସର୍ଭିସେସ ଏବଂ କପିରାଇଟେଡ ଅନଲାଇନ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଇଥାଏ (ଏସଡିଓଏଲ) ଏବଂ ସେହି ଅନୁସାରେ ଆନୁଷଙ୍ଗିକ ଡକ୍ୟୁମେଣ୍ଟସନ୍‌ସ, ଫାଇଲ୍‌ସ, ତଥ୍ୟ ଏବଂ ବିଷୟବସ୍ତୁ ମାନଙ୍କର ଆଧୁନୀକିକରଣ ତଥା ପରିବୃଦ୍ଧି କରାଯାଇଥାଏ । **ଭିସା ସୂଚନା ପରିଚାଳନା ସେବା (ସର୍ଭିସେସ)**ଯଦି କମ୍ପାନି ଏବଂ କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା ଯୁଗ୍ମ ଭାବରେ ସର୍ଭିସେସ ଉପଲବ୍ଧ କରାଯାଇଥାଏ, ସମୟାନୁକ୍ରମେ ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ସୂଚିତ କରାଯାଉଥିବା ଚୁକ୍ତି ଓ ସର୍ତ୍ତାବଳୀ ଅନୁସାରେ କମ୍ପାନି ଏବଂ କାର୍ଡଧାରୀ ସଦସ୍ୟ ସର୍ଭିସେସ'ର ଉପଯୋଗ କରି ପାରିବେ । କମ୍ପାନି ଏହା ସୁନିଶ୍ଚିତ କରାଇବେ ଯେ ସର୍ଭିସେସ ସୁବିଧା ପ୍ରାପ୍ତ କରୁଥିବା କାର୍ଡଧାରୀ ସଦସ୍ୟ (ଗଣ) ସମସ୍ତ ଲାଗୁ କରାଯାଉଥିବା ଆଇନ ଅନୁସାରେ ନୋଟିସ ପାଇ ପାରିଛନ୍ତି ଏବଂ ପରିବର୍ଦ୍ଧିତ ତଥ୍ୟକୁ ମିଶାଇ ସେମାନଙ୍କ ସମ୍ବନ୍ଧରେ କେତେକ ତଥ୍ୟ ଯାହା କମ୍ପାନିଙ୍କ ଦ୍ୱାରା ସହଜ ପ୍ରାପ୍ୟ ହୋଇ ପାରିଛି । କମ୍ପାନି ଏବଂ କାର୍ଡଧାରୀ ସଦସ୍ୟ ସର୍ଭିସେସରୁ କୌଣସି ପ୍ରକାର ତଥ୍ୟର ଡାଉନଲୋଡ ପ୍ରକ୍ରିୟା ମାଧ୍ୟମରେ ରିପୋର୍ଟ୍‌ସର ବିସ୍ତାର ପାଇଁ, ଫାଇଲ, ନିଷ୍କର୍ଷଣ ଏବଂ ଅନ୍ୟ କୌଣସି ତଥ୍ୟ ପାଇଁ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବେ । ସର୍ଭିସେସ ବ୍ୟବହାର କାରଣରୁ ଉପୁଜୁଥିବା ସମସ୍ତ **ଦାବି** ଏବଂ **ଦାୟିତ୍ୱ** ପାଇଁ କାର୍ଡଧାରୀ ସଦସ୍ୟ ଓ କମ୍ପାନି ଆଇସିଆଇସିଆଇ ବ୍ୟାଙ୍କର କୌଣସି ଅନିଷ୍ଟ କରିବା ଅନୁଚିତ । ଏହି ଖଣ୍ଡ ଉଦ୍ଦେଶ୍ୟରେ କ୍ଲେମ (ଦାବି) ଅନ୍ତର୍ଗତ ବିଷୟମାନ ହେଲା ଯଥା, ବ୍ୟକ୍ତିଗତ ଆଘାତ, ସମ୍ପତ୍ତି ହାନି, କ୍ଷତି (ପ୍ରତି ଲାଭ କିମ୍ବା ସଞ୍ଚୟ ହାନି, ପରୋକ୍ଷ ଅବଶ୍ୟମ୍ଭାବି, ସ୍ୱତନ୍ତ୍ର ସତର୍କକାରୀ ଶାସ୍ତିମୂଳକ ଦଣ୍ଡ କିମ୍ବା ଆନୁସଙ୍ଗିକ) କ୍ଷତି, ଦଣ୍ଡ, ଜୋରିମାନା, ମୋକଦ୍ଦମା ବାବଦରେ ସମସ୍ତ ଖର୍ଚ୍ଚ ଓ ବ୍ୟୟ (ଓକିଲଙ୍କ ଫିସକୁ ମିଶାଇ) ଇତ୍ୟାଦି । (**ଦି କ୍ଲେମ**) ଦାୟିତ୍ୱ ଅର୍ଥ ଯେ କୌଣସି ସିଦ୍ଧାନ୍ତ ଅନ୍ତର୍ଗତ କିମ୍ବା କାର୍ଯ୍ୟନିର୍ବାହର ରୂପେ, ଆଇନରେ କିମ୍ବା ଇକ୍ୱିଟୀରେ ଅନ୍ତର୍ଗତ କୌଣସି ସୀମାବ୍ୟତୀତ ଔପଚାରିକ ବୁଝାମଣା କିମ୍ବା ଅନ୍ୟାୟ, ଅବହେଳା, ଏପରିକି କୌଣସି ଦାୟିତ୍ୱପୂର୍ଣ୍ଣ ପକ୍ଷ ଯାହାକୁ ସମ୍ଭାବ୍ୟ କ୍ଷତି ସମ୍ବନ୍ଧରେ ସତର୍କ କରାଇ ଦିଆଯାଇଛି । ଅନ୍ୟାମାନଙ୍କର ବୌଦ୍ଧିକ ସମ୍ପତ୍ତି ଜନିତ ଅଧିକାରରେ ଅତିକ୍ରମଣ କିମ୍ବା ତୃତୀୟ ପକ୍ଷର ଦାବିଜନିତ କୌଣସି ଦାୟିତ୍ୱ (**''ଲାଏବିଲିଟିକୁ''**) କାର୍ଡଧାରୀ ସଦସ୍ୟ ଏବଂ କମ୍ପାନିଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ସର୍ଭିସେସ (ସେବା) ସର୍ବଦା ଭିସା ଆନ୍ତର୍ଜାତୀୟ ପରିଚାଳନ ନିୟମ (ଯାହା ସମୟାନୁକ୍ରମେ ସଂଶୋଧିତ କରାଯାଇଥାଏ) ବିଷୟାଧିନ ଅଟେ ।

ପ୍ରତ୍ୟେକ କାର୍ଡଧାରୀ ସଦସ୍ୟ ଏବଂ କମ୍ପାନି ଯୁଗ୍ମ ଭାବରେ ଏବଂ ଅନେକ ଭାବରେ କାର୍ଡ ଆକାଉଣ୍ଟରେ ଲାଗୁ କରାଯାଉଥିବା ସମସ୍ତ ଚାର୍ଜେସ ପାଇଁ ଦାୟୀ ରହିବେ କାର୍ଡ ମେମ୍ବରଙ୍କୁ ପ୍ରଦାନ କରାଯାଇଥିବା କାର୍ଡର ବ୍ୟବହାର ପାଇଁ ଉଭୟ କାର୍ଡ ମେମ୍ବର ଏବଂ କମ୍ପାନି ଯୁଗ୍ମ ଭାବରେ ଦାୟୀ ରହିବେ।

ଆଇସିଆଇସିଆଇ ବ୍ୟାଙ୍କ କାର୍ଡ (ମାନ) ବ୍ୟବହାର ଦ୍ୱାରା ଉତ୍ପନ୍ନ ଚାର୍ଜେସର ବିବରଣୀ କାର୍ଡ ଆକାଉଣ୍ଟରେ ସୂଚିତ କରିବା ସହିତ କମ୍ପାନିଙ୍କ ନିକଟକୁ ପଠାଇ ଦେବେ। ଯଦି କମ୍ପାନି ସେପରି ଭାବରେ ନିର୍ଦ୍ଦେଶ କରିଥିବେ, ତେବେ ଆଇସିଆଇସିଆଇ ବ୍ୟାଙ୍କ ପ୍ରତ୍ୟେକ ସଦସ୍ୟଙ୍କ ନିକଟକୁ ଏକ ବିବରଣୀ ପଠାଇ ଦେବେ। ସେ ସମସ୍ତ ବିବରଣୀ କାର୍ଡଧାରୀ ସଦସ୍ୟଙ୍କ ପାଇଁ ଲାଗୁ ହେଉଥିବା ସର୍ତ୍ତ ଅନୁସାରେ ନିର୍ଣ୍ଣୟ କରାଯାଇଥାଏ କାର୍ଡଧାରୀ ସଦସ୍ୟଙ୍କ ନିକଟକୁ ପଠାଯାଉଥିବା ବିବରଣୀ ଦ୍ୱାରା କାର୍ଡ ଆକାଉଣ୍ଟରେ କମ୍ପାନିଙ୍କ ସମସ୍ତ ଚାର୍ଜେସର ଆର୍ଥିକ ଦାୟିତ୍ୱ କୌଣସି ଉପାୟରେ ପ୍ରଭାବିତ କରିପାରିବ ନାହିଁ, ଯାହା କମ୍ପାନିଙ୍କ ନିର୍ଦ୍ଦେଶ ଅନୁସାରେ ହୋଇଥାଉ କିମ୍ବା ନ ହୋଇଥାଉ। ବିଲିଙ୍ଗ ଠିକଣା, ସମ୍ପର୍କ ନମ୍ବର ଏବଂ ଇ-ମେଲ ଆଇଡି ପ୍ରଭୃତିରେ କୌଣସି ପରିବର୍ତ୍ତନ କରାଯାଇଥିଲେ କମ୍ପାନି ତୁରନ୍ତ ଏ ପ୍ରକାର ପରିବର୍ତ୍ତନ ସମ୍ବନ୍ଧରେ ଆଇସିଆଇସିଆଇ ବ୍ୟାଙ୍କଙ୍କୁ ବିଜ୍ଞପ୍ତି ପଠାଇବା ପାଇଁ ରାଜି ହୋଇଥାଆନ୍ତି।

ଆଇସିଆଇସିଆଇ ବ୍ୟାଙ୍କ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ବଳରେ କାରଣ ଆଉ କିମ୍ବା ନଥାଉ ଏବଂ ବିନା କୌଣସି ଦାୟିତ୍ୱ ଗ୍ରହଣ ନକରି କାର୍ଡ ଆକାଉଣ୍ଟ କିମ୍ବା କୌଣସି କାର୍ଡ (ମାନ) ଫେରାଇ ନେଇ ପାରିବେ। ଯଦି କୌଣସି କାର୍ଡଧାରୀ ସଦସ୍ୟଙ୍କ କାର୍ଡ ଆଇସିଆଇସିଆଇ ବ୍ୟାଙ୍କ ଫେରସ୍ତ ନେଇଥିବେ କିମ୍ବା କମ୍ପାନିଙ୍କ ଅନୁରୋଧ କ୍ରମେ ସେହି କାର୍ଡ ରଦ୍ଦ କରିଥିବେ, ଆଇସିଆଇସିଆଇ ବ୍ୟାଙ୍କ ତୁରନ୍ତ କମ୍ପାନିଙ୍କୁ ବିଜ୍ଞପ୍ତି ପଠାଇବେ ଏବଂ କମ୍ପାନି ତାଙ୍କର ପ୍ରଚେଷ୍ଟା ମାଧ୍ୟମରେ କାର୍ଡ ମେମ୍ବରଙ୍କୁ ବିଜ୍ଞପ୍ତି ପଠାଇବେ। କାର୍ଡଧାରୀ ସଦସ୍ୟ ତାଙ୍କ କାର୍ଡର ଫେରସ୍ତ କିମ୍ବା ରଦ୍ଦ କରଣ ସୂଚନା ପାଇବା ପରେ ସେହି ରଦ୍ଦ କିମ୍ବା ଫେରସ୍ତ ପ୍ରତ୍ୟେକ କାର୍ଡକୁ ଚାରି ଖଣ୍ଡରେ କାଟି ଦେବା ଆବଶ୍ୟକ, ଯେପରି ହୋଲୋଗ୍ରାମ ଏବଂ ଚୁମ୍ବକୀୟ ଫିତା ଠିକ୍‌ରେ ନଷ୍ଟ କରାଯାଇ ପାରିବ। ତାପରେ ସେହି କାର୍ଡକୁ ଆଇସିଆଇସିଆଇ ବ୍ୟାଙ୍କରେ ସମର୍ପଣ କରିଦେବା ଆବଶ୍ୟକ କମ୍ପାନି ଏବଂ/କିମ୍ବା କୌଣସି କାର୍ଡଧାରୀ ସଦସ୍ୟ ଯେକୌଣସି ସମୟରେ କୌଣସି କାରଣ ଦର୍ଶାଇ କିମ୍ବା ନ ଦର୍ଶାଇ ମଧ୍ୟ 45 ଦିନ ପୂର୍ବରୁ ଲିଖିତ ନୋଟିସ ଜରିଆରେ ଆଇସିଆଇସିଆଇ ବ୍ୟାଙ୍କଙ୍କୁ ତାଙ୍କ ନାମରେ ପ୍ରଦାନ କରାଯାଇଥିବା କାର୍ଡ୍‌ସ'ର ରଦ୍ଦକରଣ ପାଇଁ ଅନୁରୋଧ କରିପାରିବେ। ଏଥି ପାଇଁ ନିମ୍ନୋକ୍ତ ଠିକଣାରେ କାର୍ଡଧାରୀ ସଦସ୍ୟ ଜଣାଇବା ଆବଶ୍ୟକ : ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ, ଆଇସିଆଇସିଆଇ ବ୍ୟାଙ୍କ ଫୋନ ବ୍ୟାଙ୍କିଙ୍ଗ ସେଣ୍ଟର, ଆଇସିଆଇସିଆଇ ବ୍ୟାଙ୍କ ଟାୱାର, ସପ୍ତମ ମହଲା, ସର୍ଭେ ନମ୍ବର: 115/27, ପ୍ଲଟ ନମ୍ବର-12, ନାନକରମଗୁଡ଼ା, ସେରିଲିଙ୍ଗମପଲ୍ଲୀ, ହାଇଦ୍ରାବାଦ- 500032, ଭାରତ।

କମ୍ପାନି ଆଇସିଆଇସିଆଇ ବ୍ୟାଙ୍କକୁ କାର୍ଡ ଖାରଜ /ସମାପ୍ତ ହେଲା ପରେ ଏବଂ ଏଠାରେ ବର୍ଣ୍ଣିତ ବ୍ୟବସ୍ଥା ଅନୁସାରେ ଆଇସିଆଇସି ବ୍ୟାଙ୍କଙ୍କୁ ଫେରସ୍ତ ହେଲା ପର୍ଯ୍ୟନ୍ତ କାର୍ଡରେ ଉପୁଜିଥିବା ଦେୟ ବାବଦକୁ କ୍ଷତି ପୂରଣ ଦେବେ ଏବଂ ଆଇସିଆଇସିଆଇ ବ୍ୟାଙ୍କକୁ କୌଣସି ସମ୍ପୂର୍ଣ୍ଣ କ୍ଷତି କାର୍ଡର ରଦ୍ଦ କରଣ ପାଇଁ (ବେଆଇନ ଅନୁସାରେ କିମ୍ବା ଅନ୍ୟ କିଛି) ଦାୟୀ କରିବେ ନାହିଁ କିମ୍ବା ଅନିଷ୍ଟ କରିବେ ନାହିଁ। ନିଯୁକ୍ତ ସମାପନର ବିଜ୍ଞପ୍ତି ନଥାଇ କିମ୍ବା କମ୍ପାନିଙ୍କ ଦ୍ୱାରା କାର୍ଡ ରଦ୍ଦ କରିବା ପାଇଁ ଅନୁମୋଦନ ବୈଧ ବୋଲି ବିବେଚିତ କରାଯିବ, କେବଳ ଯଦି ଅଭିସ୍ୱୀକୃତି ବଦଳରେ କମ୍ପାନି ଲିଖିତ ଆକାରରେ ପ୍ରଦାନ କରିଥିବେ। କମ୍ପାନି ଆଇସିଆଇସିଆଇ ବ୍ୟାଙ୍କର ଯଥୋଚିତ ଅନୁରୋଧ କ୍ରମେ ଯେକୌଣସି ସନ୍ଦେଶ ବା ସୂଚନା ପ୍ରଦାନ କରିପାରିବେ ଯଥା କୌଣସି କାର୍ଡଧାରୀ ସଦସ୍ୟଙ୍କ ଠିକଣା, ତାଙ୍କର ନିଯୁକ୍ତି ସୂଚନା, କିମ୍ବା ସେହି କାର୍ଡଧାରୀ ସଦସ୍ୟଙ୍କ ଦ୍ୱାରା କାର୍ଡର ବ୍ୟବହାର ଇତ୍ୟାଦି। ଅନୁରୋଧ କ୍ରମେ କମ୍ପାନି ଉପଲବ୍ଧ ଡକ୍ୟୁମେଣ୍ଟେସନ୍‌ସ କିମ୍ବା ନକଲମାନ କିମ୍ବା ସେ ପ୍ରକାର ବ୍ୟବହାର ପାଇଁ ସପୋର୍ଟ ଇତ୍ୟାଦି ଆଇସିଆଇସିଆଇ ବ୍ୟାଙ୍କକୁ ଦେଇପାରିବେ କାର୍ଡର ବ୍ୟବହାର କାରଣରୁ କମ୍ପାନି ମଧ୍ୟ ଆଇସିଆଇସିଆଇ ବ୍ୟାଙ୍କ ଯେ କୌଣସି ଅନୁସନ୍ଧାନ, ବିବାଦ, ଅଭିଯୁକ୍ତ କରଣ, ମୋକଦ୍ଦମା ବିଷୟରେ ସହଯୋଗ କରିବେ।

ଉଭୟ ଆଇସିଆଇସିଆଇ ବ୍ୟାଙ୍କ ଏବଂ କମ୍ପାନି ଅନ୍ୟ ପକ୍ଷକୁ ଯେ କୌଣସି ସମୟରେ 45 ଦିନ ପୂର୍ବରୁ ଲିଖିତ ନୋଟିସ ଜରିଆରେ ଦେଇ ଏହି ବ୍ୟବସ୍ଥାକୁ ବାତିଲ କରିଦେଇ ପାରିବେ। ଏହି ବ୍ୟବସ୍ଥାର ସମାପନ କାରଣରୁ କାର୍ଡ ଆକାଉଣ୍ଟରେ ଥିବା ସମସ୍ତ କାର୍ଡ୍‌ସର ରଦ୍ଦକରଣ କରାଯିବା ସତ୍ତ୍ୱେ କମ୍ପାନି ପୂର୍ବରୁ ଏବଂ ପରେ ସମସ୍ତ ଚାର୍ଜେସ ପାଇଁ ଦାୟୀ ରହିବେ।ସମସ୍ତ ବ୍ୟବସ୍ଥା କିମ୍ବା କାର୍ଡ ଆକାଉଣ୍ଟର ରଦ୍ଦକରଣ ପୂର୍ବରୁ ଏବଂ ପରେ କାର୍ଡ ଆକାଉଣ୍ଟରେ ପ୍ରଚଳିତ ରଦ୍ଦ କାର୍ଡ ଆଇସିଆଇସିଆଇ ବ୍ୟାଙ୍କକୁ ଫେରସ୍ତ ଦିଆଯାଇଥାଏ।

କାର୍ଡ୍‌ସଗୁଡିକ ରଦ୍ଦ କରାଯିବା ସତ୍ତ୍ୱେ କାର୍ଡ ଆକାଉଣ୍ଟ ଏବଂ ବ୍ୟବସ୍ଥାର ବାତିଲ ପୂର୍ବରୁ ଏବଂ ପରେ କାର୍ଡ ଆକାଉଣ୍ଟର ବକେୟା ଦେୟ କାର୍ଡ୍‌ସ ମାନ ଆଇସିଆଇସିଆଇ ବ୍ୟାଙ୍କକୁ ଫେରସ୍ତ କରାଯିବା ପର୍ଯ୍ୟନ୍ତ ଉତ୍ପନ୍ନ ହେଉଥିବା ସମସ୍ତ ଚାର୍ଜେସ ପାଇଁ କମ୍ପାନି ଦାୟୀ ରହିବେ ।

ସହାୟକ କାର୍ଡ୍‌ସର ସୁବିଧା, ବାଲାନ୍‌ସ ହସ୍ତାନ୍ତରଣ ସୁବିଧା, ଆଇ ଆସ୍ୟୁର ସେବା ଏବଂ ବାଣିଜ୍ୟ/ବାଣିଜ୍ୟ ସଂସ୍ଥାଭିତ୍ତିକ ଏଷ୍ଟାବ୍ଲିସ୍‌ମେଣ୍ଟ ଇନଷ୍ଟଲମେଣ୍ଟ ପ୍ରୋଗ୍ରାମ, କର୍ପୋରେଟ କ୍ରେଡିଟ କାର୍ଡ୍‌ସ କ୍ଷେତ୍ରରେ ଲାଗୁ ହେବ ନାହିଁ।

**ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ**

ରେଜିଷ୍ଟାର୍ଡ ଅଫିସ : ଲ୍ୟାଣ୍ଡମାର୍କ, ରେସ୍ କୋର୍ସ, ଭାଦୋଦରା - 390007

କର୍ପୋରେଟ ଅଫିସ : ଆଇସିଆଇସିଆଇ ବ୍ୟାଙ୍କ ଟାୱର୍ସ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବାଇ - 400051

ସ୍ୱୀକାରୋକ୍ତି:

ଆଇସିଆଇସିଆଇ ବ୍ୟାଙ୍କ ଏହାର ନିଜସ୍ୱ ଅଧିକାର ବଳରେ ବାହ୍ୟ ସେବା ପ୍ରଦାନକାରୀମାନଙ୍କୁ /ଏଜେଣ୍ଟମାନଙ୍କୁ ଏବଂ ଅନ୍ୟ ଆବଶ୍ୟକ ବ୍ୟବସ୍ଥାଗୁଡିକୁ ଆବଶ୍ୟକସ୍ଥଳେ ଏହାର ପ୍ରଡକ୍ଟ ଏବଂ ସେବା ନିମନ୍ତେ ବ୍ୟବହାର କରିଥାଏ।

ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆଇ-ମ୍ୟାନ ଲୋଗୋ ଆଇସିଆଇସିଆଇ ବ୍ୟାଙ୍କର ଟ୍ରେଡମାର୍କ ଏବଂ ସଂପତ୍ତି। କୌଣସି ବୌଦ୍ଧିକ ସଂପତ୍ତିର ଅପବ୍ୟବହାର ଏବଂ ଏଠାରେ ପ୍ରଦର୍ଶିତ ଅନ୍ୟ ବିଷୟବସ୍ତୁର ଅପବ୍ୟବହାର ନିଷେଧ କରାଯାଇଛି।